RNI No.ODIODI/2010/33031
୧୭ ବର୍ଷ | Volume-17
ISSUE -173 | ସଂଖ୍ୟା-୧୭୩
ଭୁବନେଶ୍ୱର, ବୁଧବାର ୨୩ ସେପ୍ଟେମ୍ବର ୨୦୨୬
Bhubaneswar, Wednesday 23 September, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର





ସପ୍ତଦଶ ବିଧାନ ସଭାର ୭ମ ଅଧିବେଶନର ପ୍ରଥମ ଦିନରେ ଓଡ଼ିଶା ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

## ଆରମ୍ଭରୁ ହଙ୍ଗାମା

**ଭୁବନେଶ୍ୱର,୨୨।୯(ନି.ପ୍ର.):** ପ୍ରଥମ ଦିନରୁ ହୋହଲ୍ଲା। ପାଟିତୁଣ୍ଡ ଓ ହଙ୍ଗାମାରେ କମ୍ପିଲା ବିଧାନସଭା। ଶୋକ ପ୍ରସ୍ତାବ ପରେ ବିରୋଧୀଙ୍କ ପ୍ରତିବାଦରୁ ପ୍ରଥମାର୍ଦ୍ଧ ଓ ଅପରାହ୍ନ ଅଧିବେଶନ ମାଡ ଖାଇ ଯାଇଛି । ପାଟିତୁଣ୍ଡ ମଧ୍ୟରେ ଗୃହରେ ୬ଟି ବିଲ୍ ଆଗତ ହୋଇଛି ।

ବିଧାନସଭା ଆରମ୍ଭରୁ ବହି ତ୍ରୁଟି ପ୍ରସଙ୍ଗକୁ ମୁଦ୍ଦା କରି ସରକାରଙ୍କୁ ଘେରିଛି ବିଜେଡି । ବିଧାନସଭା ଆରମ୍ଭ ହେବା ମାତ୍ରେ ଏ ପ୍ରସଙ୍ଗରେ ଗୃହ ଭିତରେ ନାରାବାଜି ସହ ପ୍ରତିବାଦ କରିଥିଲେ ଦଳର ସଦସ୍ୟ । ଏହାପରେ ବିଧାନସଭାରୁ ପ୍ରତିବାଦ ରାଲି କରି ବିଜେଡି ଯୁବ ଛାତ୍ର ପ୍ରତିବାଦ କରୁଥିବା ସ୍ଥାନକୁ ପଦ ଯାତ୍ରା କରିଥିଲେ ସବୁ ବିଧାୟକ। କଂଗ୍ରେସ ସଭ୍ୟମାନେ ମଧ୍ୟ ଏମଏମଡିଆର ସଂଶୋଧନ ଆଇନକୁ ତୀବ୍ର ବିରୋଧ କରି ବାଚସ୍ପତିଙ୍କ ଆସନ ନିକଟରେ ପ୍ରତିବାଦ ଜଣାଇଥିଲେ। ବିଜେଡି ଓ କଂଗ୍ରେସ ସଭ୍ୟଙ୍କ ହଙ୍ଗାମାରେ ଗୃହ କମ୍ପିଥିଲା। ବାଚସ୍ପତି ଗୃହକୁ ୧୧. ୩୮ ରୁ ୧ ଘଣ୍ଟା ୧୦ ମି ଯାଏ ମୁଲତବୀ ରଖିଥିଲେ। ଅପରାହ୍ନ ଅଧିବେଶନରେ ମଧ୍ୟ ବିରୋଧୀ ପ୍ରତିବାଦ ଜଣାଇଥିଲେ। ହଙ୍ଗାମା ପାଟିତୁଣ୍ଡ ମଧ୍ୟରେ ୬ଟି ବିଲ୍ ଆଗତ ହୋଇଥିଲା ।

ଓଡ଼ିଶା ରାଜ୍ୟ ବୃତ୍ତି, ବ୍ୟାପାର, ଏବଂ ନିଯୋଜନ କର ବିଲ୍, . ଓଡ଼ିଶା ଦ୍ରବ୍ୟ ଓ ସେବା କର ସଂଶୋଧନ ବିଲ୍, ସହ ଭାରତୀୟ ଷ୍ଟାମ୍ପ ଓଡ଼ିଶା ସଂଶୋଧନ ବିଲ୍ ଉପସ୍ଥାପନ ହୋଇଛି । ଏହାଛଡା ଓଡ଼ିଶା ରିପିଲିଂ ବିଲ୍ (ରଦ୍ଦକରଣ ବିଲ୍), ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ସଂଶୋଧନ ବିଲ୍, ଓଡ଼ିଶା ସାମୁଦ୍ରିକ ମାଛଧରା ନିଷେଧ ଓ ନିୟନ୍ତ୍ରଣ ବିଲ୍ ଗୃହରେ ଉପସ୍ଥାପିତ ହୋଇଛି । ଗୃହ ମୁଲତବୀ ନେଇ ବିଜେପି ପ୍ରତିକ୍ରିୟା ରଖିଛି ଯେ, ସରକାର ସମସ୍ତ ପ୍ରସଙ୍ଗରେ ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି। କିନ୍ତୁ ବିରୋଧୀ ତାହା ନବୁଝି ଆନ୍ଦୋଳନ କରୁଛନ୍ତି ।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ମଙ୍ଗଳବାର ଠାରୁ ବିଧାନସଭା ମୌସୁମୀ ଅଧିବେଶନ ଆରମ୍ଭ ହୋଇଛି । ରାଷ୍ଟ୍ରୀୟ ସଂଗୀତ ବନ୍ଦେ ମାତରମ୍ ଓ ଜାତୀୟ ସଙ୍ଗୀତ ଗାନରୁ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା । ଗୃହର ନେତା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ୨ ଜଣ ପୂର୍ବତନ ମନ୍ତ୍ରୀ ଦିବଂଗତ ଡମ୍ବରୁ ମାଝୀ, ସୁଶାନ୍ତ ସିଂ, ପୂର୍ବତନ ସରକାରୀ ମୁଖ୍ୟ ସଚେତକ ସତ୍ୟ ଭୂଷଣ ସାହୁ, ପୂର୍ବତନ ସଦସ୍ୟ ରାମମୂର୍ତ୍ତି ଗମାଙ୍ଗ, ହାଜି ମହମ୍ମଦ ଆୟୁବ ଖାଁ, ଶିବାଜୀ ମାଝୀ ଙ୍କ ସମେତ ନିକଟରେ ନେପାଳରେ ଘଟିଥିବା ଜଳ ପ୍ରଳୟରେ ପ୍ରାଣ ହରାଇଥିବା ବ୍ୟକ୍ତି ମାନଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରିଥିଲେ। ମୁଖ୍ୟମନ୍ତ୍ରୀ ସେହି ଦିବଂଗତଙ୍କ ସମ୍ପର୍କରେ ଅବତାରଣା କରି ଦୁଃଖ ପ୍ରକାଶ କରିଥିଲେ । ଶୋକ ପ୍ରସ୍ତାବକୁ ସମର୍ଥନ କରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମ ଚନ୍ଦ୍ର କାଡାମ, ସିପିଆଇ ନେତା ଓ ବାଚସ୍ପତି ସୁରମା ପାଢ଼ୀ ଶୋକ ବ୍ୟକ୍ତ କରିବା ସହ ସମବେଦନା ଅର୍ପଣ କରିଥିଲେ । ଏହା ପରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା ।

## ମାଡ଼ି ଆସୁଛି ପ୍ରବଳ ବର୍ଷା

ଭୁବନେଶ୍ୱର୨୨।୯(ନି.ପ୍ର.): ପଶ୍ଚିମ-କେନ୍ଦ୍ରୀୟ ଏବଂ ଏହାର ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଅବପାତ ସୃଷ୍ଟି ହୋଇଛି। ଏହା ପଶ୍ଚିମ ଆଡ଼କୁ ଗତି କରି ଆଜି ସକାଳ ୮ଟା ୩୦ରେ ଅକ୍ଷାଂଶ ୧୭.୯ସ୍ପ ଉତ୍ତର ଏବଂ ଦ୍ରାଘିମା ୮୬.୦ସ୍ପ ପୂର୍ବ ନିକଟରେ କେନ୍ଦ୍ରୀଭୂତ ହୋଇଛି। ଏହା ଗୋପାଳପୁର (ଓଡ଼ିଶା)ର ଦକ୍ଷିଣ-ପୂର୍ବରେ ପ୍ରାୟ ୨୦୦ କିମି, କଳିଙ୍ଗପଟ୍ଟନମ୍



(ଆନ୍ଧ୍ରପ୍ରଦେଶ)ର ପୂର୍ବ-ଦକ୍ଷିଣପୂର୍ବରେ ୨୦୦ କିମି, ପୁରୀ (ଓଡ଼ିଶା)ର ଦକ୍ଷିଣରେ ୨୧୦ କିମି ଏବଂ ବିଶାଖାପାଟଣା (ଆନ୍ଧ୍ରପ୍ରଦେଶ)ର ପୂର୍ବରେ ୨୯୦ କିମି ଦୂରରେ ରହିଛି। ଏହା ପଶ୍ଚିମ-ଉତ୍ତରପଶ୍ଚିମ ଆଡ଼କୁ ଗତି କରି ପଶ୍ଚିମ-କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଗଭୀର ଅବପାତରେ ପରିଣତ ହୋଇଛି।

କ୍ରମାଗତ ଭାବେ ପଶ୍ଚିମ-ଉତ୍ତରପଶ୍ଚିମ ଆଡ଼କୁ ଗତି କରି ଏହା ଏକ ଗଭୀର ଅବପାତ ରୂପେ ୨୩ ତାରିଖ ରାତିରୁ ୨୪ ସେପ୍ଟେମ୍ବର ୨୦୨୬ ପ୍ରାକ୍ ପ୍ରତ୍ୟୁଷ ମଧ୍ୟରେ ବିଶାଖାପାଟଣା ଏବଂ ଗୋପାଳପୁର ମଧ୍ୟବର୍ତ୍ତୀ ଉତ୍ତର ଆନ୍ଧ୍ରପ୍ରଦେଶ-ଦକ୍ଷିଣ ଓଡ଼ିଶା ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି। ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଉପକୂଳ ଓଡିଶା ଏବଂ ଦକ୍ଷିଣ ଓଡିଶାରେ ଅଧିକାଂଶ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ।

ପ୍ରବଳ ବର୍ଷା ଆଶଙ୍କାକୁ ନେଇ ପୁରୀ ଜିଲ୍ଲା ପ୍ରଶାସନର ବଡ ନିଷ୍ପତ୍ତି। ଆସନ୍ତାକାଲି ୨୩/୦୯/୨୬ ରିଖ ମଙ୍ଗଳବାର ଦିନ ପୁରୀ ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ଘରୋଇ ସ୍କୁଲରେ ଶିଶୁ ବାଟିକାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ କ୍ଲାସ ବନ୍ଦ ରହିବ। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ, ପୁରୀଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଶିକ୍ଷା ଅଧିକାରୀ ଏହି ସୂଚନା ଜାରି କରିଛନ୍ତି।ତେବେ ସମସ୍ତ ଶିକ୍ଷକ ଓ କର୍ମଚାରୀ ସ୍କୁଲରେ ଉପସ୍ଥିତ ରହି ପେଣ୍ଡିଂ କାମ କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି।

ବଙ୍ଗୋପସାଗରରେ ଗଭୀର ଅବପାତଜନିତ ବର୍ଷା ନେଇ ଆଇଏମ୍‌ଡି ଡିଜି ଡ. ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଆଜି ସନ୍ଧ୍ୟା ଠାରୁ ରାତି ଭିତରେ ଅବପାତ ଗଭୀର ରୂପ ନେବ। ଏହା ପଶ୍ଚିମ ଉତ୍ତରପଶ୍ଚିମ ଦିଗକୁ ଗତି କରି ୨୩ ତାରିଖ ରାତିରେ ଉପକୂଳ ଛୁଇଁବ। ବିଶାଖାପାଟଣା ଓ ଗୋପାଳପୁର ମଧ୍ୟ ଦେଇ ଅବପାତ ଉପକୂଳ ଅତିକ୍ରମ କରିବ। କିନ୍ତୁ ଉପକୂଳକୁ ଆସିଲା ବେଳେ ଗଭୀର ଅବପାତର ଗତି କମିଯିବ। ଅଧିକ ସମୟ ଦକ୍ଷିଣ ଓଡ଼ିଶା ଏବଂ ଉପକୂଳ ଓଡିଶାରେ ରହିବାରୁ ଅଧିକ ବର୍ଷିବ। ୨୪ ତାରିଖ ବେଳକୁ ଉପକୂଳରେ ବର୍ଷା କମିବ। ଆଭ୍ୟନ୍ତରରେ ଅଧିକ ବର୍ଷିବ। ପରେ ଏହା ଉତ୍ତର ଉତ୍ତରପଶ୍ଚିମ ହୋଇ ଛତିଶଗଡ଼ ଅଭିମୁଖେ ଗତି କରିବ। ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ଓ ମାଟି ଅତଡ଼ା ଖସିବାର ଆଶଙ୍କା ରହିଛି। ସେହିପରି ଧାନ ସହିତଓ ଅନ୍ୟ ଫସଲ ନଷ୍ଟ ହୋଇପାରେ। କୋରାପୁଟରେ ସମସ୍ତ ସ୍କୁଲକୁ ଦୁଇ ଦିନ ପାଇଁ ବନ୍ଦ ଘୋଷଣା କରାଯାଇଥିବା ବେଳେ ଗଞ୍ଜାମରେ ସ୍କୁଲ ସମେତ ସମସ୍ତ ଡିଗ୍ରୀ କଲେଜ, ବୈଷୟିକ ଶିକ୍ଷାନୁଷ୍ଠାନ ଏବଂ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ବିଭାଗଗୁଡ଼ିକୁ ଗୋଟିଏ ଦିନ ପାଇଁ ବନ୍ଦ ରଖିବାକୁ ଆଦେଶ ହୋଇଛି। ଜଗତସିଂହପୁର ଓ ପୁରୀ ଜିଲ୍ଲାରେ ସବୁ ଅଙ୍ଗନବାଡି କେନ୍ଦ୍ର ଓ ସ୍କୁଲ୍‌କୁ ଛୁଟି ଘୋଷଣା କରାଯାଇଛି। ଜିଲ୍ଲାପାଳଙ୍କ ତରଫରୁ ଏହି ଘୋଷଣା କରାଯାଇଛି। ଆଜି ମଧ୍ୟ ଜିଲ୍ଲାରେ ସମସ୍ତ ସ୍କୁଲ ସହିତ ଅଙ୍ଗନବାଡି କେନ୍ଦ୍ରଗୁଡିକୁ ଛୁଟି ଘୋଷଣା କରାଯାଇଥିଲା। ଅନ୍ୟପକ୍ଷରେ ହେଡ୍ କ୍ୱାର୍ଟର୍ସ ଛାଡି ନଯିବାକୁ ସମସ୍ତ ସରକାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ବନ୍ଦେ ମାତରମ୍‌ର ସବୁ ପଦ ନ ଗାଇଲେ ଅପରାଧ ହେବନି : ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ,୨୨।୯(ନି.ପ୍ର): ବନ୍ଦେ ମାତରମ୍‌ର ଗୋଟିଏ ବା ସମସ୍ତ ପଦ ଗାଇବାକୁ ମନା କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଅପରାଧିକ ମାମଲା ଚାଲିବା ଉଚିତ ନୁହେଁ ବୋଲି ସୁପ୍ରିମ୍‌କୋର୍ଟ ମଙ୍ଗଳବାର ଶୁଣାଣି ସମୟରେ ମତ ଦେଇଛନ୍ତି। ତେବେ ଏହା ଏବେ ବିଧିବଦ୍ଧ ରାୟ ନୁହେଁ। ବନ୍ଦେ ମାତରମ୍ ଗାଇବାକୁ ବାଧ୍ୟ କରିବା ସମ୍ପର୍କିତ ୨୦୨୬ର ସଂଶୋଧିତ ଆଇନର ସାମ୍ବିଧାନିକ ବୈଧତା ନେଇ ଆଗତ ଆବେଦନ ଉପରେ କେନ୍ଦ୍ର ସରକାରଙ୍କଠାରୁ ଦୁଇ ସପ୍ତାହ ମଧ୍ୟରେ ଜବାବ ମାଗିଛନ୍ତି କୋର୍ଟ।

ବନ୍ଦେ ମାତରମ୍‌ର ସମ୍ପୂର୍ଣ୍ଣ ୬ଟି ପଦ ଗାଇବାକୁ କେତେକ ସରକାରୀ, ସାଂସ୍କୃତିକ ଓ ଔପଚାରିକ କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ରହିଛି। ଏହାକୁ ନେଇ କର୍ଣ୍ଣାଟକୀ ସଙ୍ଗୀତଶିଳ୍ପୀ ଟି.ଏମ୍. କୃଷ୍ଣ ସୁପ୍ରିମ୍‌କୋର୍ଟରେ ଆବେଦନ କରିଛନ୍ତି। ୨୦୨୬ରେ ସଂଶୋଧିତ ଆଇନର ଧାରା ୩କୁ ସେ ଚ୍ୟାଲେଞ୍ଜ କରିଛନ୍ତି। ଏହି ସଂଶୋଧନ ଅନୁସାରେ ବନ୍ଦେ ମାତରମ୍ ଗାଇବାକୁ ଜାଣିଶୁଣି ବାଧା ଦେବା କିମ୍ବା ଏହା ଗାଉଥିବା ସଭାରେ ବିଶୃଙ୍ଖଳା ସୃଷ୍ଟି କରିବା ଅପରାଧ ଏବଂ ଏଥିପାଇଁ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍, ଜରିମାନା କିମ୍ବା ଉଭୟର ବ୍ୟବସ୍ଥା ରହିଛି।

ବିଚାରପତି ଜୟମାଲ୍ୟ ବାଗ୍‌ଚୀ ଶୁଣାଣି ସମୟରେ





୧୯୮୬ର 'ବିଜୋଏ ଇମାନୁଏଲ୍ ବନାମ କେରଳ' ମାମଲାରେ ସୁପ୍ରିମ୍‌କୋର୍ଟଙ୍କ ରାୟର ଉଲ୍ଲେଖ କରିଥିଲେ। ସେହି ରାୟରେ ଧାର୍ମିକ ବିଶ୍ୱାସ କାରଣରୁ ଜାତୀୟ ସଙ୍ଗୀତ ନ ଗାଉଥିବା ଛାତ୍ରଛାତ୍ରୀଙ୍କ ଅଧିକାରକୁ ସୁରକ୍ଷା ଦିଆଯାଇଥିଲା। ବିଚାରପତି ବାଗ୍‌ଚୀ କହିଥିଲେ, ସେହି ରାୟରେ ଘୋଷିତ ଆଇନ ଏପର୍ଯ୍ୟନ୍ତ ବଦଳିନାହିଁ। ତେଣୁ ବିବେକାଧୀନ ଆପତ୍ତି ରଖୁଥିବା ବ୍ୟକ୍ତି ବନ୍ଦେ ମାତରମ୍‌ର ଗୋଟିଏ ବା ସମସ୍ତ ପଦ ନ ଗାଇଲେ ତାଙ୍କ ବିରୋଧରେ ଆପରାଧିକ ମାମଲା ହେବା ଉଚିତ ନୁହେଁ ବୋଲି ସେ ସଙ୍କେତ ଦେଇଥିଲେ।

ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗ୍‌ଚୀ ଓ ଭି. ମୋହନାଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରୁଛନ୍ତି। କୃଷ୍ଣଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଏସ୍. ମୁରଲୀଧର ମାମଲା ପରିଚାଳନା କରୁଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ୍ ତୁଷାର ମେହେଟ୍ଟା ଯୁକ୍ତି ରଖିଥିଲେ। ଶୁଣାଣି ସମୟରେ ମୁରଲୀଧର ଓ ମେହେଟ୍ଟାଙ୍କ ମଧ୍ୟରେ 'ନକ୍‌ଲ' ଶବ୍ଦ ବ୍ୟବହାରକୁ ନେଇ ତୀବ୍ର ବାକ୍‌ବିତଣ୍ଡା ମଧ୍ୟ ହୋଇଥିଲା। ତେବେ ଖଣ୍ଡପୀଠ କହିଥିଲେ ଯେ ମାମଲାର ସାମ୍ବିଧାନିକ ପ୍ରସଙ୍ଗ ଉପରେ ହିଁ ଧ୍ୟାନ ଦିଆଯିବ। ବନ୍ଦେ ମାତରମ୍‌ର ଛଅଟି ପଦ ଗାଇବା ବା ନଗାଇବାର ପ୍ରଶ୍ନ ଏବେ ସୁପ୍ରିମ୍‌କୋର୍ଟରେ ବିଚାରାଧୀନ ଥିବାରୁ ଏହା ଉପରେ କେନ୍ଦ୍ରର ଜବାବ ମିଳିବା ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

## ହର୍ମୁଜ ଖୋଲିବାକୁ ରାଜି ହେଲା ଇରାନ

ନୂଆଦିଲ୍ଲୀ୨୨।୯(ନି.ପ୍ର): ଇରାନ-ଆମେରିକା ଯୁଦ୍ଧ ପାଇଁ ଦୀର୍ଘ ମାସ ଧରି ବନ୍ଦ ରହିଥିବା ହର୍ମୁଜ ଜଳପ୍ରଣାଳୀକୁ ଖୋଲିବାକୁ ଇରାନ ରାଜି ହୋଇଛି । କିନ୍ତୁ ଏଥିପାଇଁ ଆମେରିକା ସାମ୍ନାରେ ବଡ଼ ସର୍ତ୍ତ ରଖିଛି । ଯଦି ଆମେରିକା ସାମରିକ ଚାପ ହ୍ରାସ କରେ ତେବେ ଇରାନ ହର୍ମୁଜ ପ୍ରଣାଳୀକୁ ଖୋଲିବାକୁ ପ୍ରସ୍ତୁତ ଜଣେ ବରିଷ୍ଠ ଅଧିକାରୀ ଆମେରିକାକୁ ସ୍ପଷ୍ଟ ସଙ୍କେତ ଦେଇଛନ୍ତି ।

ସମ୍ବାଦ ସରବରାହ ସଂସ୍ଥା 'ରଏଟର୍ସ' ଅନୁଯାୟୀ, ମିଳିତ ଜାତିସଂଘ ସାଧାରଣ ସଭା ପାଇଁ ନ୍ୟୁୟର୍କ ଆସିଥିବା ଇରାନୀ ପ୍ରତିନିଧି ଦଳକୁ ଆମେରିକା ସହିତ ଅଟକି ରହିଥିବା କୂଟନୈତିକ ଆଲୋଚନା ପୁନର୍ବାର ଆରମ୍ଭ କରିବା ପାଇଁ ସମ୍ପୂର୍ଣ୍ଣ ଅଧିକାର ଦିଆଯାଇଛି । ହର୍ମୁଜ ପ୍ରଣାଳୀ ପାଇଁ ପୁଣି ଥରେ ଆମେରିକା ସହିତ ଆଲୋଚନା କରିବାକୁ ସହମତି ଦେଇଛି । ଇରାନ ଦ୍ୱାରା ରଖାଯାଇଥିବା ଏହି ସର୍ତ୍ତ ପରେ, ବର୍ତ୍ତମାନ ସମସ୍ତଙ୍କ ନଜର ଆମେରିକାର ପରବର୍ତ୍ତୀ ପଦକ୍ଷେପ ଉପରେ ରହିଛି। ୨ ମାର୍ଚ୍ଚ ୨୦୨୬ରୁ ବାଣିଜ୍ୟିକ ଜାହାଜଗୁଡ଼ିକ ପାଇଁ ହରମୁଜ୍ ପ୍ରଣାଳୀ ମୁଖ୍ୟତଃ ବନ୍ଦ ରହିଛି। ଇରାନ ଏବଂ ଆମେରିକା ମଧ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନା ପରେ ଇରାନୀ ସେନା ଏହି ରଣନୈତିକ ସାମୁଦ୍ରିକ ପଥକୁ ବନ୍ଦ କରିବାକୁ ଘୋଷଣା କରିଥିଲା। ଯଦିଓ ଜୁନ୍ ଏବଂ ଜୁଲାଇ ମାସରେ ଏହାକୁ ସ୍ୱଳ୍ପ ସମୟ ପାଇଁ ଖୋଲିବାକୁ ଉଦ୍ୟମ କରାଯାଇଥିଲା, ତଥାପି ଜାହାଜଗୁଡ଼ିକ ଉପରେ ଆକ୍ରମଣ ଯୋଗୁଁ ଏହା ପୁନର୍ବାର ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ହର୍ମୁଜ୍ ପ୍ରଣାଳୀ ହେଉଛି ବିଶ୍ୱର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ, ଯାହା ମାଧ୍ୟମରେ ବିଶ୍ୱର ଏକ ବଡ଼ ଅଂଶର ଯୋଗାଣ କାର୍ଯ୍ୟ ସମ୍ପାଦିତ ହୋଇଥାଏ। ଏହି ପ୍ରଣାଳୀ ବନ୍ଦ ହେଲେ ବିଶ୍ୱସ୍ତରୀୟ ଶକ୍ତି ସଙ୍କଟ ଏବଂ ଅଶୋଧିତ ତେଲ ଦରରେ ତୀବ୍ର ବୃଦ୍ଧିର ଆଶଙ୍କା ରହିଥାଏ।

## ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କର ୩୦ ପ୍ଲଟ

### ୨ କୋଠା, ମାର୍କେଟ୍ କଂପ୍ଲେକ୍ସ ଓ ଗୋଦାମ ଠାବ; ନଗଦ ୩ ଲକ୍ଷ ଜବତ

ଭୁବନେଶ୍ୱର,୨୨।୯(ନି.ପ୍ର.): ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ମଙ୍ଗଳବାର ବରଗଡ଼ ଜିଲ୍ଲା କଟାଭାଲ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) କାର୍ତ୍ତିକେଶ୍ୱର ବେହେରାଙ୍କ ବାସଭବନ ସମେତ ୬ଟି ଠିକଣାରେ ଚାଉ କରିଛି ଭିଜିଲାନ୍ସ। ଚାଉ ଜାରି ରହିଥିବା ବେଳେ ତାଙ୍କଠାରୁ ପୁଳା ପୁଳା ସଂପତ୍ତି ଠାବ କରିଛି ଭିଜିଲାନ୍ସ। ତାଙ୍କ ସଂପତ୍ତି ମଧ୍ୟରେ ରହିଛି ୩୦ଟି ପ୍ଲଟ୍, ଦୁଇଟି ବହୁତଳ କୋଠା, ଗୋଟିଏ ମାର୍କେଟ କମ୍ପ୍ଲେକ୍ସ ଓ ଗୋଟିଏ ଗୋଦାମ। ସେହିପରି ତାଙ୍କ ଘରୁ ନଗଦ ୨ ଲକ୍ଷ ୯୮ ହଜାର ୧୭୭ ଟଙ୍କା ଜବତ କରାଯାଇଛି।ପିଇଓ କାର୍ତ୍ତିକେଶ୍ୱର ବେହେରାଙ୍କ ଦୁଇଟି ବହୁତଳ କୋଠା ମଧ୍ୟରୁ ଗୋଟିଏ ଗାଇସିଲେଟ ନିକଟସ୍ଥ କନ୍ଦାଗାଡରେ ଅଛି, ଯାହା ପ୍ରାୟ ୪୮୦୦ ବର୍ଗଫୁଟ ଜାଗା ଉପରେ ନିର୍ମାଣ ହୋଇଛି। ସେହିପରି ଗାଇସିଲେଟରେ ତାଙ୍କର ଏକ ୪ ମହଲା କୋଠା ନିର୍ମାଣାଧୀନ ରହିଛି। କନ୍ଦାଗାଡରେ ତାଙ୍କର ଏକ ମାର୍କେଟ୍ କମ୍ପ୍ଲେକ୍ସ ରହିଛି। ଏହା ୨୪୦୦ ବର୍ଗଫୁଟ ଜାଗାରେ ତିଆରି ହୋଇଛି। ସେହିପରି ସେଠାରେ ତାଙ୍କ ଏକ ଗୋଦାମ ଅଛି, ଯାହା ୧୫୦୦ ବର୍ଗଫୁଟ ଜାଗାରେ ନିର୍ମାଣ ହୋଇଛି। ତାଙ୍କର ପ୍ଲଟଗୁଡିକ ଗାଇସିଲେଟ ଓ କନ୍ଦାଗାଡରେ ଅଛି। ଏଗୁଡିକର ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସର ବୈଷୟିକ ଶାଖା ପକ୍ଷରୁ ମାପଚୁପ ଜାରି ରହିଛି।

ଏସବୁ ବାଦ୍ ତାଙ୍କର ଅନ୍ୟାନ୍ୟ ଜମା ଓ ନିବେଶ ରହିଛି। ସେଗୁଡିକର ଯାଞ୍ଚ ଜାରି ରହିଛି। ବର୍ତ୍ତମାନ ମାସିକ ୫୨ ହଜାର ୩୨୦ ଟଙ୍କା ବେତନ ପାଉଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) କାର୍ତ୍ତିକେଶ୍ୱର ବେହେରା ଗାଇସିଲେଟ ପଞ୍ଚାୟତର ସେକ୍ରେଟାରୀ ଭାବେ ସରକାରୀ ଚାକିରୀ ଆରମ୍ଭ କରିଥିଲେ। ସେତେବେଳେ ତାଙ୍କର ପ୍ରାରମ୍ଭିକ ଦରମା ଥିଲା ୫୦୦ ଟଙ୍କା। ୨୦୦୯ରେ ସେ ଭିଏଲ୍‌ଡବ୍ଲ୍ୟୁ ଭାବେ ପଦୋନ୍ନତି ପାଇଥିଲେ। ୨୦୧୨ରେ ସେ ପିଇଓ ହେଲେ। ୨୦୨୪ରୁ ସେ କଟାଭାଲରେ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ଭାବେ କାର୍ଯ୍ୟ କରି ଆସୁଛନ୍ତି। ଏହା ସହିତ ତାଙ୍କୁ ଗାଇସିଲେଟ ବ୍ଲକ୍‌ର ଫିରିଙ୍ଗମାଲ ସମେତ ଆଉ ଏକ ଗ୍ରାମ ପଞ୍ଚାୟତର ଦାୟିତ୍ୱ ଦିଆଯାଇଛି। ସେ ବରଗଡ ଜିଲ୍ଲାରେ ୩୦ରୁ ଅଧିକ ବର୍ଷ ହେଲା କାର୍ଯ୍ୟ କରୁଛନ୍ତି।

## ଅକ୍ଟୋବରରେ ଆସିବେ ରାଷ୍ଟ୍ରପତି

ଭୁବନେଶ୍ୱର,୨୨।୯(ନି.ପ୍ର.): ଆସନ୍ତା ଅକ୍ଟୋବର ୨୭ ତାରିଖରେ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଓଡ଼ିଶା ଆସୁଛନ୍ତି ରାଷ୍ଟ୍ରପତି ଦ୍ରୋପଦୀ ମୁର୍ମୁ। ରାଷ୍ଟ୍ରପତିଙ୍କ ଗସ୍ତ ନେଇ ସାଂସଦ ନବ ଚରଣ ମାଝୀ ସୂଚନା ଦେଇଛନ୍ତି ।



ସେ କହିଛନ୍ତି, 'ଅକ୍ଟୋବର ୨୭ରେ ରାଇରଙ୍ଗପୁର ଗସ୍ତ କରିବେ ଏବଂ ୨୮ରେ ଫେରିଯିବେ। ଏହି ଗସ୍ତ ମଧ୍ୟରେ ରାଷ୍ଟ୍ରପତି ମେଗା ଚକ୍ଷୁ ଚିକିତ୍ସା ଶିବିର କାର୍ଯ୍ୟକ୍ରମରେ ସାମିଲ ହେବେ । ସୂଚନା ଅନୁଯାୟୀ ଆସନ୍ତା ଅକ୍ଟୋବର ୨୬ରୁ ୩୦ ଯାଏଁ ମେଗା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହେବାକୁ ଯାଉଛି। ଆଉ ଏହି ମେଗା ଚକ୍ଷୁ ଚିକିତ୍ସା ଶିବିର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ସାମିଲ ହେବେ। ଏହିଶିବିରରେ ଦିଲ୍ଲୀର ୧୦୦ରୁ ଉର୍ଦ୍ଧ୍ୱ ଚକ୍ଷୁବିଶେଷଜ୍ଞ ଲୋକଙ୍କ ମାଗଣା ଚିକିତ୍ସା କରିବେ। ତେବେ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗସ୍ତ କାର୍ଯ୍ୟକ୍ରମ ନେଇ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ ନିଶ୍ଚିତ କରାଯାଇନାହିଁ।

## ସର୍ବଣା ବିବେକ ଏମ୍ ଭୁବନେଶ୍ୱର ଡିସିପି

ଭୁବନେଶ୍ୱର,୨୨।୯(ନି.ପ୍ର.): ସରକାର ଆଜି ଆଇପିଏସ୍‌ସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି। ବ୍ରହ୍ମପୁର ଏସ୍‌ପି ଥିବା ୨୦୧୫ ବ୍ୟାଚ୍‌ର ଆଇପିଏସ୍ ଅଫିସର ଡ. ସର୍ବଣା ବିବେକ ଏମ୍‌ଙ୍କୁ ଭୁବନେଶ୍ୱର ଡିସିପି ଭାବେ ବଦଳି କରାଯାଇଛି। ଜଗମୋହନ ମୀନା ଚାକିରି ଛାଡି ଦେବା ପରେ ଏହି ପଦବୀ ଖାଲି ପଡିଥିଲା।

ଢେଙ୍କାନାଳ ଏସ୍‌ପି ଅଭିନବ ସୋନକରଙ୍କୁ ବ୍ରହ୍ମପୁର ଏସ୍‌ପି ଭାବେ ବଦଳି କରାଯାଇଛି। ସେ ହେଉଛନ୍ତି ୨୦୧୯ ବ୍ୟାଚ୍‌ର ଆଇପିଏସ୍ ଅଫିସର।ପାରାଦୀପରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ (ଅତିରିକ୍ତ ଏସ୍‌ପି) ଥିବା ୨୦୨୨ ବ୍ୟାଚ୍‌ର ଆଇପିଏସ୍ ଅଫିସର ଅଜିଙ୍କ୍ୟ ବି. ମାନେଙ୍କୁ ଢେଙ୍କାନାଳ ଏସ୍‌ପି ଭାବେ ବଦଳି କରାଯାଇଛି।

ରାଜ୍ୟ ଆରକ୍ଷୀ ମୁଖ୍ୟାଳୟରେ ସହକାରୀ ଆରକ୍ଷୀ ଅଧୀକ୍ଷକ ଥିବା ଏ.ବି ଶିକ୍ଷାଙ୍କୁ ବରଗଡର ଏସ୍‌ଡିପିଓ ଭାବେ ବଦଳି କରାଯାଇଥିବା ନେଇ ଗୃହ ବିଭାଗ ପକ୍ଷରୁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି।

ମାତ୍ର ୧୩ ବର୍ଷ ଚାକିରି କରିବା ପରେ ଆଇପିଏସ୍ ଅଫିସର ଜଗମୋହନ ମୀନା ଚାକିରି ଛାଡି ଦେବା ନେଇ ଯେତିକି ଚର୍ଚ୍ଚାରେ ଥିଲେ ବ୍ରହ୍ମପୁରର ବହୁଚର୍ଚ୍ଚିତ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡର ତଦନ୍ତକୁ ନେଇ ତା'ଠାରୁ ଅଧିକ ଚର୍ଚ୍ଚାରେ ରହିଆସିଛନ୍ତି ଆଇପିଏସ୍ ସର୍ବଣା ବିବେକ ଏମ୍। କାରଣ ଏହି ମାମଲାରେ ସେ ଜଣେ ହାଇପ୍ରୋଫାଇଲ ବିଜେଡି ନେତା ତଥା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କୁ ଅଭିଯୁକ୍ତ କରାଯାଇଛି ଓ ସେ ଗିରଫ ହୋଇ ଜେଲ୍‌ରେ ପ୍ରାୟ ୧୦ ମାସ ରହିବା ପରେ ଜାମିନ୍‌ରେ ଆସିଛନ୍ତି।

## କ୍ରିକେଟରେ ସ୍ୱର୍ଣ୍ଣ

ନୂଆଦିଲ୍ଲୀ: ଜାପାନ ଆଇଚୀ-ନାଗୋୟା ଏସୀୟ କ୍ରୀଡ଼ାରେ ଚମକିଛନ୍ତି ଭାରତୀୟ ମହିଳା କ୍ରିକେଟ୍ ଦଳ । ଏସୀୟ କ୍ରୀଡ଼ାରେ ମହିଳା କ୍ରିକେଟ୍ ଦଳ ଦେଶକୁ ପ୍ରଥମ ସ୍ୱର୍ଣ୍ଣ ଦେଇଛନ୍ତି । ମଙ୍ଗଳବାର ନିଶିନର କୋରୋଗୀ ସ୍ପୋର୍ଟସ୍ ପାର୍କରେ ଖେଳାଯାଇଥିବା ଫାଇନାଲ ମୁକାବିଲାରେ ଭାରତ ଶ୍ରୀଲଙ୍କାକୁ ୧୪୭ ରନରେ ପରାସ୍ତ କରି ଇତିହାସ ଦୋହରାଇଛି । ଏସୀୟ କ୍ରୀଡ଼ାରେ ଭାରତର ଦ୍ୱିତୀୟ ଥର ପାଇଁ ଶ୍ରୀଲଙ୍କାକୁ ହରାଇ ସ୍ୱର୍ଣ୍ଣ ଜିତିଛି । ୨୦୨୩ ଏସୀୟ କ୍ରୀଡ଼ାରେ ମଧ୍ୟ ଶ୍ରୀଲଙ୍କାକୁ ହରାଇ ସ୍ୱର୍ଣ୍ଣ ଜିତିଥିଲା । ସେହିପରି ଶ୍ରୀଲଙ୍କା ରୌପ୍ୟ ଜିତିଥିବାବେଳେ ପାକିସ୍ତାନ ବାଂଲାଦେଶକୁ ୩୧ ରନରେ ହରାଇ କଂସ୍ୟ ପଦରେ ସନ୍ତୁଷ୍ଟ ରହିଛି । ଆଜିର ଫାଇନାଲ ମୁକାବିଲାରେ ଭାରତ ଏବଂ ଶ୍ରୀଲଙ୍କା ସ୍ୱର୍ଣ୍ଣ ପଦକ ପାଇଁ ମଇଦାନକୁ ଓହ୍ଲାଇଥିଲେ । ଭାରତ ପ୍ରଥମେ ବ୍ୟାଟିଂ କରି ୩ଟି ୱିକେଟ୍ ହରାଇ ଶ୍ରୀଲଙ୍କା ସମ୍ମୁଖରେ ୨୧୭ ରନର ଟାର୍ଗେଟ୍ ଦେଇଥିଲା । ଯେଉଁଥିରେ କେବଳ ୧୩ଟି ଛକା ସାମିଲ ରହିଛି । ଶ୍ରୀଲଙ୍କା ଟାର୍ଗେଟ୍ ସ୍କ ?ରକୁ ପିଛା କରିମାତ୍ର ୧୫.୪ ଓଭରରେ ୬୯ ରନ୍‌ଧରାଶାୟୀ ହୋଇପଡ଼ିଛି ।

### ଡାହୁକ



ମୋଦି ସର୍କାରର ଅକଲ ଗୁଡମ
ଦିଶୁନେଇ ବୁଦ୍ଧି କାଟ
ଆଗଭଳି ଆଉ ବାହସ୍ପତ ମାରି
ଭୋଟ ପାଇବା କଷ୍ଟ
ଶାସନ କଳର ତାପରେ ପଡିକି
କଲେ ଦୌଗୁଳିଆ କାମ
ଜାଗ୍ରତରେ ଏବେ ଦେଶ ଭବିଷ୍ୟତ
ଜପେଇବେ ବାପ ନାମ

-ବିଧୁ

## ଢେଙ୍କାନାଳରେ ବିହାର ଘଟଣାର ପୁନରାବୃତ୍ତି

ଭୁବନେଶ୍ୱର,୨୨।୯: ବିହାରର ଜାମୁଇ ସହରରେ ଗତ ଶନିବାର ଯାହା ଘଟିଥିଲା, ଗତକାଲି ଢେଙ୍କାନାଳ ଜିଲ୍ଲାରେ ସେହିଭଳି କିଛି ଘଟିଛି। ଜଣେ ଯୁବକ ଓ ଯୁବତୀ ବାଇକ୍‌ରେ ପର୍ଯ୍ୟଟନ ସ୍ଥଳୀ ବୁଲିବାକୁ ଆସିଥିବା ବେଳେ କିଛି ଯୁବକ ସେମାନଙ୍କୁ ଅଟକାଇ ନିସ୍ତୁକ ପିଟିଥିଲେ। ସେମାନେ ଯୁବତୀଙ୍କ ସହିତ ଅଶାଳୀନ ବ୍ୟବହାର ମଧ୍ୟ କରିଥିଲେ। ଏହାର ଭିଡିଓ ଏବେ ଭାଇରାଲ ହେଉଛି। ଏହାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଥିବା ବେଳେ ପୁଲସ୍ ଘଟଣାର ତଦନ୍ତ କରୁଛି।

ଭିଡିଓଟିରୁ ଯାହା ଜଣାପଡୁଛି, ଘଟଣାଟି କପିଳାସକୁ ସଂଯୋଗ କରୁଥିବା ରାସ୍ତାରେ ଘଟିଛି। ଯୁବକ,ଯୁବତୀ ବାଇକ୍ ଯୋଗେ ଯାଉଥିବା ବେଳେ କିଛି ଯୁବକ ସେମାନଙ୍କୁ ଅଟକାଇଥିଲେ। କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଛି। ତା'ପରେ ସେମାନେ ଯୁବକଙ୍କୁ ମାଡ ମାରିଛନ୍ତି। ଯୁବତୀ ଜଣଙ୍କ ଅନ୍ୟମାନଙ୍କୁ ଅଟକାଇବାକୁ ପ୍ରୟାସ କରିଛନ୍ତି। ତା' ମଧ୍ୟରେ କିଛି ଯୁବକ ବାଇକ୍‌ରେ ବସିଥିବା ଯୁବକଙ୍କୁ ମାଡ ମାରିଥିବା ଦେଖିବାକୁ ମିଳିଛି। ଏମିତିକି ଜଣେ ଦୁଇ ଜଣ ବୟସ୍କ ବ୍ୟକ୍ତି ଯୁବକମାନଙ୍କୁ ସେଥିରୁ ନିବୃତ କରିବାକୁ ପ୍ରୟାସ କରିଛନ୍ତି।

ଭିଡିଓଟିରୁ ଆହୁରି ବି ଜଣାପଡୁଛି ଯେ ସେହି ଯୁବକ,ଯୁବତୀ ଏକା ନଥିଲେ। ସେମାନଙ୍କ ସହିତ ଆଉ କିଛି ଯୁବକ, ଯୁବତୀ ମଧ୍ୟ ରହିଥିଲେ। ସେମାନେ ବି ସ୍କୁଟି ଓ ବାଇକ୍‌ରେ ଯାଉଥିଲେ। ଆଉ ଜଣେ ଯୁବତୀ ଯୁବକମାନଙ୍କୁ ଅଟକାଇବାକୁ ମଧ୍ୟ ପ୍ରୟାସ କରିଥିବା ଦେଖିବାକୁ ମିଳିଛି।

ଯାହା ଜଣାପଡୁଛି ଆକ୍ରମଣ କରିଥିବା ଯୁବକ ଅବା ସେହି ଗାଁର ଆଉ କେହି ଯୁବକ ପୂରା ଘଟଣାର ଭିଡିଓ ନିଜ ମୋବାଇଲରେ ଉତ୍ତୋଳନ କରି ଭାଇରାଲ କରିଛନ୍ତି। ଏହି ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିବା ବେଳେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ହେବା ଦରକାର ବୋଲି ମତ ପ୍ରକାଶ ପାଇଛି। ଏ ସମ୍ପର୍କରେ ଗଁଦିଆ ଥାନାରେ ଏକ ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଛି। ତଦନ୍ତ ଶେଷ ହେବା ପରେ ଘଟଣା ସମ୍ପର୍କିତ ବିସ୍ତୃତ ତଥ୍ୟ ଖୁବଶୀଘ୍ର ଅପଡେଟ୍ କରାଯିବ ବୋଲି ଜିଲ୍ଲା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି ।



ଶନିବାର ବିହାରର ଜାମୁଇ ସହରର ଜଣେ ୧୦ମ ଶ୍ରେଣୀ ଛାତ୍ର ଓ ଛାତ୍ରୀ ଲୋକପ୍ରିୟ ମାଡ଼ୱା ପାହାଡକୁ ବୁଲିବାକୁ ଯାଇଥିଲେ। ସେଠାରେ ବୁଲାବୁଲି କରିବା ପରେ ଉଭୟ ସ୍କୁଟିରେ ଫେରୁଥିଲେ। ହେଲେ ଅଧା ରାସ୍ତାରେ ଉଭୟଙ୍କ ଗାଡିକୁ ଅଟକାଇଥିଲେ କିଛି ଯୁବକ।ସେମାନେ ଗାଡି ଅଟକାଇ ପ୍ରଥମେ ଦୁଇ ଶିକ୍ଷାର୍ଥୀଙ୍କୁ ମାଡ ମାରିଥିଲେ। ବେଶ କିଛି ସମୟ ଧରି ସେମାନେ ଉଭୟଙ୍କୁ ଟଣାଓଟରା କରିବା ସହ ଛାତ୍ରୀଙ୍କୁ ଅସଦାଚରଣ କରିଥିଲେ। ଖାଲି ସେତିକି ନୁହେଁ, ପୂରା ଘଟଣାର ଭିଡିଓକୁ ରେକର୍ଡ କରି ସୋଶାଲ ମିଡିଆରେ ଭାଇରାଲ ମଧ୍ୟ କରିଛନ୍ତି। ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ପୁଲିସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଭାଇରାଲ ଭିଡିଓରେ ମୁଖ୍ୟ ଅଭିଯୁକ୍ତ ନନ୍ଦନ ଯାଦବ ମୁହଁରେ କମଳା ରଙ୍ଗର ଗାମୁଛା ବାନ୍ଧିଥିଲା। ସେ ତା'ର କିଛି ସହଯୋଗୀଙ୍କ ସହ ମିଶି ଛାତ୍ରୀଙ୍କୁ ଅତ୍ୟନ୍ତ ଅଭଦ୍ରଙ୍କ ଭଳି ବ୍ୟବହାର କରିଥିଲା।ପୁଲିସ୍ ତା'କୁ ଚିହ୍ନଟ କରିବା ପରେ ଗିରଫ କରିଛି। ତାକୁ ଏନ୍‌କାଉଣ୍ଟର କରିବା ପରେ ଗିରଫ କରିଛି ପୁଲିସ। ଏହା ପୂର୍ବରୁ ପୁଲିସ୍ ସୋମବାର ଆଉ ୩ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରିଥିଲା। ଅର୍ଥାତ ଜାମୁଇ ଅସଦାଚରଣ ଘଟଣାରେ ଗିରଫଦାରୀ ସଂଖ୍ୟା ୫ରେ ପହଞ୍ଚିଛି। ଏବେ ବି ଆଉ ୨ ଜଣ ଫେରାର ରହିଛନ୍ତି। ସେମାନଙ୍କୁ ଧରିବା ପାଇଁ ପୁଲିସ୍ ବିଭିନ୍ନ ସ୍ଥାନରେ ରେଡ କରୁଛି। ଯାହା ଜଣାପଡୁଛି ଆକ୍ରମଣ କରିଥିବା ଯୁବକ ଅବା ସେହି ଗାଁର ଆଉ କେହି ଯୁବକ ପୂରା ଘଟଣାର ଭିଡିଓ ନିଜ ମୋବାଇଲରେ ଉତ୍ତୋଳନ କରି ଭାଇରାଲ କରିଛନ୍ତି।



## ବିଜିଡ଼ି କଲେଜ ଯୁବ ରେଡକ୍ରସ ଶାଖା ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

କୁଚିଣ୍ଡା,୨୩।୯ :(ମନ୍ଥନ)ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ କେଶାଇବାହାଲ ସ୍ଥିତ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜ କେଶାଇବାହାଲ ଠାରେ ଯୁବ ରେଡକ୍ରସ ଶାଖା କାଉନସିଲର ହରେଶ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀ ନିବାସ ଅଗଣା ରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।କଲେଜ ଅଧକ୍ଷ୍ୟ ଶ୍ରୀ ଦୟାସାଗର ପ୍ରଧାନ ରେଡ୍ କ୍ରସ୍ ସ୍ୱେଚ୍ଛାସେବୀ ତଥା ଛାତ୍ରୀ ନିବାସ ଅନ୍ତେବାସୀ ମାନଙ୍କ ଗହଣ ରେ ବିଭିନ୍ନ ପ୍ରଜାତିର ଆମ୍ବ ଗଛ, ଲିଚୁ, ପିଜୁଳି ଓ ନଡ଼ିଆ



ଗଛ ରୋପଣ କରି ଥିଲେ ।କେଶାଇବାହାଲ ଅଞ୍ଚଳର ପ୍ରକୃତି ବନ୍ଧୁ ଓ ପ୍ରକୃତି ମିତ୍ର ପୁରସ୍କାର ପ୍ରାପ୍ତ ରବିନ୍ଦ୍ର କୁମାର ଦାସ, ତୁଳସୀ ମଞ୍ଜରୀ ବହିଦାର୍, ପଣ୍ଡିତ ଅଲେଖ କୁମାର ପତି, ପ୍ରଭାତ ନାଏକଙ୍କ ସମେତ କଲେଜର କର୍ମଚାରୀ ବୁଦ୍ଧଦେବ କିଷାନ, ଅଶ୍ୱିନୀ ବାଘ ଓ ସତ୍ୟଭାମା ମାଝୀ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ରେ ସକ୍ରିୟ ଅଂଶ ଗ୍ରହଣ କରିବା ସହିତ ଛାତ୍ର ଛାତ୍ରୀ ମାନଙ୍କୁ ନିଜ ଘରେ ନିଜ ଜନ୍ମ ଦିନ ମାନଙ୍କରେ ସ୍ୱତନ୍ତ୍ର ଭାବେ ବୃକ୍ଷ ରୋପଣ କରିବା ପାଇଁ ଉତ୍ସାହିତ କରିଥିଲେ ।

## ପ୍ରେସ କ୍ଲବ ପକ୍ଷରୁ ପ୍ରମୋଦ ଦାସଙ୍କ ଏକାଦଶାହରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଅସ୍ତରଙ୍ଗ,୨୩।୯ :(ମନ୍ଥନ)ଅସ୍ତରଙ୍ଗ ପ୍ରେସ କ୍ଲବ ପକ୍ଷରୁ ବରିଷ୍ଠ ସାମ୍ବାଦିକ ତଥା ପ୍ରେସ କ୍ଲବ ର କଲ୍ୟାଣ ପାଣ୍ଠି ଅଧକ୍ଷ ସ୍ୱର୍ଗତ ପ୍ରମୋଦ ଦାସ ଏକାଦଶାହ ଉପଲକ୍ଷେ ପ୍ରେସ କ୍ଲବ ର ସଭାପତି ଶରତ କୁମାର ପରିଡା ଙ୍କ ଅଧକ୍ଷତା ରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସ୍ମୃତି ସଭା ରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା କର୍ମଜିବି ସାମ୍ବାଦିକ ସଙ୍ଘ ର ରାଜ୍ୟ ସଭାପତି ତଥା ବରିଷ୍ଠ ସ୍ତମ୍ଭକାର ସୁଜ୍ଞାନ ଚୌଧୁରୀ, ସମ୍ମାନୀତ ଅତିଥି ଭାବେ ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ, ଅସ୍ତରଙ୍ଗ ପ୍ରେସ କ୍ଲବ ର ମୁଖ୍ୟ ଉପଦେଷ୍ଟା ପ୍ରତାପ ଚନ୍ଦ୍ର ପରିଡ଼ା,ସାଧାରଣ ସମ୍ପାଦକ ବୃନ୍ଦାବନ ବିଶ୍ୱାଳ, ପ୍ରଶାନ୍ତ ଜେନା, ତ୍ରିଲୋଚନ ବେହେରା, ଅନିଲ କୁମାର ବାରିକ ଓ ସମସ୍ତ ଗଣ ମାଧମ ପ୍ରତିନିଧି ମାନଙ୍କ ସହ ବରିଷ୍ଠ ରାଜନେତା ମାନେ ଯୋଗଦେଇ ସ୍ୱର୍ଗତ ଦାସ ଙ୍କର ଫଟୋ ଚିତ୍ର ରେ ପୁଷ୍ପ ମାଲ୍ୟ ଅର୍ପଣ କରିବା ସହ ତାଙ୍କର ଗୁଣାବଳୀ ଉପରେ ଆଲୋକପାତ କରିଥିଲେ । ପୁତ୍ର ପ୍ରିୟବ୍ରତ ଦାସ ଓ ଆତ୍ମୀୟ ସ୍ୱଜନ ମାନେ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

## ଡେଙ୍ଗୁ, ମଶା ଓ ଜଳ ବାହିତ ରୋଗ ସଚେତନତା ପାଇଁ 'ସଚେତନତା ରଥ'ର ଶୁଭାରମ୍ଭ

ବ୍ରହ୍ମପୁର,୨୩।୯ :(ମନ୍ଥନ)ସ୍ଥାନୀୟ ବ୍ରହ୍ମପୁର ମହାନଗର ନିଗମ ପରିସରରୁ ଆଜି ୨ଟି ସୂଚନା, ଶିକ୍ଷା ଓ ଯୋଗାଯୋଗ ଭ୍ୟାନ୍ ତଥା ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ୍ ବ୍ରହ୍ମପୁର ପକ୍ଷରୁ ଡେଙ୍ଗୁ, ଡାଇରିଆ ଓ ଅନ୍ୟାନ୍ୟ ଜଳ ବାହିତ ରୋଗର ପ୍ରତିରୋଧ ଏବଂ ଜନ ସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ବ୍ରହ୍ମପୁର ମହାନଗର ନିଗମର ମାନନୀୟା ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ, ମାନ୍ୟବର ଉପ-ମେୟର ଶ୍ରୀ ଇ. ବିବେକ ରେଡ୍ଡି ଏବଂ ବ୍ରହ୍ମପୁର ମହାନଗର ନିଗମ କମିଶନର ଶ୍ରୀମତୀ ଏ. ଶସ୍ୟା ରେଡ୍ଡିଙ୍କ ଦ୍ୱାରା ପତାକା ପ୍ରଦର୍ଶନ କରାଯାଇ ଏହି ସଚେତନତା ରଥ ଦୁଇଟିର ଶୁଭାରମ୍ଭ କରାଯାଇଥିଲା। ସୂଚନା ଅନୁସାରେ ଏହି ଦୁଇଟି ସଚେତନତା ରଥ ମାଧ୍ୟମରେ ସହରର ବିଭିନ୍ନ ଅଞ୍ଚଳର ନାଗରିକ ମାନଙ୍କୁ ଡେଙ୍ଗୁ, ଡାଇରିଆ ଓ ଅନ୍ୟାନ୍ୟ ଜଳବାହିତ ରୋଗର କାରଣ, ଲକ୍ଷଣ, ପ୍ରତିରୋଧ ଓ ନିୟନ୍ତ୍ରଣ ସମ୍ପର୍କରେ ସଚେତନ କରାଯିବ। ଏହା ସହିତ ସ୍ୱଚ୍ଛତା, ସୁରକ୍ଷିତ ପାନୀୟଜଳ ବ୍ୟବହାର ଏବଂ ରୋଗ ପ୍ରତିରୋଧ ପାଇଁ ଆବଶ୍ୟକ ସତର୍କତା ଅବଲମ୍ବନ ସମ୍ପର୍କରେ ମଧ୍ୟ ସଚେତନତା ବାର୍ତ୍ତା ପ୍ରଚାର କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ମାନେ ସୂଚନା ଦେଇଛନ୍ତି। ସେହିପରି ବ୍ରହ୍ମପୁର ସହରର ୮ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟକ୍ଷେତ୍ରକୁ ଆଧାର କରି ଏହି ସଚେତନତା ରଥ ଗୁଡ଼ିକର ଦିଗ ନିର୍ଦ୍ଧାରଣ କରାଯାଇଛି। ଆସନ୍ତା ୭ ଦିନ ଧରି ଏହି ରଥ ଗୁଡ଼ିକ ସହରର ବିଭିନ୍ନ ଅଞ୍ଚଳକୁ ପରିକ୍ରମା କରି ଡେଙ୍ଗୁ, ଡାଇରିଆ ଓ ଅନ୍ୟାନ୍ୟ ମଶା ବାହିତ ଓ ଜଳ ବାହିତ ରୋଗ ସମ୍ପର୍କିତ ସଚେତନତା ବାର୍ତ୍ତା ଜନ ସାଧାରଣଙ୍କ ନିକଟରେ ପହଞ୍ଚାଇବ ବୋଲି କମିଶନର କହିଛନ୍ତି। ଏହି ଅବସରରେ ମାନନୀୟା ମେୟର ଶ୍ରୀମତୀ ଦଳାଇ "ଡେଙ୍ଗୁ ନିୟନ୍ତ୍ରଣ ପାଇଁ ଘର ଓ ଆଖପାଖ ଅଞ୍ଚଳରେ ପାଣି ଜମି ନ ରହିବାକୁ ଧ୍ୟାନ ଦେବା, ମଶା ପ୍ରଜନନ ସ୍ଥଳୀ ନଷ୍ଟ କରିବା, ଘର ଓ ପରିବେଶକୁ ସ୍ୱଚ୍ଛ ରଖିବା ସହିତ ଡାଇରିଆ ଓ ଅନ୍ୟାନ୍ୟ ଜଳ ବାହିତ ରୋଗରୁ ରକ୍ଷା ପାଇଁ ନିରାପଦ ପାନୀୟ ଜଳ ଓ ସ୍ୱଚ୍ଛତା ଅଭ୍ୟାସ ଅନୁସରଣ କରିବାକୁ" ଏହି ଅଭିଯାନ ମାଧ୍ୟମରେ ନାଗରିକ ମାନଙ୍କୁ ଆହ୍ୱାନ କରିଛନ୍ତି । ଜନ ସାଧାରଣଙ୍କ ମଧ୍ୟରେ ରୋଗ ପ୍ରତିରୋଧ ସମ୍ପର୍କିତ ସଚେତନତାକୁ ଆହୁରି ବ୍ୟାପକ କରିବା ଲକ୍ଷ୍ୟରେ ଆସନ୍ତା ମାସରେ ପୁନର୍ବାର ସୂଚନା, ଶିକ୍ଷା ଓ ଯୋଗାଯୋଗ ଭ୍ୟାନ୍ ତଥା ସଚେତନତା ରଥର ପରବର୍ତ୍ତୀ ପର୍ଯ୍ୟାୟ ଆରମ୍ଭ କରାଯିବ ବୋଲି କହିଥିଲେ। ଜନ ସାଧାରଣଙ୍କ ସକ୍ରିୟ ସହଯୋଗ ଓ ସଚେତନତା ମାଧ୍ୟମରେ ଡେଙ୍ଗୁ, ଡାଇରିଆ ଓ ଅନ୍ୟାନ୍ୟ ଜଳ ବାହିତ ରୋଗର ପ୍ରତିରୋଧ ସମ୍ଭବ ବୋଲି ଏହି ସଚେତନତା ଅଭିଯାନରେ ଗୁରୁତ୍ୱ ଦିଆଯାଇଛି ବୋଲି ଉପ ମେୟର କହିଛନ୍ତି ।

## ଅର୍ଡ଼ାବାହାଲ ଏସଏସଡି ବାଳିକା ବିଦ୍ୟାଳୟରେ ସେବା ସଂକଳ୍ପ ଅଭିଯାନ

କୁଚିଣ୍ଡା,୨୩।୯ :(ମନ୍ଥନ)ସମ୍ବଲପୁର କୁଚିଣ୍ଡା ବ୍ଲକ ଅନ୍ତର୍ଗତ ପ୍ରଧାନମନ୍ତ୍ରୀ ଶ୍ରୀ ସରକାରୀ (ଏସ.ଏସ.ଡି.) ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଅର୍ଡ଼ାବାହାଲ ଠାରେ ଆଜି ସେବା ସଂକଳ୍ପ ଅଭିଯାନ – ୨୦୨୬ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି।ବିକଶିତ ଭାରତ ସଂକଳ୍ପ ଅଭିଯାନ ଅନ୍ତର୍ଗତ ଆଜିର କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାର ମୁଖ୍ୟ ବିଷୟ ଥିଲା ୨୦୪୭ ରେ ଭାରତ ବିକଶିତ ରାଷ୍ଟ୍ର ହେବାର ସଂକଳ୍ପ। ଛାତ୍ରୀମାନେ ଅତି ଉତ୍ସାହର ସହ ଏଥିରେ ଭାଗ ନେଇ ନିଜର କଳା ପ୍ରତିଭା ପ୍ରଦର୍ଶନ କରିଥିଲେ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀ ବିଭୂତି କଲ୍ୟାଣ ପଟେଲ ଓ ମୁଖ୍ୟ ବକ୍ତା ଭାବେ ଶ୍ରୀ ନୀଳମଣି ସାହୁ ଯୋଗ ଦେଇଥିଲେ। ନିଜ ବହୁମୂଲ୍ୟ ସମୟ ମଧ୍ୟରୁ କିଛି ସମୟ ସମାଜ ପାଇଁ ପ୍ରଦାନ କରିବା ଏବଂ ସମାଜରେ କିଛି ଉଦାହରଣ ସୃଷ୍ଟି କରିବା ପାଇଁ ସେମାନେ ଛାତ୍ରୀମାନଙ୍କୁ ପ୍ରେରଣା ପ୍ରଦାନ କରିଥିଲେ।ଏହି ଅବସରରେ ସୋସିଆଲ ମିଡିଆ ଇନ୍ ?ଫ୍ଲୁଏନ୍ସର ଟିମ୍ କୁଚିଣ୍ଡା କ୍ରିଏଟର୍ସ କମ୍ୟୁନିଟି' ର ସଦସ୍ୟମାନେ ସହଯୋଗ କରିଥିଲେ। ଟିମ୍ ସଦସ୍ୟ ସତ୍ୟଜିତ୍ ମହାକୁଳ, ଶୁଭମ ସାହୁ, ସ୍ୱରାଜ ପଟେଲ, ସୁବାଷ ମହାକୁଳ, ଦୀପେନ ଛତ୍ରିଆ ଏବଂ ଶରତ ଛତ୍ରିଆ ଉପସ୍ଥିତ ଥିଲେ।ବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ସମଲେଶ୍ୱରୀ ତନ୍ତୀଙ୍କ ତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଶ୍ରୀମତୀ ସୋନାଲୀ ରାଉତ (ପି.ଜି.ଟି. ଇଂରାଜୀ), ଶୁଭଲକ୍ଷ୍ମୀ ପଟ୍ଟନାୟକ (ପି.ଜି.ଟି. ପଦାର୍ଥ ବିଜ୍ଞାନ, ନୋଡାଲ ଅଫିସର – ସେବା ସଂକଳ୍ପ ଅଭିଯାନ), ଉଦୟ କୁମାର ପାଣିଗ୍ରାହୀ ପି.ଜି.ଟି. ଓଡ଼ିଆ, ଅଶୋକ କୁମାର ବିଶୋଇ (ଅଟୋମୋଟିଭ୍ ଟ୍ରେନର) ଏବଂ ଅଶ୍ୱିନୀ କୁମାର ଦାଶ (ଫୁଡ୍ ପ୍ରୋସେସିଂ ଟ୍ରେନର) ପରିଚାଳନା କରିଥିଲେ।ଶେଷରେ ଅଧକ୍ଷା ଶ୍ରୀମତୀ ତନ୍ତୀ ସମସ୍ତ ଅତିଥି, ଶିକ୍ଷକବୃନ୍ଦ ଓ ଛାତ୍ରୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍କୁଟି ସହ ୮ କେଜି ଗଞ୍ଜେଇ ଜବତ,ଜଣେ ଗିରଫ

ବୁଗୁଡ଼ା,୨୩।୯ :(ମନ୍ଥନ)ସ୍ଥାନୀୟ ଅବକାରୀ ଥାନା ପକ୍ଷରୁ ଅଚାନକ ଚଢାଉ କରାଯାଇ ବେଲଗୁଣ୍ଠା ଥାନା ଅନ୍ତର୍ଗତ ଚଢିଆପଲ୍ଲୀଠାରେ ଏକ ସ୍କୁଟି ସହ ୮ କେଜି ଗଞ୍ଜେଇ ଜବତ କରି ଜଣେ ଆସାମୀଙ୍କୁ ଗିରଫ ସହ ସୋମବାର ଦିନ କୋର୍ଟଚାଲାଣ କରାଯାଇଥିବା ଜଣାପଡିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ କନ୍ଧମାଳ ଜିଲ୍ଲାର ସାରଙ୍ଗଗଡ ଗ୍ରାମର ପ୍ରକାଶ ଚନ୍ଦ୍ର ଗୌଡ । ଏ ନେଇ ବୁଗୁଡ଼ା ଅବକାରୀ ଥାନାରେ କେସ୍ ନଂ ୯୪/୨୬-୨୭ ରେ ଏକ ମାମଲା ରୁଜୁ ହୋଇଥିବା ସଂପକ୍ତ ଥାନା ଅଧିକାରୀ ଜ୍ୟୋତିରଞ୍ଜନ ସେନାପତିଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ରବିବାର ସନ୍ଧ୍ୟାରେ ପ୍ରକାଶ ନିଜ ହୋଣ୍ଡା ଗାର୍ଜିଆ ସ୍କୁଟି(ଓଡି-୧୨ସି ୨୭୯୯)ରେ କନ୍ଧମାଳରୁ ନୟାଗଡକୁ ଗଞ୍ଜେଇ ଚୋରା ଚାଲାଣ କରୁଥିବାବେଳେ କୌଣସି ସୂତ୍ରରୁ ଖବର ପାଇ ଅବକାରୀ ଥାନା ଅଧିକାରୀଙ୍କ ନେତୃତ୍ୱରେ ଅବକାରୀ ବାହିନୀ ବେଲଗୁଣ୍ଠା ଥାନା ଅନ୍ତର୍ଗତ ଚଢିଆପଲ୍ଲୀଠାରେ ଅଭିଯୁକ୍ତଙ୍କୁ କାବୁ କରିଥିଲେ। ତା'ପରେ ୮ କେଜି ଗଞ୍ଜେଇ ସହ ସ୍କୁଟିକୁ ଜବତ କରି ତାଙ୍କୁ ଗିରଫ କରି ଭଞ୍ଜନଗର କୋର୍ଟକୁ ଚାଲାଣ କରିଛନ୍ତି। ଉକ୍ତ ଚଢାଉ କାର୍ଯ୍ୟରେ ଅବକାରୀ କନଷ୍ଟେବଲ ସୁବଳ ପ୍ରଧାନ, କାମନା କୁମାର ବେହେରା ଓ କୃଷ୍ଣଚନ୍ଦ୍ର ସେଠୀ ସାମିଲ ଥିଲେ।

## କାର ଦୁର୍ଘଟଣାରେ ୨ ମୃତ, ଡ୍ରାଇଭର ଗିରଫ

ବୁଗୁଡ଼ା,୨୩।୯ :(ମନ୍ଥନ) ବୁଗୁଡ଼ା ଥାନା ଅନ୍ତର୍ଗତ ପଙ୍କଳବାଡି କ୍ରସର ନିକଟରେ ରାସ୍ତାପାର୍ଶ୍ୱସ୍ଥ ଏକ ଗଛକୁ କାର ଧକ୍କାରେ ୨ ଜଣଙ୍କ ମୃତ୍ୟୁ ଘଟଣାରେ ଆଜି ଡ୍ରାଇଭର ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ଜଣାଯାଇଛି। ଗିରଫ ଡ୍ରାଇଭର ଜଣକ ହେଲେ କାଦୁଆ ନରେନ୍ଦ୍ରପୁର ଗାଁର ଅଶ୍ୱିନୀ କୁମାର ବେହେରା। ଏ ନେଇ ପୋଲିସ ଥାନାରେ କେସ୍ ନଂ ୪୭୪/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ, ଗତ ଅଗଷ୍ଟ ୧୪ ତାରିଖ ରାତିରେ ନରେନ୍ଦ୍ରପୁର ଗ୍ରାମର ନିତ୍ୟାନନ୍ଦ ଡାକୁଆ ତାଙ୍କ ପରିବାର ସହ ବୁଗୁଡା ଥାନା ଅନ୍ତର୍ଗତ ଖରିଡା ଗ୍ରାମସ୍ଥ ତାଙ୍କର ଜଣେ ସମ୍ପର୍କୀୟଙ୍କୁ ଘରକୁ ଯାଉଥିଲେ। ତେବେ ବାଟରେ ଡ୍ରାଇଭରଙ୍କ ଯୋଗୁଁ ଗାଡିଟି ଭାରସାମ୍ୟ ହରାଇ ପଙ୍କଳବାଡି କ୍ରସର ନିକଟରେ ରାସ୍ତାକଡସ୍ଥ ଏକ ଗଛକୁ ଧକ୍କା ହୋଇଥିଲା । ଦୁର୍ଘଟଣାରେ ଡ୍ରାଇଭରଙ୍କ ସମେତ ସେଥିରେ ବସିଥିବା ୭ ଜଣ ଆହତ ହୋଇଥିଲେ । ସମସ୍ତ ଆହତଙ୍କୁ ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ଆହତଙ୍କ ମଧ୍ୟରୁ ବଡବାପା ନିତ୍ୟାନନ୍ଦ ଡାକୁଆ(୬୦) ଏବଂ ଝିଆରୀ ଇସ୍ମିତା ଡାକୁଆ(୪)ଙ୍କ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ନିତ୍ୟାନନ୍ଦଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷରେ ଝିଆରୀ ଇସ୍ମିତାଙ୍କ ଅବସ୍ଥା ଅତି ଗୁରୁତର ଥିବାରୁ ତାଙ୍କୁ ପୁଣି କଟକକୁ ସ୍ଥାନାନ୍ତର କରାଯାଇଥିଲା ବେଳେ ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା। ଏ ନେଇ ଗତ ସେପ୍ଟେମ୍ବର ୨୦ ତାରିଖ ଦିନ ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ ପରେ ପୋଲିସ ଆଜି କାର ଡ୍ରାଇଭରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଘଟଣାର ତଦନ୍ତ ଦାୟିତ୍ୱରେ ଏଏସ୍ଆଇ ଉପେନ୍ଦ୍ର କ୍ରାସକା ରହିଥିବା ଜଣାଯାଇଛି।

## କାର୍ଯ୍ୟରତ ପୋଲିସଙ୍କୁ ଦୁର୍ବ୍ୟବହାର ମହାଙ୍ଗା ପଡିଲା, ଅଭିଯୋଗରେ ୫ମହିଳା ଗିରଫ

ଜଗତସିଂହପୁର,୨୩।୯ :(ମନ୍ଥନ)ଜଗତସିଂହପୁର ଜିଲ୍ଲା ରଘୁନାଥପୁର ଥାନା କାର୍ଯ୍ୟରତ ପୋଲିସଙ୍କୁ ଦୁର୍ବ୍ୟବହାର କରି ତାରପୁର ଗ୍ରାମର ୫ଜଣ ମହିଳା ରଘୁନାଥପୁର ପୋଲିସ ଦ୍ୱାରା ଗିରଫ ହୋଇଥିବା ଜଣାଯାଇଛି। ଘଟଣାରୁ ପ୍ରକାଶ, ଗତ ୧୮ତାରିଖ ଶୁକ୍ରବାର ସଂଧ୍ୟାରେ ରଘୁନାଥପୁର ଥାନା ଅନ୍ତର୍ଗତ ତାରପୁର ବଜାର ନିକଟରେ ଏକ ଗଣେଶ ଭଷାଣୀ କରା ଯାଉଥିଲା। ଏହି ଭଷାଣୀ କାର୍ଯ୍ୟକ୍ରମରେ ତାରପୁର ଗ୍ରାମର କିଛି ପିଲା, ସେମାନଙ୍କର ମା ଓ ଅଭିଭାବକ ମାନେ ଯୋଗ ଦେଇ ଏକ ଟ୍ରଲି ଓ ଅଟୋ ଦ୍ୱାରା ମାଇକ ବଜାଇ ପ୍ରଶେସନ କରି କଟକ ପାରାଦ୍ୱୀପ ରାଜରାସ୍ତାରେ ଯାଉଥିଲେ। ସେଠାରେ ଟ୍ରାଫିକ କଣ୍ଟ୍ରୋଲରେ ଥିବା ରଘୁନାଥପୁର ଥାନାର ଜନୈକ ହୋମଗାର୍ଡ ସେମାନଙ୍କୁ ତୁରନ୍ତ ରାସ୍ତା ପାର କରିଯିବା ସହିତ ମାଇକ ଶବ୍ଦ କମ୍ କରିବାକୁ ତାଗିଦ କରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ପ୍ରଶେସନରେ ସାମିଲ ଥିବା ଦୁଇ ଜଣ ଯୁବକ ସଂପୃକ୍ତ



ହୋମଗାର୍ଡ ଙ୍କୁ ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ରଘୁନାଥପୁର ଥାନା ଆଇଆଇସିଙ୍କୁ ମଧ୍ୟ ଗାଳି କରିଥିଲେ। ଏ କଥାକୁ କାର୍ଯ୍ୟରତ ହୋମଗାର୍ଡ ଜଣକ ଥାନାରେ ଜଣାଇବା ପରେ ଆଇଆଇସି ପ୍ରେମଜିତ ଦାସଙ୍କ ସହ ଅନ୍ୟ ୪ଜଣ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଂଚି ଉକ୍ତ ଦୁଇ ଯୁବକଙ୍କୁ ଧରି ଥାନା ଗାଡ଼ିରେ ବସିବାକୁ କହିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ୪୦ରୁ ଉର୍ଦ୍ଧ ମହିଳା ପୋଲିସଙ୍କୁ ଠେଲାପେଲା ସହ ଆକ୍ରମଣ କରି ଉକ୍ତ ଦୁଇ ଯୁବକଙ୍କୁ ପୋଲିସ ନିକଟରୁ ଛଡ଼ାଇ ନେଇ ବିଭିନ୍ନ ପ୍ରକାରର ବିଶୃଙ୍ଖଳିତ ମନ୍ତବ୍ୟ ଦେଇଥିଲେ। ଏହି ଘଟଣାରେ ରଘୁନାଥପୁର ପୋଲିସ ୧୬୪/୨୬ରେ ଏକ ମାମଲା ରୁଜୁ କରି ବିଶୃଙ୍ଖଳିତ ୫ଜଣ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୋଲିସ ସୁତ୍ରରୁ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ସଂପୃକ୍ତ ହୋମଗାର୍ଡ ପ୍ରଶେସନ ପାଇଁ କୈଣସି ଆଇନଗତ ଅନୁମତି ନଥିବାରୁ ପୂର୍ବରୁ ସଂପର୍କ ଥିବା ଉକ୍ତ ଦୁଇ ଯୁବକଙ୍କୁ ୧ହଜାର ଟଙ୍କା ମାଗିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ପ୍ରଶେସନରେ ସାମିଲ ଥିବା କିଛି ସଦସ୍ୟ କହିଛନ୍ତି।

## ସରକାରୀ ବାସଭବନରୁ ଫରେଷ୍ଟରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବଲାଙ୍ଗୀର, ୨୩।୯ :(ମନ୍ଥନ) ବଲାଙ୍ଗୀର ବନଖଣ୍ଡ ଅଧୀନ ଫରେଷ୍ଟର ବ୍ୟାସଦେବ ସାହୁଙ୍କ ଝୁଲନ୍ତା ମୃତଦେହ ତାଙ୍କ ସରକାରୀ ବାସଭବନରୁ ଉଦ୍ଧାର କରାଯାଇଛି। ଉପରିସ୍ଥ ଅଧିକାରୀଙ୍କ ଉତ୍ପୀଡ଼ନ ଓ ନିର୍ଯାତନା ଯୋଗୁଁ ସେ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ ଆଣି ଉଚିତ ନ୍ୟାୟ ଦାବି କରିଛନ୍ତି। ଘଟଣା ପରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ବୋଲି ସନ୍ଦେହ କରାଯାଉଛି ।ସୂଚନା ଅନୁସାରେ, ବ୍ୟାସଦେବ ସାହୁ ଆଜି ସକାଳେ ନିଜ କାର୍ଯ୍ୟାଳୟକୁ ଆସି କାମ ସାରିବା ପରେ ଦିନ ପ୍ରାୟ ୧୨ଟା ବେଳେ ରେଞ୍ଜ କାର୍ଯ୍ୟାଳୟ ପରିସର ମଧ୍ୟରେ ଥିବା ସରକାରୀ ଆବାସକୁ ଯାଇଥିଲେ। ତାଙ୍କ ସାନପୁଅ ସେହି କାର୍ଯ୍ୟାଳୟରେ ଡାଟା ଏଣ୍ଟ୍ରି ଅପରେଟର ଭାବେ କାର୍ଯ୍ୟ କରୁଛନ୍ତି। ସନ୍ଧ୍ୟାରେ ବାପାଙ୍କୁ ଡାକିବାକୁ ଯାଇଥିବା ବେଳେ କବାଟ ଖୋଲି ବାପାଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ପାଇଥିଲେ। ସେ ତୁରନ୍ତ କାର୍ଯ୍ୟାଳୟ କର୍ମଚାରୀଙ୍କୁ ସୂଚନା ଦେଇଥିଲେ। ଖବର ପାଇ ବଲାଙ୍ଗୀର ଡିଏଫ୍ଓ, ସ୍ଥାନୀୟ ରେଞ୍ଜର ଓ ଅନ୍ୟ ସହକର୍ମୀମାନେ ଘଟଣାସ୍ଥଳରେ ଉପସ୍ଥିତ ହୋଇ ପୋଲିସକୁ ଖବର ଦେଇଥିଲେ। ମୃତ ଫରେଷ୍ଟରଙ୍କ ଭାଇ ଶୁକଦେବ ସାହୁ ଅଭିଯୋଗ କରି କହିଛନ୍ତି, 'ମୁଁ ଆଜି ସନ୍ଧ୍ୟା ୭ଟାରେ ଖବର ପାଇ ଏଠାକୁ ଆସିଲି। ମୋ ଭାଇ ଦୀର୍ଘ ଦିନରୁ ମାନସିକ ଚାପରେ ଥିଲେ। ଉପରିସ୍ଥ ଅଧିକାରୀମାନେ ତାଙ୍କୁ ନିର୍ଯାତନା ଓ ଉତ୍ପୀଡ଼ନ ଦେଉଥିବା ସେ ଅନେକ ଥର କହିଥିଲେ। ସେଥିପାଇଁ ସେ ଏଭଳି ଚରମ ପଦକ୍ଷେପ ନେଇଥିବେ। ପୋଲିସ ଏହାର ନିରପେକ୍ଷ ତଦନ୍ତ କରି ଆମକୁ ନ୍ୟାୟ ଦିଅନ୍ତୁ।' ଅପରପକ୍ଷରେ ରେଞ୍ଜର ନବୀନ ପଣ୍ଡା ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି, କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ କୌଣସି ପ୍ରକାର ଚାପ କିମ୍ବା ନିର୍ଯାତନା ଦିଆଯାଉ ନଥିଲା। ସେ ନିଜ ଦାୟିତ୍ୱ ନିଷ୍ଠାର ସହ ତୁଲାଉଥିଲେ। ତଦନ୍ତ ପରେ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ।ଉଲ୍ଲେଖଯୋଗ୍ୟ, ମୃତ ବ୍ୟାସଦେବ ସାହୁ ବଲାଙ୍ଗୀର ଖାଲିଆପାଲି ଗ୍ରାମର ବାସିନ୍ଦା ଥିଲେ। ସେ ଜଣେ କର୍ତବ୍ୟନିଷ୍ଠ ଅଧିକାରୀ ଭାବେ ରାଜ୍ୟସ୍ତରରେ ଓ କଳାହାଣ୍ଡି ବନ ସର୍କଲ ସ୍ତରରେ ଦୁଇ ଦୁଇ ଥର ଶ୍ରେଷ୍ଠ ଫରେଷ୍ଟର ଭାବେ ପୁରସ୍କୃତ ହୋଇଥିଲେ। ଚଳିତ ସ୍ୱାଧୀନତା ଦିବସରେ ଜିଲ୍ଲାସ୍ତରରେ ମଧ୍ୟ ସମ୍ମାନିତ ହୋଇଥିଲେ। ଆସନ୍ତା ଜୁନ୍ ମାସରେ ସେ ଅବସର ନେଇଥାନ୍ତେ। ତାଙ୍କର ଏଭଳି ଅକାଳ ଓ ସନ୍ଦେହଜନକ ମୃତ୍ୟୁକୁ କେହି ସହଜରେ ଗ୍ରହଣ କରିପାରୁ ନାହାନ୍ତି।



## ଅସୁରାଳିରେ ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣି ଶିବିର,୧୬୪ ଅଭିଯୋଗ ଆଗତ

ଧାମନଗର,୨୩।୯ :(ମନ୍ଥନ) ଧାମନଗର ବ୍ଲକ ଅନ୍ତର୍ଗତ ଅସୁରାଳି ପଞ୍ଚାୟତ କାର୍ଯ୍ୟାଳୟ କକ୍ଷ ପରିସରଠାରେ ସୋମବାର ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୋମେଶ ଉପାଧ୍ୟାୟଙ୍କ ଅଧକ୍ଷତାରେ ଆୟୋଜିତ ଏହି ପ୍ରକୋଷ୍ଠରେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ,ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ,ଅତିରିକ୍ତ ଆରକ୍ଷୀ ଅଧିକାରିଣୀ ଗାୟତ୍ରୀ ପ୍ରଧାନ,ଧାମନଗର ବିଡିଓ ବନବିହାରୀ ଦିଣ୍ଡା,ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୋଦ ପ୍ରହରାଜ,ଧାମନଗର ତହସିଲଦାର ଜ୍ଞାନରଞ୍ଜନ ସାହୁ,ଏନ



ଏ ସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଜନଶୁଣାଣୀ କରିଥିଲେ। ଏହି ଶୁଣାଣିରେ ମୋଟ ୧୬୪ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରୁ ୧୫୦ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୧୨ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ କ୍ରଶ ଅଧିନସ୍ଥ ୨ଟି ଅଭିଯୋଗ ରହିଥିଲା। ଶୁଣାଣି ସମୟରେ ୨୨ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିବାବେଳେ ଜିଲ୍ଲା ରେଡକ୍ରସ ପାଣ୍ଠି ମାଧ୍ୟମରେ ୨ଜଣ ଅସହାୟ ଆବେଦନକାରିଙ୍କୁ ମୋଟ ୬,୦୦୦/- ଟଙ୍କା ମଞ୍ଜୁର ସହ ପ୍ରଦାନ କରାଯାଇଛି ।ପରବର୍ତ୍ତୀ ସମୟରେ ଶବିଭିନ୍ନ ବିଭାଗ ସମ୍ପର୍କିତ ଅଭିଯୋଗ ଉପରେ ଜିଲ୍ଲାପାଳଙ୍କ ସମେତ ଉପସ୍ଥିତ ଅଧିକାରୀମାନେ ଆଲୋଚନା କରିଥିଲେ ।ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନେବା ସହ ସମସ୍ୟାଗୁଡ଼ିକର ଯଥାଶୀଘ୍ର ସମାଧାନ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

## ୨୨୦୩ ବିଦ୍ୟାଳୟରେ ଉଲ୍ଲାସ ଏଫଏଲଏନ ଏଟି ପରୀକ୍ଷା

ବଲାଙ୍ଗୀର,୨୩।୯ :(ମନ୍ଥନ)ଜିଲ୍ଲାରେ ଉଲ୍ଲାସ ଅଭିଯାନ ଅଧୀନରେ ଏଫଏଲଏନ ଏଟି (ଫାଉଣ୍ଡେସେନାଲ ଲିଟରେସି ଆଣ୍ଡ ନ୍ୟୁମେରସି ଏସେସମେଣ୍ଟ ଟେଷ୍ଟ)-୨୦୨୬ ପରୀକ୍ଷା ସୁଚାରୁ ରୂପେ ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲାର ମୋଟ ୨୨୦୩ଟି ବିଦ୍ୟାଳୟରେ ଏହି ପରୀକ୍ଷା ଆୟୋଜିତ ହୋଇଥିବାବେଳେ ପ୍ରାୟ ୪୫ ହଜାର ନବସାକ୍ଷର ଏଥିରେ ଅଂଶଗ୍ରହଣ କରିଥିଲେ ।ପରୀକ୍ଷାର ସୁପରିଚାଳନା ଓ ବ୍ୟବସ୍ଥାପନା ତଦାରଖ କରିବା ପାଇଁ ଜିଲ୍ଲା ଶିକ୍ଷାଧିକାରୀ(ଡିଇଓ) ସୁଧାଂଶୁ ଶେଖର ମିଶ୍ର ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ ।ସେହିପରି ଜିଲ୍ଲାର ତିନିଜଣ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ (ଏଡିଇଓ) ପ୍ରବୀର କୁମାର ପଣ୍ଡା,ରୀନା କୁମାରୀ ବେହେରା ଓ ସେବାଶ୍ରୀ ଭୋଇ ମଧ୍ୟ ବିଭିନ୍ନ କେନ୍ଦ୍ର ପରିଦର୍ଶନ କରି ପରୀକ୍ଷାର ବ୍ୟବସ୍ଥା ଓ ପରିଚାଳନା ଅନୁଧ୍ୟାନ କରିଥିଲେ ।ପରୀକ୍ଷାକୁ ସୁଚାରୁ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବାରେ ଜିଲ୍ଲାର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ,ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ,ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ,ସାଧନକର୍ମୀ,ଧନ୍ଦାମୂଳକ ଶିକ୍ଷକ,ପ୍ରଧାନଶିକ୍ଷକ,ସହକାରୀ ଶିକ୍ଷକ ଏବଂ ନୋଡାଲ ଉଚ୍ଚ ବିଦ୍ୟାଳୟର ଶିକ୍ଷକମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ ।ଏଥିସହିତ ସର୍ଭ ?ୟର,ସ୍ୱେଚ୍ଛାସେବୀ ଓ ଅନ୍ୟାନ୍ୟ ଶିକ୍ଷକମାନେ ମଧ୍ୟ ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ ।ଜିଲ୍ଲାର ଦୂରଦୂରାନ୍ତ ଅଞ୍ଚଳରୁ ନବସାକ୍ଷରମାନେ ପରୀକ୍ଷା କେନ୍ଦ୍ରରେ ପହଞ୍ଚି ଉତ୍ସାହର ସହିତ ପରୀକ୍ଷା ଦେଇଥିଲେ ।ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦକ୍ଷତାର ମୂଲ୍ୟାୟନ ସହିତ ନବସାକ୍ଷରମାନଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ରହ ଓ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ଏହି ପରୀକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଛି ।ସମସ୍ତଙ୍କ ସମନ୍ୱିତ ପ୍ରୟାସ ଯୋଗୁଁ ଜିଲ୍ଲାରେ ଉଲ୍ଲାସ ଏଫଏଲଏନ ଏଟି–୨୦୨୬ ପରୀକ୍ଷା ଶାନ୍ତିଶୃଙ୍ଖଳା ଓ ସଫଳତାର ସହ ସମ୍ପନ୍ନ ହୋଇଥିଲା।

## ସମୂହ ଗଣେଶ ଭସାଣିରେ କମ୍ପିଲା ପିପିଲି ଚାନ୍ଦୁଆ ନଗରୀ

ପିପିଲି,୩।୯ :(ମନ୍ଥନ) ପିପିଲିରେ ରବିବାର ସମୂହ ଗଣେଶ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି । ବିଭିନ୍ନ କ୍ଲବ ପକ୍ଷରୁ ଶୋଭାଯାତ୍ରା ର ବିଭିନ୍ନ ଦିଗକୁ ନଜର ରଖି ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ମୂଲ୍ୟାୟନ କରିବା ପାଇଁ ପାଞ୍ଚ ବର୍ଗର ପାଞ୍ଚ ଜଣ ବ୍ୟକ୍ତିତ୍ୱ ବିଶେଷ କୁ ପିପିଲି ବଜାର ବ୍ୟବସାୟୀ ସଂଘ ନିୟୋଜିତ କରିଥିଲେ ।ଶିକ୍ଷାବିତ କୃଷ୍ଣଚନ୍ଦ୍ର ସାହୁ, ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ନାୟକ, ସଂଗୀତ ଗୁରୁ ସଚିକାନ୍ତ ନାୟକ, ବରିଷ୍ଠ ଶିକ୍ଷାବିତ ହେମନ୍ତ ପ୍ରଧାନ, ସାହିତ୍ୟିକ ଓ ବୈଜ୍ଞାନିକ ଡ଼ଃ ନରେନ୍ଦ୍ର ସେଠୀ ଉପସ୍ଥିତ ରହି ସମସ୍ତ କ୍ଲବ ଶୋଭାଯାତ୍ରା ର ବିଭିନ୍ନ ଦିଗକୁ ନଜର ରଖି ମାନ ନିର୍ଦ୍ଧାରଣ କରିଛନ୍ତି । ଏହି ଶୋଭାଯାତ୍ରା ଗୁଡିକ ବର୍ଣ୍ଣ୍ୟାଢ଼ ପରିବେଶରେ ସାଜସଜ୍ଜା ରେ ଗୋଟେ ପରେ ଗୋଟେ ମା ଧନେଶ୍ୱରୀ କ୍ଲବ, ସିଦ୍ଧିବିନାୟକ କ୍ଲବ, ବାବା ସିଦ୍ଧ ?ଶ୍ୱର କ୍ଲବ, ଏମଡିଡିକ୍ଲବ, ଗଣପତି କ୍ଲବ, ରୟାଲ କ୍ଲବ, ମହାରାଜା କ୍ଲବ, ମହାକାଳ କ୍ଲବ, ବାଜିରାଉତ କ୍ଲବ, ପିପିଲି ବଜାର ବ୍ୟବସାୟୀ ସଙ୍ଘ ଏବଂ ଧନେଶ୍ୱରୀ କ୍ଲବ ର ଶୋଭାଯାତ୍ରା ଖୁବ ଚମତ୍କାର ଭିତରେ ସଚେତନତା ଭିତ୍ତିକ ପ୍ରତିଯୋଗିତା ରହିଥିଲା ।ଯାହାକୁ ଦେଖିବା ପାଇଁ ପିପିଲି ବଜାର ର ଦୁଇ କଡ଼ ରେ ହଜାର ହଜାର ଦର୍ଶକ ଙ୍କ ଭିଡ଼ ଜମିଥିଲା। ସମୂହ ଭସାଣି ଶୋଭାଯାତ୍ରା କୁ ଶୃଙ୍ଖଳିତ କରିବା ପାଇଁ ବ୍ୟାପକ ପୋଲିସ ବ୍ୟବସ୍ଥା ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଙ୍କ ନେତୃତ୍ୱ ରେ ସଜାଗ ରହିଥିଲେ ଆଜିର ଭସାଣି ଉତ୍ସବ ର କୃତି କ୍ଲବ ଗୁଡିକୁ ଆସନ୍ତା ୨୮ ତାରିଖ ମେଲୋଡି କାର୍ଯ୍ୟକ୍ରମ ରେ ସମ୍ବର୍ଦ୍ଧିତ କରାଯିବ ବୋଲି ପିପିଲି ବଜାର ବ୍ୟବସାୟୀ ସଂଘ ସଭାପତି ଶାରଦା ପ୍ରସନ ସିଂହ ସୂଚନା ଦେଇଛନ୍ତି।

## କେନ୍ଦ୍ରାପଡାରେ ଏସଆଇଆର-୨୦୨୬ର ଚୂଡାନ୍ତ ଭୋଟର ତାଲିକା ପ୍ରକାଶ

କେନ୍ଦ୍ରାପଡ଼ା,୨୩।୯ :(ମନ୍ଥନ) ଜୁଲାଇ ୨୦୨୬କୁ ଯୋଗ୍ୟତା ତାରିଖ ଭାବେ ଧରି କେନ୍ଦ୍ରାପଡ଼ା ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ (ଏସଆଇଆର)-୨୦୨୬ ପ୍ରକ୍ରିୟା ସମ୍ପନ୍ନ ହୋଇଛି। ସୋମବାର ଜିଲ୍ଲାର ସମସ୍ତ ୫ଟି ବିଧାନସଭା ନିର୍ବାଚନମଣ୍ଡଳୀର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ଚୂଡ଼ାନ୍ତ ତାଲିକା ଅନୁଯାୟୀ ଜିଲ୍ଲାରେ ମୋଟ ୧୨,୦୧,୬୨୮ ଜଣ ଭୋଟର ରହିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାର ୯୬-ପାଟକୁରା, ୯୭-କେନ୍ଦ୍ରାପଡ଼ା(ଏସସି), ୯୮-ଆଳି, ୯୯-ରାଜନଗର ଓ ୧୦୦-ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ଏସଆଇଆର ପ୍ରକ୍ରିୟା କରାଯାଇଥିଲା। ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଧାରିତ ସମୟସୂଚୀ ଅନୁଯାୟୀ ୨୧ ସେପ୍ଟେମ୍ବରରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯାଇଛି ।ଚୂଡ଼ାନ୍ତ ତାଲିକା ପ୍ରକାଶ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସର ପୂର୍ବତନ ସଂଯୋଜକ ପ୍ରଫୁଲ୍ଲ କୁମାର ଦାସ, ବିଜେପି ଜିଲ୍ଲା ଉପସଭାପତି ଉପୀନ କୁମାର ରାଉତ, ବିଏସ୍ପିର ଜିଲ୍ଲା ପ୍ରଭାରୀ ସୁଧାକର ମଲ୍ଲିକ, ସିପିଆଇ(ଏମ୍)ର ଜିଲ୍ଲା ସମ୍ପାଦକ ଗୟାଧର ଧଳ, ଆମ୍ ଆଦମୀ ପାର୍ଟିର ଜିଲ୍ଲା ସାଧାରଣ ସମ୍ପାଦକ ସୂର୍ଯ୍ୟକାନ୍ତ ପରିଡ଼ା ଏବଂ ବିଜେଡି ଜିଲ୍ଲା ସଭାପତି ଶିବ ପ୍ରସାଦ ଭୋଳ ଉପସ୍ଥିତ ଥିଲେ। ବୈଠକରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ରଘୁରାମ ଆର. ଆୟର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଉପଜିଲ୍ଲାପାଳ ସନ୍ଧ୍ୟାଞ୍ଜଳି ମାଝୀ, ଡେପୁଟି କଲେକ୍ଟର (ନିର୍ବାଚନ) ଅମୀୟ କେତନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଏସଆଇଆର ପ୍ରକ୍ରିୟାର ଅଗ୍ରଗତି, ଦାବି ଓ ଆପତ୍ତିର ଯାଞ୍ଚ ଓ ନିଷ୍ପତ୍ତି ଏବଂ ଚୂଡ଼ାନ୍ତ ଭୋଟର ତାଲିକା ସମ୍ପର୍କରେ ଆବଶ୍ୟକ ସୂଚନା ପ୍ରଦାନ କରାଯାଇଥିଲା।ଏସଆଇଆର ପ୍ରକ୍ରିୟା ଅନୁଯାୟୀ ଗତ ୫ ଜୁଲାଇରେ ଖସଡ଼ା ଭୋଟର ତାଲିକା ପ୍ରକାଶ ପାଇଥିଲା। ଏହି ଖସଡ଼ା ତାଲିକାରେ ଜିଲ୍ଲାରେ ମୋଟ ୧୧,୯୦,୮୯୫ ଜଣ ଭୋଟର ଥିଲେ। ଖସଡ଼ା ତାଲିକା ପ୍ରକାଶ ପରେ ୫ ଜୁଲାଇରୁ ୧୯ ଅଗଷ୍ଟ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ ପାଇଁ ସୁଯୋଗ ଦିଆଯାଇଥିଲା।ପ୍ରାପ୍ତ ଦାବି ଓ ଆପତ୍ତିର ଯାଞ୍ଚ, ନୋଟିସ୍ ଜାରି ଏବଂ ନିୟମାନୁସାରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ୧୭ ସେପ୍ଟେମ୍ବର ସୁଦ୍ଧା ସମ୍ପନ୍ନ ହୋଇଥିଲା। ଏହାପରେ ୨୧ ସେପ୍ଟେମ୍ବରରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯାଇଛି। ସଂଶୋଧନ ପ୍ରକ୍ରିୟାରେ ୧୧,୬୪୬ ଜଣଙ୍କ ନାମ ଯୋଡ଼ାଯାଇ ଥିବା ବେଳେ ୯୧୩ ଜଣଙ୍କ ନାମ ବାଦ ଦିଆଯାଇଛି। ଏହାଛଡ଼ା ୪,୭୧୫ଟି ନାମରେ ଆବଶ୍ୟକ ସଂଶୋଧନ କରାଯାଇଛି। ଚୂଡ଼ାନ୍ତ ଭୋଟର ତାଲିକା ଅନୁଯାୟୀ ନିର୍ବାଚନମଣ୍ଡଳୀ ଓ୍ୱାରୀ ଭୋଟରଙ୍କ ସଂଖ୍ୟା ହେଲା ୯୬-ପାଟକୁରାରେ ୨,୩୭,୬୯୩ ୯୭-କେନ୍ଦ୍ରାପଡ଼ା(ଏସସି)ରେ ୨,୧୩,୦୫୬, ୯୮-ଆଳିରେ ୨,୫୮,୯୫୬, ୯୯-ରାଜନଗରରେ ୨,୪୯,୭୬୦୧୦୦-ମହାକାଳପଡ଼ାରେ ୨,୪୨,୧୬୩। ଜିଲ୍ଲାର ୫ଟି ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଇଆରଓ)ଙ୍କ କାର୍ଯ୍ୟାଳୟ ସହ ଜିଲ୍ଲାର ସମସ୍ତ ୧,୬୪୭ଟି ବୁଥିରେ ମଧ୍ୟ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯାଇଛି। ଏସଆଇଆର-୨୦୨୬ ପ୍ରକ୍ରିୟା ସମ୍ପନ୍ନ କରିବାରେ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଇଆରଓ), ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଏଇଆରଓ), ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ), ରାଜନୈତିକ ଦଳର ପ୍ରତିନିଧି ଏବଂ ସମ୍ପୃକ୍ତ ଅଧିକାରୀମାନଙ୍କ ସହଯୋଗ ରହିଥିଲା। ଏହି ଅବସରରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ, କେନ୍ଦ୍ରାପଡ଼ା ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ସମ୍ପର୍କରେ ସୂଚନା ଦେଇଥିଲେ। ବିଧାନସଭା ନିର୍ବାଚନମଣ୍ଡଳୀ ଓ୍ୱାରୀ ଭୋଟରଙ୍କ ବିବରଣୀ, ଏସଆଇଆର-୨୦୨୬ର ଅଗ୍ରଗତି, ଦାବି ଓ ଆପତ୍ତିର ନିଷ୍ପତ୍ତି ଏବଂ ଚୂଡ଼ାନ୍ତ ତାଲିକା ସମ୍ପର୍କିତ ତଥ୍ୟ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଅବଗତ କରାଯାଇଥିଲା।



## ସ୍କୁଲ ବସ ପଛରେ ପିଟିହେଲା ବାଇକ୍, ଜଣେ ଗୁରୁତର

ବଲଙ୍ଗା,୨୩।୯ :(ମନ୍ଥନ)ବଲଙ୍ଗା ଥାନା ଅନ୍ତର୍ଗତ ବଲଙ୍ଗା – ଉଚ୍ଛୁପୁର ରାସ୍ତାର କୋଲିତଳ ଛକ ଠାରେ ଏକ ସ୍କୁଲ ବସ୍ ପଛରେ ବାଇକ୍ ପିଟି ହୋଇ ଜଣେ କଲେଜ ଛାତ୍ର ଗୁରୁତର ହୋଇଛି । ସେ ହେଲା ଏହି ଥାନା ଅନ୍ତର୍ଗତ ଗେଣ୍ଡମାଳି ଗ୍ରାମର ରାହୁଲ ଛାଟୋଇ ବୋଲି ଜଣା ପଡିଛି । ସ୍ଥାନୀୟ ଲୋକେ ରାହୁଲକୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି । ସୂଚନା ମୁତାବକ ରାହୁଲ ଆଜି ପୂର୍ବାହ୍ନରେ ତାଙ୍କର ଅନ୍ୟ ୨ସାଙ୍ଗ ମାନଙ୍କ ସହ ଏକ ବାଇକ ଯୋଗେ କଲେଜ ଆସୁଥିଲା ବେଳେ କୋଲିତଳ ଛକ ଠାରେ ବାଇକ୍ ଟି ଭାରସାମ୍ୟ ହରାଇ ରାସ୍ତାରେ ଥିବା ଏକ୍ ସ୍କୁଲ୍ ବସ ପଛ ପଟେ ପିଟି ହୋଇଯାଇଥିଲା । ଫଳରେ ରାହୁଲ ଶରୀରରେ ଗୁରୁତର ଆଘାତ ଲାଗିଥିଲା ।

## ପୂଜା ମଣ୍ଡପ ରୁ ମୂର୍ତ୍ତି ଚୋରି ଅଭିଯୋଗ

ଡେଲାଙ୍ଗ,୨୩।୯ :(ମନ୍ଥନ) ଡେଲାଙ୍ଗ ଥାନା ଚାଇଁପୁର ପଂଚାୟତ ଅନ୍ତର୍ଗତ ଗୋରଡାପିଢ ଗ୍ରାମରେ ଝିଅ ମାନଙ୍କ ଖୁଦୁରୁକୋଣୀ ଓଷା ପୂଜାମଣ୍ଡପରୁ ମୂର୍ତ୍ତି ଚୋରି ନେଇ ହରିରାଜପୁର ଫାଣ୍ଡି ରେ ଲିଖିତ ଅଭିଯୋଗ ହୋଇଛି ଓ ଅଭିଯୋଗ ପରେ ଫାଣ୍ଡି ପୋଲିସ ପହଂଚି ଏକ ସିସି ଟିଭି ଆଧାରରେ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି ଓ ଅନ୍ୟ ଏକ ଗୋଷ୍ଠୀ ମୂର୍ତ୍ତିକୁ ନେଇ ବିସର୍ଜନ କରିଥାଇପାରନ୍ତି ବୋଲି ପୋଲିସ ଅନୁମାନ କରୁଛି । ହେଲେ ଯେଉଁ ଝିଅ ମାନେ ରାତିରେ ମୂର୍ତ୍ତି ବିସର୍ଜନ ପାଇଁ ପୂଜା ମଣ୍ଡପ ରେ ପହଂଚି ଥିଲେ । ମୂର୍ତ୍ତି କୁ ନପାଇ ନିରାଶ ହୋଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ତାଙ୍କୁ ପୋଲିସ କିଭଳି ନ୍ୟାୟ ପ୍ରଦାନ କରୁଛି ବୁଦ୍ଧିଜୀବୀ ମହଲରେ ଆଲୋଚନା ର ବିଷୟ ପାଲଟିଛି ।

## ଏରାଗୋଲା ଚୋର ଗ୍ୟାଙ୍ଗ ଚିହ୍ନଟ, ୩ ଚୋର ଗିରଫ

ବୁଗୁଡା, ୨୩।୯ :(ମନ୍ଥନ)ଭଞ୍ଜନଗର ଉପଖଣ୍ଡ ଆରକ୍ଷୀ ଅଧିକାରୀ ଡ.ଦିଲ୍ଲୀପ କୁମାର ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଏରାଗୋଲା ଚୋର ଗ୍ୟାଙ୍ଗକୁ ଚିହ୍ନଟ ସହ ସେହି ଗ୍ୟାଙ୍ଗର ତିନି ଜଣ ଚୋରକୁ ବୁଗୁଡା ପୋଲିସ ଗିରଫ କରିଥିବା ଜଣାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ପୋଟାଲୁଣ୍ଡି ଗ୍ରାମର ଚିରଞ୍ଜିବୀ ପାତ୍ର( ୨୨ ) ଓ ଅଜିତ କୁମାର ବେହେରା(୩୦) , ନିମପଦର ଗାଁର ସୁରେନ୍ଦ୍ର ପାତ୍ର(୩୫) । ଏ ନେଇ ବୁଗୁଡା ଥାନାରେ କେସ୍ ନଂ ୪୭୫/ ୨୬ରେ ଏକ ମାମଲା ରୁଜୁ ହୋଇଥିବା ପୋଲିସଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ଅଞ୍ଚଳର ବିଭିନ୍ନ ଚୋରି ଘଟଣାରେ ସମ୍ପୃକ୍ତ ଏରାଗୋଲା ଚୋର ଗ୍ୟାଙ୍ଗକୁ ଠାବ କରିବା ପାଇଁ ଏସଡିପିଓଙ୍କ ନିର୍ଦ୍ଦେଶ କ୍ରମେ ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡିଙ୍କ ନେତୃତ୍ୱରେ ଓଏପିଏଫ୍ ଲୋକନାଥ ନାୟକ, ଏଚଜି ଉତ୍ତମ କୁମାର ସ୍ୱାଇଁ ଓ ଚନ୍ଦନ ନାୟକ



ପ୍ରମୁଖଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା । ପୋଲିସର ଏହି ସ୍ୱତନ୍ତ୍ର ଟିମ ଚୋର ଗ୍ୟାଙ୍ଗକୁ ଠାବ ସହ ସେହି ଗ୍ୟାଙ୍ଗର ତିନି ଜଣଙ୍କୁ ଗିରଫ କରି ସେମାନଙ୍କଠାରୁ ୫୨୨ ଗ୍ରାମ ରୂପା ଅଳଙ୍କାର , ନଗଦ ୫,୫୬୫ ଟଙ୍କା , ଗୋଟିଏ ଏଲଇଡି ହେଡଲାଇଟ୍, ତିନୋଟି ଏଲଇଡି ଟର୍ଚ୍ଚ ଲାଇଟ୍, ପାଞ୍ଚଟି ମୋବାଇଲ ଫୋନ ଏବଂ ଘର ଭାଙ୍ଗିବାରେ ବ୍ୟବହୃତ କେତେକ ଉପକରଣ ଜବତ କରିଥିଲା । ତେବେ ପୂର୍ବରୁ ଅନେକ ଚୋରି ମାମଲାରେ ସମ୍ପୃକ୍ତ ଥାଇ ଜେଲ ଯାଇଥିବା ପୋଟାଲୁଣ୍ଡିର ଅଭିଜ୍ଞ ଚୋର ଚିରଞ୍ଜିବୀ ସମେତ ତିନି ଜଣଙ୍କୁ ଗିରଫ ସହ କୋର୍ଟ ଚାଲାଣ କରାଯାଇଥିବା ବେଳେ ଅନ୍ୟ କେଉଁ କେଉଁ ଚୋରି ଘଟଣାରେ ଏହି ଗ୍ୟାଙ୍ଗର ସମ୍ପୃକ୍ତି ଏବଂ ଗ୍ୟାଙ୍ଗର କେଉଁମାନେ ଫେରାର ରହିଛନ୍ତି ସେନେଇ ଅଧିକ ତଦନ୍ତ ଜାରି ରହିଥିବା ପୋଲିସ ସୂତ୍ରରୁ ପ୍ରକାଶ ପାଇଛି ।

## ୨୩୨ ଜଣ ଛାତ୍ରଛାତ୍ରୀ ଦେଲେ ନବମ ଶ୍ରେଣୀ ଏନ୍ଆରଟିଏସ୍ ପରୀକ୍ଷା

ବୁଗୁଡ଼ା,୨୩।୯ :(ମନ୍ଥନ)ସ୍ଥାନୀୟ ପିପୁଲ୍ଲି ହାଇସ୍କୁଲକେନ୍ଦ୍ରରେ ଆଜି ନବମ ଶ୍ରେଣୀ ଜାତୀୟ ଗ୍ରାମୀଣ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବୁଗୁଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ବିଭିନ୍ନ ବିଦ୍ୟାଳୟର ୨୩୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ଉକ୍ତ ପରୀକ୍ଷା କେନ୍ଦ୍ରର ସୁପରିଟେଣ୍ଡେଣ୍ଟ ଦାୟିତ୍ୱରେ ପିପୁଲ୍ଲି ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶଙ୍କର ଦାସ ଏବଂ ଡେପୁଟି ସୁପରିଟେଣ୍ଡେଣ୍ଟ ଦାୟିତ୍ୱରେ ସହକାରୀ ଶିକ୍ଷୟିତ୍ରୀ ସ୍ନେହଲତା ସାହୁ ରହିଥିବା ବେଳେ ଉଷାରାଣୀ ସିଂ, ବିଶ୍ୱେଶ୍ୱର ଗିରି , ସୁଚିତ୍ରା ବିଷୋୟୀ, ସିମାଞ୍ଚଳ ପାଇକ, ଶିବାନନ୍ଦ ସୁବୁଦ୍ଧି , ସୁସ୍ମିତା କୁମାରୀ ପଟ୍ଟନାୟକ ଏବଂ ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ମମତା ଚୌଧୁରୀ ଓ ଲୋପାମୁଦ୍ରା ପଣ୍ଡା ପ୍ରମୁଖ ଶିକ୍ଷକ-ଶିକ୍ଷୟିତ୍ରୀ କକ୍ଷ ନିରୀକ୍ଷକ ଭାବେ ନିଯୋଜିତ ଥିଲେ । ଉକ୍ତ କେନ୍ଦ୍ରରେ ପର୍ଯ୍ୟବେକ୍ଷକ ଭାବେ ଏବିଇଓ କୃଷ୍ଣଚନ୍ଦ୍ର ବେହେରା ଯୋଗ ଦେଇଥିବା ବେଳେ ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିଲା ।

## ଲଘୁଚାପ ଜନିତ ବର୍ଷା ରେ ଘରେ ପସିଲା ପାଣି

ବ୍ରହ୍ମଗିରି ,୨୩।୯ :(ମନ୍ଥନ)ବଙ୍ଗୋପ ସାଗରରେ ସୃଷ୍ଟି ଲଘୁଚାପ ଅବପାତର ରୂପ ନେବା ପରେ ପ୍ରବଳ ବର୍ଷା ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ଏହା ସହିତ ପବନ ବହିବାର ଆଶଙ୍କା ଥିବାରୁ ପ୍ରସ୍ତୁତ ରହିବାକୁ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଆସିଛି । ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଅଧିକାରୀଙ୍କର ଛୁଟି ବାତିଲ କରାଯାଇଥିବା ବେଳେ ମୁଖ୍ୟାଳୟ ନ ଛାଡ଼ିବାକୁ ପରାମର୍ଶ ଦିଆଯାଇଛି । ୪୦ରୁ ୫୦ କିମି ବେଗରେ ପବନ ବୋହିବାକୁ ଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ପ୍ରବେଶ ବାରଣ ବାରଣ କରାଯାଇଛି । ମଙ୍ଗଳ ବାର ଦିନ ସେଥିପାଇଁ ବ୍ରହ୍ମଗିରି ଅଗ୍ନିଶ୍ରମ ବାହୀନ ତତ୍ପରତା ଦେଖାଇଛି । ବ୍ରହ୍ମଗିରି ବ୍ଲକ ଅନ୍ତଗତ କଡାଜିତି ପଞ୍ଚାୟତ ଅଧିନସ୍ଥ କଉଗାଡ଼ିଆ ଗ୍ରାମରେ ୮ ଟି ପରିବାର ବସବାସ କରନ୍ତି । ଅଧିକ ବର୍ଷା ହେବାରୁ ତାଙ୍କ ଘରଭିତରେ ପାଣି ପସିଯାଇଥିଲା । ସେମାନେ ତୁରନ୍ତ ବିଡ଼ିଓ ଙ୍କ ନିକଟରେ ଅଭିଯୋଗ କରିଥିଲେ । ଅଭିଯୋଗ ପତ୍ର ପାଇବା ପରେ ବ୍ଲକ ବିଡ଼ିଓ ମନୀଷା ଷଡଙ୍ଗୀ ଅଗ୍ନିଶ୍ରମ ବାହୀନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଘଟଣା ସ୍ଥଳରେଅଗ୍ନିଶ୍ରମ ବାହିନୀ ଟିମ ପହଞ୍ଚି ପାଣି ନିଷ୍କାସନ କରିଥିବା ଜଣାପଡ଼ିଛି ।

## ଗଞ୍ଜାମରେ ଗଭୀର ଅବପାତ ମୁକାବିଲା ପାଇଁ ଆଗୁଆ ପ୍ରସ୍ତୁତି

ଛତ୍ରପୁର, ୨୩।୯ :(ମନ୍ଥନ)ଗଞ୍ଜାମ ଜିଲ୍ଲାରେ ଗଭୀର ଅବପାତକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗୁଆ ପ୍ରସ୍ତୁତି ଜାରି ରହିଛି । ଧନଜୀବନ ସୁରକ୍ଷା ସହ 'ଜିରୋ କାଜୁଆଲ୍ଟି' ଲକ୍ଷ୍ୟରେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଘନଘନ ବୈଠକ କରିବା ସହ ପରିସ୍ଥିତି ଉପରେ ନଜର ରଖିଛନ୍ତି ।ଏହି କ୍ରମରେ ଜିଲ୍ଲାପାଳ ଚିକିଟି ବ୍ଲକ ଅନ୍ତର୍ଗତ ଅଲାଡ଼ିପୁର ଓ ରମାୟାପାଟଣାସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରି ସେଠାରେ ଉପଲବ୍ଧ ବ୍ୟାବସ୍ଥା ଓ ପ୍ରସ୍ତୁତିର ସ୍ଥିତି ଯାଞ୍ଚ କରିଛନ୍ତି । ଆଶ୍ରୟସ୍ଥଳୀରେ ପାନୀୟ ଜଳ, ବିଦ୍ୟୁତ୍, ଆଲୋକ, ଖାଦ୍ୟ, ଔଷଧ ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ସୁନିଶ୍ଚିତ କରିବାକୁ ସେ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି ।ସେହିପରି ସମୁଦ୍ର ନିକଟସ୍ଥ ରମାୟାପାଟଣା ଅଞ୍ଚଳରେ ମତ୍ସ୍ୟଜୀବୀମାନଙ୍କ ସହ ଜିଲ୍ଲାପାଳ ଆଲୋଚନା କରିଛନ୍ତି । ଗଭୀର ଅବପାତ ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବାର ଆଶଙ୍କା ଥିବାରୁ ମତ୍ସ୍ୟଜୀବୀମାନେ ସମୁଦ୍ରକୁ ନଯିବା ସହ ପ୍ରଶାସନ ପକ୍ଷରୁ ଜାରି ସୁରକ୍ଷା ନିର୍ଦ୍ଦେଶକୁ କଡ଼ାକଡ଼ି ପାଳନ କରିବାକୁ ସେ ପରାମର୍ଶ ଦେଇଛନ୍ତି । ସମୁଦ୍ରକୂଳ ଅଞ୍ଚଳରେ ମଧ୍ୟ ସ୍ଥିତି ଅନୁଧ୍ୟାନ କରି ସମସ୍ତଙ୍କୁ ସତର୍କ ରହିବାକୁ କୁହାଯାଇଛି ।

## ସମ୍ଭାବ୍ୟ ସାମୁଦ୍ରିକ ଝଡ଼ ମୁକାବିଲା ନେଇ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ

ଗଞ୍ଜାମ,୨୩।୯ :(ମନ୍ଥନ)ଉତ୍ତର ଆଣ୍ଡାମାନ ସାଗରରେ ସୃଷ୍ଟି ହେଉଥିବା ଲଘୁଚାପ ବର୍ତ୍ତମାନ ଗଭୀର ଅବପାତ ରପ ନେଇ ବଙ୍ଗୋପସାଗର ଦେଇ ଦକ୍ଷିଣ ଓଡିଶା ଓ ଉତ୍ତର ଆନ୍ଧ୍ର ପ୍ରଦେଶ ଅଭିମୁଖେ ଗତି କରିବା ନେଇ ଭାରତୀୟ ପାଣିପାଗ ବିଜ୍ଞାନ ବିଭାଗ ପକ୍ଷରୁ ସୂଚନା ମିଳିଛି କ୍ଷ ଗଞ୍ଜାମ ଜିଲ୍ଲାକୁ ଅରେଞ୍ଜ ୱାର୍ନିଂ ଦିଆଯାଇଥିବା ବେଳେ ଥିବା ଆସନ୍ତା ୨୩ ଏବଂ ୨୪ ତାରିଖ ଦିନ ରେଡ୍ ୱାର୍ନିଂ ଜାରି କରାଯାଇଛି । ଏହି ସମ୍ଭାବ୍ୟ ବାତ୍ୟା ଅର୍ଣ୍ଣବକୁ ନେଇ ବ୍ଲକ କନଫରେନ୍ସ ହଲ ଠାରେ ସାମୁଦ୍ରିକ ଝଡ଼ର ମୁକାବିଲା ନେଇ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀ ଅଚ୍ୟୁତାନନ୍ଦ ଯାନୀ, ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର, ଅତିରିକ୍ତ ଗଞ୍ଜାମ ଥାନା ଆଇଆଇସି ଶୁଭଲକ୍ଷ୍ମୀ କଂହର, ବ୍ଲକ ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ସନାତନ ବେହେରା, ସିଡିପିଓ ସଲୀଳା ପ୍ରଧାନ, ବ୍ଲକ ଶିକ୍ଷାଧିକାରୀ ସରୋଜ



କୁମାର ସାହୁ,ସହକାରୀ ନିର୍ବାହୀ ଯନ୍ତ୍ରୀ ଅଚ୍ୟୁତାନନ୍ଦ ପଟ୍ଟନାୟକ,ଜିପିଓ ଅପର୍ଣ୍ଣା ଅଭିଲିପ୍ସା ପ୍ରମୁଖ ମଞ୍ଚାସିନ ହେବା ସହ ସାମୁଦ୍ରିକ ଝଡ଼ ର କିପରି ମୁକାବିଲା କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା ।ଏହି ବୈଠକରେ ସମସ୍ତ ଲାଇନ ଡିପାର୍ଟମେଣ୍ଟ କର୍ମଚାରୀ, ଅଗ୍ନିଶମ ବିଭାଗ କର୍ମଚାରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ବନ୍ୟା କିମ୍ବା ବାତ୍ୟା ଆସିଲେ ଭୟଭୀତ ନ ହୋଇ ସଠିକ ମୁକାବିଲା କରିବାକୁ ବୈଠକରେ ଆଲୋଚନା ହୋଇଥିଲା ।ସମସ୍ତ ବିଭାଗକୁ ଜରୁରୀକାଳୀନ ପରିସ୍ଥିତି ସହ ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିବାକୁ ବିଡ଼ିଓ ଯାନୀ ନିର୍ଦ୍ଦେଶ ଦେଇଛନ୍ତି ।ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସାଙ୍ଗକୁ ଘଣ୍ଟା ପ୍ରତି ୭୫ କିମି ବେଗ ପର୍ଯ୍ୟନ୍ତ ପବନ ବହିବାର ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ଏହା ପ୍ରଭାବରେ ଜାଗା ଜାଗାରେ ପାଣି ଜମା ହେବା, ବନ୍ୟା ପରିସ୍ଥିତି ସୃଷ୍ଟି ହେବା ସହ ରାସ୍ତା ଓ ଅନ୍ୟ ସମ୍ବେଦନଶୀଳ ସ୍ଥାନରେ ଗଛ ଓ ବିଦ୍ୟୁତ ଖୁଣ୍ଟ ପଡ଼ିବା ଆଶଙ୍କା ରହିଛି । ବାତ୍ୟା ସମୟରେ ଘର ବାହାରକୁ ନ ବାହାରିବା,ବିଶେଷ କରି ଚାଷୀଙ୍କୁ ବିଲରେ ଯେଉଁଠାରେ ବଜ୍ରପାତ ହେବାର ସମ୍ଭାବନା ଅଧିକ ଥିବାରୁ ଚାଷ କାମ ପାଇଁ ନଯିବାକୁ ପ୍ରଶାସନ ପକ୍ଷରୁ ହାଇ ଅଲର୍ଟ କରାଯାଇଛି । ଏଥିସହ ସମୁଦ୍ର ଓ ନଦୀ ତଟବର୍ତ୍ତୀ ଅଞ୍ଚଳ ବାସୀଙ୍କୁ ସ୍ଥାନାନ୍ତରିତ କରିବା ଆଲୋଚନା ହୋଇଥିଲା । ସମ୍ବେଦନଶୀଳ ସ୍ଥାନ ଗୁଡ଼ିକୁ ଚିହ୍ନଟ କରିଯାଇ ସେଠାରେ ସ୍ୱତନ୍ତ୍ର ତଦାରଖ କରିବା ସହିତ ଓଡ୍ରାଫ ଟିମ୍, ପୋଲିସ ବିଭାଗ, ସ୍ୱାସ୍ଥ୍ୟ ସେବା, ବିଦ୍ୟୁତ ବିଭାଗ ସହ ସମସ୍ତ ବିଭାଗ ସଜାଗ ଥିବା ବିଡ଼ିଓ ଯାନୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି କ୍ଷଉକ୍ତ ବୈଠକରେ ବିଭିନ୍ନ ପଞ୍ଚାୟତ ନିର୍ବାଚିତ ପ୍ରତିନିଧି ଉପସ୍ଥିତ ରହିଥିଲେ ।

## ଶ୍ରୀ ବଳଦେବସ୍ୱାମୀ ମନ୍ଦିରରେ ବଡ ଏକାଦଶୀ ଉତ୍ସବ ପାଳିତ

ବୁଗୁଡ଼ା ,୨୩।୯ :(ମନ୍ଥନ)ସ୍ଥାନୀୟ ଶ୍ରୀ ବଳଦେବସ୍ୱାମୀ ମନ୍ଦିରରେ ଶ୍ରୀବିଷ୍ଣୁ ପାର୍ଶ୍ୱପରିବର୍ତ୍ତନ ଏକାଦଶୀ ତଥା ବଡ ଏକାଦଶୀ ଉତ୍ସବ ଯଥା ରୀତିନୀତି ପ୍ରକାରେ ଶ୍ରଦ୍ଧାଳୁଙ୍କ ଗହଣରେ ପାଳିତ ହୋଇଯାଇଛି । ଏ ଅବସରରେ ପ୍ରାତଃ କାଳରେ ଠାକୁରଙ୍କ ଅବକାଶ ନୀତି ସମ୍ପନ୍ନ ପରେ ଶାଳଗ୍ରାମ ଗାଧୁଆ , ମହାସ୍ନାନ, ମନ୍ତ୍ରସ୍ନାନ ଏବଂ ପୂର୍ବାହ୍ନରେ ଷୋଡଶ ଉପଚାର ପୂଜା, ମଙ୍ଗଳ ଆଳତି ଓ ସୁନାବେଶ ବିଧି ପାଳନ କରାଯାଇଥିବା ବେଳେ ସନ୍ଧ୍ୟାରେ ଦୋଳଗୋବିନ୍ଦଙ୍କ ଏକାଦଶୀ ବେଢା ପରିକ୍ରମା ସାଙ୍ଗକୁ ରାଜପ୍ରସାଦ ଭୋଗ ନୀତି ଅନୁଷ୍ଠିତ ହୋଇଥିଲା । ଏହି ବଡ ଏକାଦଶୀ ଉତ୍ସବରେ ପୂଜକ ସୁବାସ ଚନ୍ଦ୍ର ନନ୍ଦ, ଜଗଦୀଶ ପଣ୍ଡା, ଦିଗାମ୍ବର ନନ୍ଦ ପ୍ରମୁଖ ଠାକୁରଙ୍କ ପୂଜାପାଠ କରିଥିବା ବେଳେ ଜଗନ୍ନାଥ ଅର୍ଚ୍ଚକ ଯୁବକ ସଂଘର ସଦସ୍ୟଗଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପ୍ରତିକୂଳ ପାଗ ସତ୍ତ୍ୱେ ବଡ ଏକାଦଶୀ ଉତ୍ସବ ପାଳନ ନିମନ୍ତେ ବଳଦେବସ୍ୱାମୀଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଜମିଥିଲା ।

## ଯାଜପୁରରେ ରାଜ୍ୟସ୍ତରୀୟ ପାଲା ଓ ଦାସକାଠିଆ ମହୋତ୍ସବ-୨୦୨୬ ଉଦ୍‌ଘାଟିତ

ଯାଜପୁର,୨୩।୯ :(ମନ୍ଥନ) ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଯାଜପୁର ଜିଲ୍ଲା ପ୍ରଶାସନ, ଜିଲ୍ଲା ସଂସ୍କୃତି ପରିଷଦ ଏବଂ 'ପୁଣ୍ୟ ଉତ୍କଳ'ର ମିଳିତ ସହଯୋଗରେ ସୋମବାର ସନ୍ଧ୍ୟାରେ ଯାଜପୁର ସ୍ଥିତ ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ 'ରାଜ୍ୟସ୍ତରୀୟ ପାଲା ଓ ଦାସକାଠିଆ ମହୋତ୍ସବ-୨୦୨୬' ମହାସମାରୋହରେ ଉଦ୍‌ଘାଟିତ ହୋଇଯାଇଛି ।



ଏହି ଉଦ୍‌ଘାଟନୀ ସମାରୋହରେ ସମ୍ମାନିତ ଅତିଥି ଭାବେ ଗୌତମ ରାୟ ଯୋଗଦେଇ କହିଥିଲେ ଯେ, ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ ତଥା ଲୋକକଳାର ସଂରକ୍ଷଣ ଦିଗରେ ଏଭଳି ମହୋତ୍ସବର ଆୟୋଜନ ପ୍ରକୃତରେ ଅତ୍ୟନ୍ତ ପ୍ରଶଂସନୀୟ । ଏହି କାର୍ଯ୍ୟକ୍ରମକୁ ଅଧିକ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସେ ଗୋଟିଏ ସମ୍ପୂର୍ଣ୍ଣ ସନ୍ଧ୍ୟା ଏହି ମହୋତ୍ସବରେ ଉପସ୍ଥିତ ରହିବେ ବୋଲି ମଧ୍ୟ କହିଥିଲେ । ସେହିପରି ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ଏଥିରେ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଯାଜପୁର ହେଉଛି କଳା ଓ ସଂସ୍କୃତିର ଏକ ପ୍ରାଚୀନ ପୀଠ ଏବଂ ମାନନୀୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ବିଶେଷ ଆଗ୍ରହ ତଥା ପ୍ରଚେଷ୍ଟା କ୍ରମେ ଯାଜପୁର ମାଟିରେ ଏହି ମହୋତ୍ସବ ଆୟୋଜିତ ହୋଇପାରିଛି । ସେପ୍ଟେମ୍ବର ୨୧ ରୁ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ୫ ଦିନିଆ ମହୋତ୍ସବରେ ପ୍ରଥମ ଦୁଇ ଦିନ ଦାସକାଠିଆ ଏବଂ ପରବର୍ତ୍ତୀ ତିନି ଦିନ ପାଲା ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି । ଏହି ମଂଚରେ ଉପସ୍ଥିତ ଥିବା ଯାଜପୁରର ବିଶିଷ୍ଟ ଶିକ୍ଷାବିତ୍ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ହରିଶ ଚନ୍ଦ୍ର ପଣ୍ଡା, ଉପ-ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ବିଶିଷ୍ଟ ଶିକ୍ଷାବିତ୍ ଡ. ଦାମୋଦର ବେହେରା ଏବଂ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଅନ୍ୟାନ୍ୟ ମାନ୍ୟଗଣ୍ୟ ଅତିଥିମାନେ ମଧ୍ୟ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ ।

## ଜରପଡା ଗ୍ରାମ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ

ଛେଣ୍ଡିପଦା,୨୩।୯ :(ମନ୍ଥନ)ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ ଜରପଡା ଗ୍ରାମ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣୀ ଶିବିର ସ୍ଥାନୀୟ ବ୍ଲକ୍ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ବିଡିଓ ଅରବିନ୍ଦ ବେହେରା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ବିଭିନ୍ନ ପ୍ରକାର ଅଭାବ ଅସୁବିଧା ସମସ୍ୟା ସାଙ୍ଗକୁ ବ୍ୟକ୍ତିଗତ ସମସ୍ୟା ଯଥା ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା, ସାମାଜିକ ସହାୟତା ବାର୍ଦ୍ଧକ୍ୟ, ବିଧବା , ଭିନ୍ନକ୍ଷମ ଭତ୍ତା ମଞ୍ଜୁର ଉପରେ ପଞ୍ଚାୟତ ବାସୀ ଆପତ୍ତି ଅଭିଯୋଗ କରିଥିଲେ । ସେହିପରି ପଞ୍ଚାୟତ ସରପଞ୍ଚ ବିଦେଶୀ ବେହେରାଙ୍କ ନେତୃତ୍ୱରେ ଜରପଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ସଂଖ୍ୟକ ବିଭାଗୀୟ ଡାକ୍ତର ନିଯୁକ୍ତି ସାଙ୍ଗକୁ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ପ୍ରଶାସନ



ନିକଟରେ ଲିଖିତ ଦାବି ପତ୍ର ପ୍ରଦାନ କରାଯାଇଥିଲା । ସେହିପରି ଜରପଡା ମିନି ଷ୍ଟାଡିୟମର ନିର୍ମାଣ ଓ ଉନ୍ନତିକରଣ ସକାଶେ ଦାବି କରିଥିଲେ । ଏହି ଦାବି ପତ୍ର ପ୍ରଦାନ ସମୟରେ ଗ୍ରାମ ସଭାପତି ତ୍ରିନାଥେଶ୍ୱର ପ୍ରଧାନ, ସାମାଜିକ କର୍ମୀ ଭୋଳେଶ୍ୱର୍ ଗୋଚ୍ଛାୟତ , ସୁଜିତ କୁମାର ସାହୁ, ଝାରୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଗ୍ରାମ ପଞ୍ଚାୟତ ଅଧିକାରୀ ସୁବ୍ରତ କୁମାର ସାହୁ,ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ଜେନା, ବି ପି ସି ସିପୁନ କୁମାର ପ୍ରଧାନ, ଏ ଡି ଇ ଓ ସୁରେଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇ ଶିବିର ପରିଚାଳନା କରିଥିଲେ ।

## ପିପିଲିରେ ୩୭୬୦ ଅଣସାକ୍ଷର ଉଲ୍ଲାସ ପରୀକ୍ଷା ଦେଲେ ପୁରୁଷ ତୁଳନାରେ ମହିଳା ସଂଖ୍ୟା ଅଧିକ

ପିପିଲି ,୨୩।୯ :(ମନ୍ଥନ)ଶିକ୍ଷା ହିଁ ସଫଳତାର ଚାବିକାଠି । ସମସ୍ତଙ୍କ ପାଇଁ ଶିକ୍ଷା । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମୂଳ ଲକ୍ଷ୍ୟ ହେଉଛି,ସମସ୍ତଙ୍କୁ ସାକ୍ଷର ତଥା ଶିକ୍ଷିତ କରାଇବା ।ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ଉଲ୍ଲାସ ଯୋଜନରେ ବିଗତ ୨୦୨୨ ମସିହାରୁ ଅଦ୍ୟାବଧି ସମଗ୍ର ଭାରତବର୍ଷରେ ଅଣ ସାକ୍ଷରଙ୍କୁ ସାକ୍ଷର କରିବା ନିମନ୍ତେ ଉଲ୍ଲାସ କାର୍ଯ୍ୟକ୍ରମ ଚାଲିଛି ।୧୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ କେହି ଯେପରି ନିରକ୍ଷର ରହିବେ ନାହିଁ ତେଣୁ ଅଣ ସାକ୍ଷରଙ୍କୁ ସାକ୍ଷର କରିବା ଉକ୍ତ ଯୋଜନାର ମୂଳ ଉଦ୍ଦେଶ୍ୟ । ଏ ପରିପ୍ରେକ୍ଷୀରେ ପିପିଲି ବ୍ଲକର ୧୩୩୫ ଜଣ ପୁରୁଷ ଓ ୨୪୨୫ ଜଣ ମହିଳା ମୋଟରେ ୩୭୬୦ ଜଣ ଅଣ ସାକ୍ଷର ଉଲ୍ଲାସ ପରୀକ୍ଷା ଦେଇଛନ୍ତି ।ତେବେ ପୁରୁଷ ତୁଳନାରେ ମହିଳା ସଂଖ୍ୟା ଅଧିକ ଥିଲା । ସତର ଗୋଟି କ୍ଲଷ୍ଟର ର ୧୪୯ଟି ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର କରାଯାଇଥିଲା ।ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ, ସି ଆର୍ ସି ସି ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ ।ଗୋଷ୍ଠୀ ଶିକ୍ଷା ଅଧିକାରୀ ପୀତବାସ ସେଠୀ,ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସାହେବ ପାତ୍ର, ଡ.ଶରତ କୁମାର ଚଉଁରୀ ଓ ମିହିର କୁମାର ପ୍ରଧାନ ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ପରିଦର୍ଶନରେ ଯାଇଥିଲେ । ଏହି ନିରକ୍ଷର ମାନେ କିପରି ଅକ୍ଷର ଏବଂ ସଂଖ୍ୟା ପଢିବେ ଓ ଲେଖିପାରିବେ ଏଥିଲାଗି ଚିହ୍ନଟ କରାଯାଇଥିଲା । ସେମାନଙ୍କୁ ଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପୁସ୍ତକ ଦିଆଯାଇଥିଲା । ଏହି ନିରକ୍ଷର ମାନଙ୍କୁ ଶିକ୍ଷାଦାନ ନିମନ୍ତେ ପ୍ରତେକ୍ୟ ଗ୍ରାମରେ ସ୍ୱେଚ୍ଛାସେବୀ ଶିକ୍ଷକ ମାନଙ୍କୁ ନିଯୁକ୍ତି ଦିଆଯାଇଥିଲା । ସେମାନେ ଗ୍ରାମରେ ନିରକ୍ଷର ମାନଙ୍କୁ ଅକ୍ଷର , ସଂଖ୍ୟା , ପଢିବା , ଓ ଲେଖିବା ସମ୍ପର୍କ ରେ ଶିକ୍ଷା ଦେଇଥିଲେ । ଏହା ଗତ ଏପ୍ରିଲ ମାସରୁ ଶିକ୍ଷାଦାନ ଆରମ୍ଭ କରାଯାଇଥିଲା ।ଅନେକ କାମଧନ୍ଦା ରେ ବ୍ୟସ୍ତ ରହୁଥିବାରୁ ପରୀକ୍ଷାର ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରାଯାଇ ନଥିଲା । ସକାଳ ଆଠଟା ରୁ ପାଞ୍ଚଟା ମଧ୍ୟରେ ନିଜର ସୁବିଧା ଦେଖି ପରୀକ୍ଷା ଦେଇଥିଲେ ।ଉତ୍ତର ଖାତା ମୂଲ୍ୟାଙ୍କନ କରାଯିବା ପରେ ସମସ୍ତ ପରୀକ୍ଷାର୍ଥୀ ଉତୀର୍ଣ୍ଣ ହୋଇଥିବାରୁ ସମସ୍ତ ପରୀକ୍ଷାର୍ଥୀଙ୍କୁ ସାକ୍ଷରତା ପ୍ରମାଣ ପତ୍ର ପ୍ରଦାନ କରାଯିବ ବୋଲି ବିଇଓ ପୀତବାସ ସେଠୀ ଙ୍କ ଠାରୁ ପ୍ରକାଶ ।

## ସମ୍ଭାବ୍ୟ ବାତ୍ୟାକୁ ନେଇ ମତ୍ସ୍ୟଜୀବୀ ଆତଙ୍କିତ

ବ୍ରହ୍ମଗିରି, ୨୩।୯ :(ମନ୍ଥନ) ବଙ୍ଗୋପସାଗରରେ ଲଘୁଚାପ ସକ୍ରିୟ ହୋଇ ଘୁର୍ଣ୍ଣିବଳୟ କ୍ରମଶଃ ଘନୀଭୂତ ହୋଇ ଗଭୀର ଅବପାତର ରୂପ ନେଇ ସମ୍ଭାବ୍ୟ ବାତ୍ୟା ସମ୍ଭାବନା ଆଶଙ୍କା ଦେଖା ଦେଇଛି । ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ସୁଚନା ମିଳିଛି କ୍ଷ ହେଲେ ବାତ୍ୟା ଅରୁବ ଲାଗି ପ୍ରଶାସନ ପକ୍ଷରୁ ଓଡିଶାର କେତେକ ଜିଲ୍ଲାକୁ ଅରେଞ୍ଜ ଓ ଯେଲୋ ୱାର୍ଣ୍ଣିଙ୍ଗ ଦିଆଯାଇ ଥିବା ସ୍ଥଳେ ସୋମବାର ସକାଳୁ ସମଗ୍ର ଚିଲିକା ଉପକୂଳ ଅଞ୍ଚଳରେ ପାଗ କୋହଲା ଥିବା ସହ ଝିପି ଝିପି ବର୍ଷା ଲାଗି ରହିଥିଲା । ତେବେ ମଙ୍ଗଳବାରଠାରୁ ଦୁଇ ତିନି ଦିନ ଧରି ରାଜ୍ୟର ବିଭିନ୍ନ ସ୍ଥାନରେ ପବନ ସହ ବର୍ଷା ହେବା ନେଇ ସମ୍ଭାବନା ଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି । ଅନ୍ୟପକ୍ଷେ କୃଷ୍ଣ ପ୍ରସାଦ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମର ମତ୍ସ୍ୟଜୀବୀ ମନେ ଛାନିଆଁ ହୋଇ ଚିନ୍ତାରେ ପଡ଼ିଛନ୍ତି । ଏପରିସ୍ଥଳେ ସମ୍ଭାବ୍ୟ ବାତ୍ୟାକୁ ନେଇ ୨୨ ତାରିଖ ମଙ୍ଗଳବାରଠାରୁ ୨୫ ତାରିଖ ପର୍ଯ୍ୟନ୍ତ ଏହାର ପ୍ରଭାବ ରହିବ । ସମୁଦ୍ର ଓ ଚିଲିକା ହ୍ରଦ ମଧ୍ୟକୁ ଯାତ୍ରୀବାହୀ ଡଙ୍ଗା ଏବଂ ମତ୍ସ୍ୟଜୀବୀ ମାନେ ଡଙ୍ଗା ନେଇ ମାଛ ମାରିବାକୁ ଚିଲିକା ଭିତରକୁ ଯିବାକୁ ଜିଲ୍ଲା



ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ବାରଣ କରାଯାଇଥିବା ନେଇ ପ୍ରଶାସନ ପକ୍ଷରୁ ଚିଲିକାର ବିଭିନ୍ନ ମୋଟର ବୋଟ ଆସୋସିଏସନକୁ ପତ୍ର ଦ୍ୱାରା ନିର୍ଦ୍ଦେଶ ଦିଆଯାଇଛି ଓ ଫଳରେ ବାତ୍ୟା ଭୟରେ ଚିଲିକା ଉପକୂଳବର୍ତ୍ତୀ ମତ୍ସ୍ୟଜୀବୀ ମାନେ ଛାନିଆଁ ହୋଇ ପଡ଼ିଛନ୍ତି । ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ମେଘ ପବନ ଲାଗି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଥ ?ିବା ସୂଚନା ମିଳିଛି କ୍ଷ ତେଣୁ ସାତପଡ଼ା,ସିପକୁଦା ,ମିର୍ଜାପୁର , ଗବକୁଣ୍ଡ ,ସାନପାଟଣା ,ଅରଖକୁଦା ବିଭିନ୍ନ ଜେଟି ମାନଙ୍କରେ ସବୁ ଡଙ୍ଗା ଆସି ପହଞ୍ଚି ଥିବା ସୂଚନା ମିଳିଛି । ସୁରକ୍ଷା ଦୃଷ୍ଟି ରୁ ମତ୍ସ୍ୟଜୀବୀ ଙ୍କୁ ମାଛ ଧରିବାକୁ ବାରଣ କରିଥିବା ବେଳେ ମତ୍ସ୍ୟଜୀବୀ ଓ ସାମୁଦ୍ରିକ ମତ୍ସ୍ୟଜୀବୀ ନିଜ ନିଜ ଜାଲ ଡ଼ଙ୍ଗା କୁ ଉପର କୁ ଆଣି ସୁରକ୍ଷିତ ଭାବେ ରଖିଛନ୍ତି । ଏଣେ ୨୫ ତାରିଖ ଯାଏଁ ଚିଲିକା ରେ ଯାତ୍ରୀଙ୍କ ଯାତ୍ରା ଠପ ହୋଇଛି । ଚିଲିକା ରେ ଡ଼ଙ୍ଗା, ଭସାପୋଲ, ଲଞ୍ଚ ଚଳାଚଳକୁ କୁ ପ୍ରଶାସନ ବନ୍ଦ କରିଥିବା କୃଷ୍ଣପ୍ରସାଦ ବିଡ଼ିଓ ଅମୀୟ କୁମାର ପଣ୍ଡା ପ୍ରକାଶ କରିଛନ୍ତି । ଜଳଯାତ୍ରା ବନ୍ଦ ଯୋଗୁଁ ଯାତ୍ରୀ ଅଧା ବାଟରେ ହନ୍ତସନ୍ତ ହେଉଥିବା ଜଣାପଡ଼ିଛି । ଆସୁଥିବା ବାତ୍ୟା ର ମୁକାବିଲା ପାଇଁ ପ୍ରସ୍ତୁତ ଥିବା କୃଷ୍ଣପ୍ରସାଦ ବି ଡି ଓ ଶ୍ରୀଯୁକ୍ତ ପଣ୍ଡା, ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ସନ୍ତୋଷ କୁମାର ନାୟକ, ମାଲୁଦ ଅଗ୍ନିଶମ ବାହିନୀ ଅଧିକାରୀ କହିଛନ୍ତି ।

## ନୀଳାଚଳ ଇସ୍ପାତ ନିଗମରେ ଜରୁରୀକାଳୀନ ସୁରକ୍ଷା ମକ୍‌ଡ୍ରିଲ୍

କଳିଙ୍ଗନଗର,୨୩।୯ :(ମନ୍ଥନ) ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ତଥା ଶିଳ୍ପ ସୁରକ୍ଷା ପ୍ରସ୍ତୁତିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ନୀଳାଚଳ ଇସ୍ପାତ ନିଗମ (ଏନ୍ଆଇଏନ୍ଏଲ୍) ପକ୍ଷରୁ କଳିଙ୍ଗନଗରସ୍ଥିତ କାରଖାନା ପରିସରରେ ମଙ୍ଗଳବାର ଏକ ପୂର୍ଣ୍ଣାଙ୍ଗ ଅନ୍-ସାଇଟ୍ ଜରୁରୀକାଳୀନ ମକ୍‌ଡ୍ରିଲ୍ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି ।ଏହି ମକ୍‌ଡ୍ରିଲ୍ ସମୟରେ ଅକ୍ସିଜେନ୍ ପ୍ଲାଣ୍ଟ, ୟୁଟିଲିଟିଜ୍ ଏବଂ ପାୱାର ସିଷ୍ଟମରେ ଥିବା ଲିକ୍ୱିଡ୍ ଅକ୍ସିଜେନ୍ ଟ୍ୟାଙ୍କର ମୁଖ୍ୟ ହେଡରରୁ ଅମ୍ଳଜାନ ଗ୍ୟାସ ଲିକ୍ ହେବାର ଏକ କୃତ୍ରିମ ପରିସ୍ଥିତି ସୃଷ୍ଟି କରାଯାଇ ତତ୍ପରତା ଯାଞ୍ଚ କରାଯାଇଥିଲା ।ଯାଜପୁର ଜୋନ୍ର କାରଖାନା ଓ ବଏଲର ବିଭାଗ ଉପ-ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ସୁତାର, ସହକାରୀ ନିର୍ଦ୍ଦେଶକ ଦେବାଶିଷ ନାୟକ, କଳିଙ୍ଗନଗର ଥାନା ସବ୍-ଇନ୍ସପେକ୍ଟର ରମେଶ ଚନ୍ଦ୍ର ବେହେରା ଏବଂ ଦାନଗଦି ଅଗ୍ନିଶମ ଅଧିକାରୀ ଅଜିତ କୁମାର ରାଉତଙ୍କ ତତ୍ତ୍ୱାବଧାନ ସହିତ ଏନ୍ଆଇଏନ୍ଏଲ୍ର ସୁରକ୍ଷା ଟିମ୍ର ମିଳିତ ସହଯୋଗରେ ଏହି ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା ।

ବୁଧବାର ୨୩ ସେପ୍ଟେମ୍ବର, ୨୦୨୬, ଭୁବନେଶ୍ୱର
Wednesday September 23 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ମୋ ହୃଦୟର କଥା

**ହେମନ୍ତ କୁମାର ପରିଡ଼ା**

ଆମେ ମାଟି ମୁଣ୍ଡାଟିଏ ଉପରକୁ ଫିଙ୍ଗିଦେଲେ ତାହା ତଳକୁ ଫେରିଆସେ। ଏଥିରୁ ବୁଝାପଡ଼ିଲା ଟେକାଟି ତାର ଉଦଗମ ସ୍ଥଳ ପୃଥିବୀ ପାଖକୁ ସ୍ୱାଭାବିକ ଭାବେ ଫେରିଆସେ। ସେହିଭଳି ଆମେ ଯେଉଁଠାରୁ ସୃଷ୍ଟି ହୋଇଛୁ ଦିନେ ଆମକୁ ଆମର ସ୍ୱସ୍ଥାନକୁ ଫେରିଯିବା ପାଇଁ ହେବ। ଏହା ସୃଷ୍ଟିର ଏକ ଚିରାଚରିତ ନିୟମ। ଏହି ରହସ୍ୟ ବୁଝିବା ପାଇଁ ସୃଷ୍ଟି ଆରମ୍ଭରୁ ଅନୁସନ୍ଧାନ ଚାଲି ଆସିଛି। ଅନେକ ପ୍ରଶ୍ନ? ଭୂମିକୁ ଦେଖି ଭୂମାର ସନ୍ଧାନ ଜୀବ କରିଛି। ଭୂମିକୁ ଦେଖି ଭୂମାର ଭୂମିକାରେ ସେ ବିମୁଗ୍ଧ ହୋଇଛି। ଯେଉଁ ସୃଷ୍ଟି ଏତେ ସୁନ୍ଦର ତା'ର ସ୍ରଷ୍ଟ କେତେ ସୁନ୍ଦର ହୋଇଥିବେ? ସେହି ସୁନ୍ଦରତମକୁ ଜାଣିବା, ତାଙ୍କ ପାଖକୁ ଫେରିଯିବାର ନିତ୍ୟ ପ୍ରୟାସ ହେଉଛି ଜୀବର ସ୍ୱଧର୍ମ। ସ୍ୱସ୍ଥାନ ପ୍ରତ୍ୟାବର୍ତ୍ତନ ବା ଘର ବାହୁଡ଼ାର ଅଭିପ୍ସା ହେଉଛି ପ୍ରତ୍ୟେକଙ୍କର ଶେଷ ଓ ଶ୍ରେଷ୍ଠ ଅଭିଳାଷ। ଶ୍ରୀମଦ୍ ଭାଗବତ ମହାପୁରାଣର କଥା ପ୍ରସଙ୍ଗରେ ଶ୍ରୀ ଶୁକଦେବ ଗୋସ୍ୱାମୀଙ୍କୁ ରାଜା ପରୀକ୍ଷିତ ପଚାରିଥିଲେ ଏହି ସୃଷ୍ଟିର ରହସ୍ୟ କ'ଣ? ଶ୍ରୀ ଶୁକଦେବ ଅତ୍ୟନ୍ତ ପ୍ରସନ୍ନ ହୋଇ କହିଲେ ଏହା ଅତି ଉତ୍ତମ ପ୍ରଶ୍ନ ଅଟେ। ସୃଷ୍ଟି ଆରମ୍ଭରେ ଏହି କଥା ଦିନେ ଦେବର୍ଷି ନାରଦ ତାଙ୍କ ପିତା ତଥା ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କୁ ପଚାରିଥିଲେ। ଆତ୍ମତତ୍ତ୍ୱ, ଅଧ୍ୟାତ୍ମ ଦର୍ଶନ ଓ ଏହାର ରହସ୍ୟ ବୁଝିବା ପାଇଁ ସେ ଜିଜ୍ଞାସା ରଖିଥିଲେ। ଏହି ସଂସାରର ସ୍ୱରୂପ, ଏହାର ଆଧାର, ଏହାର ନିର୍ମାତା, କିଏ ଏହାର ନିୟାମକ ଓ ଅଧିକାରୀ, ଏ ସୃଷ୍ଟିର ପରିଣତି ଆଦି ଅନେକ ପ୍ରଶ୍ନ। ଗୋଟିଏ ଅଁଳା କୋଳିକୁ ହାତରେ ଧରି ଯେପରି ଦେଖିହୁଏ ସେହିଭଳି ଏହି ସୃଷ୍ଟି ସମୁଦାୟ ଆପଣଙ୍କ ଜ୍ଞାନ ଦୃଷ୍ଟିର ଗୋଚର ଅଟେ। ପୁନଶ୍ଚ ନିଜ ଭିତରେ ଉଦୟ ହୋଇଥିବା ଆହୁରି ଅନେକ ପ୍ରଶ୍ନ ନାରଦ ତାଙ୍କ ପିତା ବ୍ରହ୍ମଦେବଙ୍କୁ ପଚାରିଛନ୍ତି? ଯଥା - ଆପଣ କାହାକୁ ଆଧାର କରି ରହିଛନ୍ତି, ଆପଣଙ୍କ ପ୍ରଭୁ କିଏ, ଆପଣଙ୍କ ସ୍ୱରୂପ କ'ଣ, ଆପଣଙ୍କ ଏହି ବିଚିତ୍ର ସୃଷ୍ଟିର ଶକ୍ତି ବିଶେଷ କ'ଣ? ଏହିସବୁ ପ୍ରଶ୍ନର ଉତ୍ତର ପାଇଁ ଅତି ବିନୟପୂର୍ବକ ସେ ଜିଜ୍ଞାସା କରିଛନ୍ତି। ତା'ର ଉତ୍ତର ଦେଇ ପିତାମହ ବ୍ରହ୍ମା ଯାହା କହିଥିଲେ ତା'ର ସାରାଂଶ ଭାଗବତରେ ଲିପିବଦ୍ଧ ହୋଇଛି। ସମୁଦ୍ରରେ ମିଶୁଥିବା ସମସ୍ତ ନଦୀ ଜଳକୁ ସମୁଦ୍ର ଲୁଣିଆ କରିଦିଏ। ଅଗ୍ନି ସଂସ୍ପର୍ଶରେ ଆସିଥିବା ସମସ୍ତ ପଦାର୍ଥ ସମୟକ୍ରମେ ଅଗ୍ନିର ରୂପ ଧାରଣ କରିଥାନ୍ତି। ଭଗବାନ କହିଛନ୍ତି ମୋ ପାଖକୁ ଆସିଥିବା, ମୋ ସହିତ ଏକାତ୍ମ ହୋଇଥିବା ସମସ୍ତଙ୍କୁ ମୁଁ ନିଜର ସ୍ୱରୂପ ପ୍ରଦାନ କରେ। ବୈକୁଣ୍ଠରେ ବାସ କରୁଥିବା ସମସ୍ତଙ୍କୁ ଭଗବାନ ଚତୁର୍ଭୁଜ ନାରାୟଣ ରୂପ ପ୍ରଦାନ କରିଥାଆନ୍ତି। ଭଗବାନ ସର୍ବ ସମର୍ଥ ହୋଇଥିବାରୁ ତାଙ୍କ ଦ୍ୱାରା ସବୁ ସମ୍ଭବ। ପରମ ପୁରୁଷ ପରମାତ୍ମା ଏକ ଏବଂ ଅଭିନ୍ନ। ଧର୍ମ ଏକ ଏବଂ ଅଭିନ୍ନ। ଏକ ଧର୍ମ ପ୍ରେମ ଧର୍ମ। ମାନବ ଜାତି ଏକ, ଆମେ ସମସ୍ତେ ଏକ ପରିବାରର ବ୍ୟକ୍ତି। ସ୍ଥାନ ଅଭାବରୁ ବିଶ୍ୱବ୍ୟାପୀ ଅବସ୍ଥାନ କରୁଛୁ। ଆମର ମା' ବସୁମାତା ଆମ ପାଇଁ ସମାନ ଭାବେ ସବୁକିଛି ବିତରଣ କରୁଛି। ମାଟି, ପାଣି, ପବନ, ଅଗ୍ନି, ଆକାଶ କେଉଁଥିରେ ଭିନ୍ନତା ନାହିଁ। ମା' ଆମ ପାଇଁ ସବୁ ଦେଇଛି। ଆମ ଜନ୍ମ ପୂର୍ବରୁ ଖାଦ୍ୟ ପାନୀୟର ବ୍ୟବସ୍ଥା କରିଛି। ତା କୋଳ ପ୍ରସାରି ଦେଇଛି। ଭିନ୍ନତା କେଉଁଠାରେ ଦୃଶ୍ୟ ହେଉନାହିଁ? ଯାହା ଦୃଶ୍ୟ ହେଉଛି ତାହା ଆମ ମନର ବିଭ୍ରାନ୍ତି ମାତ୍ର। ଆମେ ସବୁ ଗୋଟିଏ ମା'ର ସନ୍ତାନ। ଆମେ ଭଗାରୀ ନ ହୋଇ ଭାଇ ହେବା। ରକ୍ତସମ୍ପର୍କକୁ ସମ୍ମାନ ଦେବା। ଭାଇ ଭାଇ ହୋଇ ଏକ ବିଶ୍ୱ ଏକ ପରିବାର ଗଢ଼ିବା। ଭଗବାନଙ୍କର ଏହି ଦିବ୍ୟ ବରଦାନ 'ଏକ ବିଶ୍ୱ ଏକ ପରିବାର'। ନିଜ ନିଜ ଭିତରେ କାହିଁକି ବିଭେଦ ସୃଷ୍ଟି କରିବା? କେଉଁ ମା'ଚାହେଁ ତା' ସନ୍ତାନ ମାନଙ୍କ ରକ୍ତରେ ସେ ରଞ୍ଜିତ ହେବ? ଥରେ ଭାବିଲ ମା'ର କଥା। ସେ କେତେ କଷ୍ଟ ପାଉଥିବ? ଆସ ଆମେ ଆମ ମା'ର ସନ୍ତାନ ହୋଇ ତାକୁ ସୁଖୀ କରିବା। ସୃଷ୍ଟିକର୍ତ୍ତା ତାଙ୍କ ସୃଷ୍ଟିକୁ ସୁନ୍ଦର କରିବା ପାଇଁ ଅମୃତମୟ ଉପଦେଶ ବାଣୀ, ଅକଳନ ସତଶାସ୍ତ୍ର ଆମ ପାଇଁ ସୃଷ୍ଟି କରିଛନ୍ତି। ଆସ ସ୍ୱାଧ୍ୟାୟ କରିବା ଓ ସଂସ୍କାରିତ ହୋଇ ଭଲ ମଣିଷ ହେବା କିନ୍ତୁ ଆମେ କରୁଛୁ କ'ଣ? ଆମକୁ ସୃଷ୍ଟି କରିଥିବା ସ୍ରଷ୍ଟା ଆମ୍ଭମାନଙ୍କର ଏହି ଆଚରଣ ଦେଖି କେତେ ଦୁଃଖୀ ହେଉଥିବେ? ପରମପିତା ପରମାତ୍ମା ଓ ମାତା ବସୁମତୀ ଏମାନଙ୍କୁ ମନର ଭ୍ରାନ୍ତ ଧାରଣା ନେଇ ଆଉ ଭାଗବଣ୍ଟା କରନା କିମ୍ବା ତାଙ୍କୁ ରକ୍ତରଞ୍ଜିତ କରି ତାଙ୍କ ନେତ୍ରରେ ଲୋତକ ଭରିଦିଅନା। ଯେଉଁଠି ଦ୍ୱନ୍ଦ୍ୱ, ଯେଉଁଠି ବିଭେଦ, ଈର୍ଷା, ଦ୍ୱେଷ, ପରଶ୍ରୀକାତରତା, ଯେଉଁଠାରେ ଶ୍ରଦ୍ଧା, ପ୍ରେମ, ଶାନ୍ତି, ଦୟା ନାହିଁ ତାହା କେବେ ବି ଧର୍ମ ହୋଇପାରିବ ନାହିଁ। ମିଥ୍ୟା ଧର୍ମ ନାମରେ ବିଭେଦ କରନାହିଁ। ମଣିଷ ଆପଣା ସୁଖଶାନ୍ତି ଆନନ୍ଦ ପାଇଁ ସବୁକିଛି କରେ। ଈର୍ଷା, ଦ୍ୱେଷ, ବିଭେଦ, ଅଜ୍ଞତା, କାମ, କ୍ରୋଧ, ଲୋଭ କେବେ ଶାନ୍ତି ଦେଇପାରେନାହିଁ। ମୁଁ ଆପଣମାନଙ୍କର ଭାଇ, ବନ୍ଧୁ, କୁଟୁମ୍ବ, ଆତ୍ମୀୟ ସୋଦର। ମୋର ଏହି କ୍ଷୁଦ୍ର ଆକୁଳ ନିବେଦନ ଏହି ଲେଖା ମାଧ୍ୟମରେ ବିଶ୍ୱ ସମୁଦାୟର ସମସ୍ତ କୁଟୁମ୍ବ ମାନଙ୍କୁ କରଯୋଡ଼ି ପ୍ରାର୍ଥନା କରୁଛି।

ମାଳତୀ କୁଞ୍ଜ, ପ୍ଲଟ ନଂ-୫୨୬/ଡି, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୮୭୬୩୧୦୭୧୨୬

# କଲମ ଥମିଗଲା

କେତେକ ଖବର ପଢ଼ିବା ପାଇଁ ନୁହେଁ, ନୀରବ ହୋଇଯିବା ପାଇଁ ଆସେ। କେତେକ ଶୀର୍ଷକ ଆଖି ଆଗରେ ଦେଖାଯାଏ, କିନ୍ତୁ ମନ ତାହାକୁ ସହଜରେ ଗ୍ରହଣ କରିପାରେ ନାହିଁ। ବରିଷ୍ଠ ସାମ୍ବାଦିକ ପାୟଲ ମେହତାଙ୍କ ଅକାଳ ବିୟୋଗ ସେହିଭଳି ଏକ ଖବର, ଯାହା ସାମ୍ବାଦିକ ମହଲକୁ ହଠାତ୍ ନୀରବ କରିଦେଇଛି। ଯିଏ ପ୍ରତିଦିନ ଦେଶର ଘଟଣା, ସଂସଦର ଆଲୋଚନା, ନୀତି ଓ ଲୋକଜୀବନ ସହିତ ଜଡ଼ିତ ପ୍ରସଙ୍ଗକୁ ଖବରରେ ପରିଣତ କରୁଥିଲେ, ଆଜି ସେହି ସାମ୍ବାଦିକ ନିଜେ ଏକ ଦୁଃଖଦ ଖବରର ଶୀର୍ଷକ ହୋଇଯାଇଛନ୍ତି। ଏହି ବିଡ଼ମ୍ବନାର ବେଦନା ଶବ୍ଦରେ ସମ୍ପୂର୍ଣ୍ଣ କହିବା ସହଜ ନୁହେଁ। ମାତ୍ର ୪୬ ବର୍ଷ ବୟସରେ ତାଙ୍କ ଜୀବନଯାତ୍ରା ଥମିଯିବା ତାଙ୍କ ପରିବାର, ବନ୍ଧୁ, ସହକର୍ମୀ ଓ ସାମ୍ବାଦିକ ସମାଜ ପାଇଁ ଏକ ଗଭୀର ଶୂନ୍ୟତା। ମୁମ୍ବାଇରେ ଅଚାନକ ଅସୁସ୍ଥ ଅନୁଭବ କରିବା ପରେ ତାଙ୍କୁ ଚିକିତ୍ସାଳୟକୁ ନିଆଯାଇଥିଲା, କିନ୍ତୁ ତାଙ୍କ ଜୀବନ ରକ୍ଷା କରାଯାଇପାରିଲା ନାହିଁ। ଜୀବନ କେତେ ଅନିଶ୍ଚିତ, ଏହି ଅକାଳ ବିଦାୟ ତାହାକୁ ପୁଣିଥରେ ମନେ ପକାଇଦିଏ। କିନ୍ତୁ ପାୟଲ ମେହତାଙ୍କୁ କେବଳ ତାଙ୍କ ମୃତ୍ୟୁର ଖବର ଭିତରେ ସୀମିତ କରିଦେବା ତାଙ୍କ ଜୀବନ ଓ କାର୍ଯ୍ୟ ପ୍ରତି ନ୍ୟାୟ ହେବ ନାହିଁ। ତାଙ୍କୁ ସ୍ମରଣ କରିବାକୁ ହେବ ସେହି ସାମ୍ବାଦିକ ଭାବେ, ଯିଏ ନିଜ କର୍ତ୍ତବ୍ୟକୁ କେବଳ ଚାକିରି ଭାବେ ନୁହେଁ, ଦାୟିତ୍ୱ ଭାବେ ଗ୍ରହଣ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଶୋକବାର୍ତ୍ତାରେ ପାୟଲଙ୍କୁ ଜଣେ ପରିଶ୍ରମୀ ସାମ୍ବାଦିକ ଭାବେ ସ୍ମରଣ କରିବା ସହିତ ସେ ମାଟି ସହିତ ଦୃଢ଼ ଭାବେ ଯୋଡ଼ିତ ଥିଲେ ଏବଂ ଜାତୀୟ ପ୍ରସଙ୍ଗକୁ ଗଭୀର ଭାବେ ବୁଝି ରିପୋର୍ଟ କରୁଥିଲେ ବୋଲି କହିଛନ୍ତି। ତାଙ୍କ କାମ ସହିତ ତାଙ୍କ ଦୟା, ଉଷ୍ମତା ଓ ମାନବୀୟ ସ୍ପର୍ଶ ପାଇଁ ମଧ୍ୟ ସେ ସ୍ମରଣୀୟ ରହିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଧ୍ୟ ତାଙ୍କ ସାମ୍ବାଦିକତା ପ୍ରତି ନିଷ୍ଠାକୁ ସ୍ମରଣ କରି ଶୋକ ପ୍ରକାଶ କରିଛନ୍ତି। ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ତାଙ୍କୁ ଅତ୍ୟନ୍ତ ପରିଶ୍ରମୀ ଓ ନିଷ୍ଠାବାନ ସାମ୍ବାଦିକ ଭାବେ ସ୍ମରଣ କରିଛନ୍ତି। ବିଶେଷକରି ସଂସଦୀୟ ସାମ୍ବାଦିକ ଭାବେ ପାୟଲଙ୍କ ନିଷ୍ଠା ତାଙ୍କ ଶୋକବାର୍ତ୍ତାର ଏକ ପ୍ରମୁଖ ଅଂଶ ଥିଲା। ସଂସଦ ଅଧିବେଶନ ଚାଲିଥିବା ସମୟରେ ସକାଳୁ ଶୀଘ୍ର ଆସି ରାତି ପର୍ଯ୍ୟନ୍ତ ସଂସଦୀୟ କାର୍ଯ୍ୟକ୍ରମକୁ ଅନୁସରଣ କରିବା ତାଙ୍କ କାର୍ଯ୍ୟନିଷ୍ଠାର ପରିଚୟ ଥିଲା ବୋଲି ରାଜନାଥ ସିଂହ ଉଲ୍ଲେଖ କରିଛନ୍ତି। ସଂସଦୀୟ ସାମ୍ବାଦିକତା ବାହାରୁ ଯେତେ ସହଜ ଦେଖାଯାଏ, ଭିତରୁ ସେତେ ଅଧିକ ଧୈର୍ଯ୍ୟ ଓ ଅଧ୍ୟବସାୟ ଚାହିଁଥାଏ। ଏକ ଭାଷଣର ଶବ୍ଦ ଶୁଣିବା, ଏକ ପ୍ରଶ୍ନର ଅର୍ଥ ବୁଝିବା, ଏକ ନୀତିର ପ୍ରଭାବ ଖୋଜିବା ଏବଂ ସେହି ସମସ୍ତ ତଥ୍ୟକୁ ସାଧାରଣ ଲୋକଙ୍କ ପାଇଁ ବୋଧଗମ୍ୟ ଖବରରେ ପରିଣତ କରିବା—ଏହା ଏକ ଦିନର କାମ ନୁହେଁ। ଏଥିପାଇଁ ଆବଶ୍ୟକ ନିରନ୍ତର ଉପସ୍ଥିତି, ତଥ୍ୟ ପ୍ରତି ସତର୍କତା ଏବଂ ପେଶା ପ୍ରତି ଗଭୀର ନିଷ୍ଠା। ପାୟଲଙ୍କ କାର୍ଯ୍ୟଜୀବନକୁ ସ୍ମରଣ କଲେ ଏହି ଗୁଣଗୁଡ଼ିକର ମୂଲ୍ୟ ଆହୁରି ସ୍ପଷ୍ଟ ହୁଏ। ଆଜିର ସାମ୍ବାଦିକତା ଅତ୍ୟନ୍ତ ଦ୍ରୁତ। ଘଟଣା ଘଟିବାର କିଛି ମୁହୂର୍ତ୍ତ ମଧ୍ୟରେ ଖବର ଲୋକଙ୍କ ହାତରେ ପହଞ୍ଚିଯାଏ। କିନ୍ତୁ ଗତି ଯେତେ ବଢ଼ୁଛି, ତଥ୍ୟ ଯାଞ୍ଚର ଦାୟିତ୍ୱ ସେତେ ବଢ଼ୁଛି। ଏକ ଭୁଲ ତଥ୍ୟ ହଜାର ଲୋକଙ୍କୁ ଭ୍ରମିତ କରିପାରେ, ଏକ ଅସାବଧାନ ଶୀର୍ଷକ ଅନାବଶ୍ୟକ ଉତ୍ତ?ଜନା ସୃଷ୍ଟି କରିପାରେ। ତେଣୁ ଜଣେ ଦାୟିତ୍ୱବାନ ସାମ୍ବାଦିକଙ୍କ କାମ କେବଳ ଶୀଘ୍ର ଖବର ଦେବା ନୁହେଁ; ଠିକ୍ ଖବର ଦେବା। ପାୟଲଙ୍କ କାର୍ଯ୍ୟନିଷ୍ଠାକୁ ସ୍ମରଣ କରିବା ସମୟରେ ଏହି ମୂଳ ସାମ୍ବାଦିକ ମୂଲ୍ୟବୋଧ ଆମ ମନରେ ଆହୁରି ଦୃଢ଼ ହେବା ଦରକାର। ତାଙ୍କ ବିୟୋଗର ସବୁଠାରୁ ଯନ୍ତ୍ରଣାଦାୟକ ଦିଗ ହେଉଛି—ସେ ଯେଉଁ ପେଶାରେ ଅନ୍ୟମାନଙ୍କ ଜୀବନର ଘଟଣାକୁ ଦେଶ ସାମ୍ନାରେ ଆଣୁଥିଲେ, ସେହି ପେଶାର ସହକର୍ମୀମାନେ ଆଜି ତାଙ୍କ ନିଜ ବିଦାୟର ଖବର ପ୍ରକାଶ କରୁଛନ୍ତି। ଏହି ମୁହୂର୍ତ୍ତରେ ଖବରକକ୍ଷର ଆଲୋକ ଜଳିବ, ଦୈନିକ କାମ ଚାଲିବ, ସଂସଦରେ ଆଲୋଚନା ହେବ, ସାମ୍ବାଦିକମାନେ ପ୍ରଶ୍ନ କରିବେ, ଖବର ଲେଖାଯିବ। କିନ୍ତୁ ଏକ ପରିଚିତ ମୁହଁ ଆଉ ସେଠାରେ ଦେଖାଯିବ ନାହିଁ। ଏକ ପରିଚିତ ସ୍ୱର ଆଉ ପ୍ରଶ୍ନ କରିବ ନାହିଁ। ଏକ ପରିଚିତ କଲମ ଆଉ ଖବର ଲେଖିବ ନାହିଁ। ଏହି ଶୂନ୍ୟତାକୁ କୌଣସି ଶବ୍ଦ ସହଜରେ ପୂରଣ କରିପାରିବ ନାହିଁ। ଜଣେ ସାମ୍ବାଦିକଙ୍କ ମୂଲ୍ୟ କେବଳ ସେ କେତେ ଖବର ଲେଖିଲେ ତାହାରେ ମାପିହୁଏ ନାହିଁ। ସେ କେତେ ନିଷ୍ଠାର ସହିତ କାମ କଲେ, କେତେ ଲୋକଙ୍କ ଭରସା ଜିତିଲେ, କେତେ ନୂଆ ପିଢ଼ିକୁ ପେଶାର ଅର୍ଥ ବୁଝାଇଗଲେ—ସେଥିରେ ତାଙ୍କ ପ୍ରକୃତ ଉତ୍ତରାଧିକାର ରହିଥାଏ। ପାୟଲଙ୍କ ବିଷୟରେ ପ୍ରଧାନମନ୍ତ୍ରୀଙ୍କ ଶୋକବାର୍ତ୍ତାରେ ତାଙ୍କ ମାନବୀୟତାର ଯେଉଁ ଉଲ୍ଲେଖ ରହିଛି, ତାହା ମଧ୍ୟ ତାଙ୍କ ବ୍ୟକ୍ତିତ୍ୱର ଅନ୍ୟ ଏକ ଦିଗକୁ ଆମ ସାମ୍ନାରେ ଆଣେ। ସାମ୍ବାଦିକଙ୍କ ହାତରେ ଖବର ଥାଏ, କିନ୍ତୁ ତାଙ୍କ ମନରେ ମଣିଷ ପ୍ରତି ସମ୍ବେଦନା ନଥିଲେ ସାମ୍ବାଦିକତା ଅପୂର୍ଣ୍ଣ ହୋଇଯାଏ। ତଥ୍ୟ ଓ ମାନବୀୟତାର ସନ୍ତୁଳନ ହିଁ ସାମ୍ବାଦିକତାକୁ କେବଳ ସୂଚନା ନୁହେଁ, ସମାଜର ଦର୍ପଣରେ ପରିଣତ କରେ। ପାୟଲଙ୍କୁ ସ୍ମରଣ କରିବାର ଅର୍ଥ ତେଣୁ କେବଳ ତାଙ୍କ ନାମକୁ ମନେ ପକାଇବା ନୁହେଁ; ତାଙ୍କ କାମର ମୂଲ୍ୟବୋଧକୁ ମନେ ପକାଇବା। ସାମ୍ବାଦିକତାରେ ଆଜି ନୂଆ ପିଢ଼ି ପ୍ରବେଶ କରୁଛି। ସେମାନଙ୍କ ପାଇଁ ପାୟଲଙ୍କ ଯାତ୍ରା ଏକ ଶିକ୍ଷା—ପେଶାର ଚମକଠାରୁ କର୍ତ୍ତବ୍ୟର ଗଭୀରତା ବଡ଼, ଦ୍ରୁତ ଖବରଠାରୁ ସଠିକ୍ ଖବର ଅଧିକ ମୂଲ୍ୟବାନ, ଏବଂ ପରିଚୟଠାରୁ ନିଷ୍ଠା ଅଧିକ ଦୀର୍ଘସ୍ଥାୟୀ। ତାଙ୍କ ଅକାଳ ବିଦାୟ ଏକ କଠିନ ସତ୍ୟ ମଧ୍ୟ ଆମ ସାମ୍ନାରେ ରଖିଛି—ଜୀବନର କୌଣସି ମୁହୂର୍ତ୍ତକୁ ନିଶ୍ଚିତ ଧରି ରଖିହେବ ନାହିଁ। ଆମେ ଯାହା କରୁଛୁ, ଯେଉଁ ଶବ୍ଦ ଲେଖୁଛୁ, ଯେଉଁ ମଣିଷଙ୍କୁ ଭେଟୁଛୁ, ଯେଉଁ ସମ୍ପର୍କ ଗଢ଼ୁଛୁ—ସେଗୁଡ଼ିକ ହିଁ ଶେଷରେ ଆମ ପଛରେ ରହିଯାଏ। ପାୟଲଙ୍କ ପଛରେ ରହିଗଲା ତାଙ୍କ ସାମ୍ବାଦିକତା, ତାଙ୍କ ପରିଶ୍ରମର ସ୍ମୃତି, ସଂସଦୀୟ କାର୍ଯ୍ୟ ପ୍ରତି ତାଙ୍କ ନିଷ୍ଠା ଏବଂ ତାଙ୍କ ସହ ଜଡ଼ିତ ଅନେକ ମାନବୀୟ ସ୍ମୃତି। ସମୟ ଆଗକୁ ବଢ଼ିବ। ନୂଆ ଖବର ଆସିବ। ନୂଆ ସାମ୍ବାଦିକମାନେ ସଂସଦର ଗ୍ୟାଲେରୀରେ ବସିବେ। ନୂଆ ପ୍ରଶ୍ନ ଉଠିବ। ନୂଆ ରିପୋର୍ଟ ଲେଖାଯିବ। କିନ୍ତୁ ପାୟଲଙ୍କ ନାମ ସେହି ସାମ୍ବାଦିକମାନଙ୍କ ସ୍ମୃତିରେ ରହିବ, ଯେଉଁମାନେ ତାଙ୍କୁ କାମ କରୁଥିବା ଦେଖିଥିଲେ, ତାଙ୍କ ସହିତ ଖବର ଖୋଜିଥିଲେ ଏବଂ ତାଙ୍କ ନିଷ୍ଠାକୁ ଅନୁଭବ କରିଥିଲେ। ଜଣେ ସାମ୍ବାଦିକଙ୍କ ପାଇଁ ଏହାଠାରୁ ବଡ଼ ସ୍ମୃତି ଆଉ କ'ଣ ହୋଇପାରେ? ପାୟଲ ମେହତାଙ୍କ କଲମ ଆଜି ଥମିଗଲା। ତାଙ୍କ ଦୈନିକ ଦୌଡ଼ ଆଜି ଥମିଗଲା। ସଂସଦର ପଥରେ ତାଙ୍କ ପଦଚାରଣ ଆଉ ଶୁଣାଯିବ ନାହିଁ। କିନ୍ତୁ ତାଙ୍କ କାର୍ଯ୍ୟନିଷ୍ଠାର କାହାଣୀ ଥମିବ ନାହିଁ। ତାଙ୍କ ସ୍ମୃତିରେ ଯେତେବେଳେ ଜଣେ ଯୁବ ସାମ୍ବାଦିକ ସତ୍ୟ ଖୋଜିବା ପାଇଁ ଦେରରାତି ପର୍ଯ୍ୟନ୍ତ କାମ କରିବେ, ଯେତେବେଳେ କେହି ଜଣେ ଖବରକୁ ତ୍ୱରାହୁଡ଼ିରେ ନୁହେଁ, ଦାୟିତ୍ୱର ସହିତ ଯାଞ୍ଚ କରିବେ, ଯେତେବେଳେ ଜଣେ ସାମ୍ବାଦିକ ଖବର ପଛରେ ଥିବା ମଣିଷକୁ ଦେଖିବେ, ସେତେବେଳେ ପାୟଲଙ୍କ ସାମ୍ବାଦିକ ଆତ୍ମାର ସ୍ମୃତି ନିଶ୍ଚୟ ଜୀବନ୍ତ ରହିବ। ମୃତ୍ୟୁ ଜଣେ ମଣିଷର ଜୀବନକୁ ଥମାଇପାରେ, କିନ୍ତୁ ତାଙ୍କ ଭଲ କାମର ପ୍ରଭାବକୁ ସବୁବେଳେ ଥମାଇପାରେ ନାହିଁ। ଆଜି ପାୟଲଙ୍କ ପରିବାର ପାଇଁ ଶବ୍ଦ ଅତ୍ୟନ୍ତ ଛୋଟ। ସହକର୍ମୀମାନଙ୍କ ଆଖିର ଲୁହ ପାଇଁ ଭାଷା ଅପର୍ଯ୍ୟାପ୍ତ। ସାମ୍ବାଦିକ ସମାଜର ଏହି ଦୁଃଖକୁ କୌଣସି ଲେଖା ସମ୍ପୂର୍ଣ୍ଣ ଭାବେ ଧରିପାରିବ ନାହିଁ। ତଥାପି ଶ୍ରଦ୍ଧାଞ୍ଜଳିର ଏହି ମୁହୂର୍ତ୍ତରେ ଗୋଟିଏ କଥା କହିହେବ—ପାୟଲ ମେହତା ଚାଲିଗଲେ, କିନ୍ତୁ ସାମ୍ବାଦିକତା ପ୍ରତି ତାଙ୍କ ନିଷ୍ଠା ରହିଗଲା; ତାଙ୍କ କଲମ ଥମିଗଲା, କିନ୍ତୁ ତାଙ୍କ କାମର ସ୍ମୃତି ରହିଗଲା; ତାଙ୍କ ସ୍ୱର ନୀରବ ହୋଇଗଲା, କିନ୍ତୁ ସତ୍ୟକୁ ଖୋଜୁଥିବା ପ୍ରତ୍ୟେକ ଦାୟିତ୍ୱବାନ କଲମରେ ତାଙ୍କ ପେଶାଗତ ନିଷ୍ଠାର ଏକ ଛୋଟ ପ୍ରତିଧ୍ୱନି ରହିପାରେ। ଏହି ଅକାଳ ବିଦାୟରେ ତାଙ୍କ ପରିବାର, ବନ୍ଧୁ ଓ ସହକର୍ମୀଙ୍କ ପ୍ରତି ଗଭୀର ସମବେଦନା। ପାୟଲଙ୍କ ସ୍ମୃତି ଶାନ୍ତିରେ ରହୁ। ତାଙ୍କ ଜୀବନର ଶ୍ରମ, ସାମ୍ବାଦିକତା ପ୍ରତି ନିଷ୍ଠା ଓ ମାନବୀୟ ସ୍ପର୍ଶ ଦୀର୍ଘଦିନ ପର୍ଯ୍ୟନ୍ତ ସ୍ମରଣୀୟ ହୋଇ ରହୁ—ଏହାହିଁ ଏହି ମୁହୂର୍ତ୍ତର ସବୁଠାରୁ ନୀରବ, କିନ୍ତୁ ସବୁଠାରୁ ଗଭୀର ଶ୍ରଦ୍ଧାଞ୍ଜଳି।

# ଅପହରଣ-ଧର୍ମାନ୍ତରଣ: ପାକିସ୍ତାନକୁ ଆମେରିକାର ଆହ୍ୱାନ

**ଏମ୍.ଡି. ଓବୈଦୁଲ୍ଲା**

ଅଠର ବର୍ଷୀୟା ନେହା ଫକିର ନାମକ ଜଣେ ପାକିସ୍ତାନୀ ଖ୍ରୀଷ୍ଟିଆନ୍ ଯୁବତୀଙ୍କ ଅପହରଣ ପରେ ତାଙ୍କୁ ଲାହୋରସ୍ଥିତ ଏକ ମଦ୍ରାସାରୁ ଉଦ୍ଧାର କରାଯିବା ଏବଂ ଧର୍ମାନ୍ତରଣ ହୋଇଥିବା ଅଭିଯୋଗକୁ ନେଇ ଏବେ ଆନ୍ତର୍ଜାତିକ ସ୍ତରରେ ଆଲୋଚନା ହେଉଛି । ଏହି ମାମଲାରେ ଆମେରିକା କଂଗ୍ରେସର ୧୧ ଜଣ ଆଇନପ୍ରଣେତା ପାକିସ୍ତାନ ସରକାରଙ୍କୁ ନେହା ଫକିରଙ୍କ ସୁରକ୍ଷା ଓ ମୌଳିକ ଅଧିକାରକୁ ସୁରକ୍ଷା ଦେବା ପାଇଁ ଅନୁରୋଧ କରିଛନ୍ତି ।ନେହା ଫକିରଙ୍କୁ ମାର୍ଚ୍ଚ ମାସରେ ଅପହରଣ କରାଯାଇଥିଲା ଏବଂ ପରେ ତାଙ୍କୁ ଇସଲାମ ଧର୍ମ ଗ୍ରହଣ କରାଯାଇଥିଲା ବୋଲି ଅଭିଯୋଗ ହୋଇଛି । ଟମ୍ ଲାଣ୍ଟୋସ୍ ମାନବାଧିକାର କମିଶନର ସହ-ଅଧ୍ୟକ୍ଷ କଂଗ୍ରେସମ୍ୟାନ କ୍ରିସ୍ ସ୍ମିଥ ପାକିସ୍ତାନ ସରକାରଙ୍କୁ ନେହା ଫକିରଙ୍କ ସୁରକ୍ଷା, ଏବଂ ମୌଳିକ ଅଧିକାରକୁ ସୁରକ୍ଷା ଦେବାକୁ ଅନୁରୋଧ କରିଛନ୍ତି । କ୍ରିସ୍ ସ୍ମିଥ କହିଛନ୍ତି ଯେ ନେହା ଫକିରଙ୍କ ଅପହରଣ ପରେପରେ ଧର୍ମାନ୍ତରଣ ଭଳି ପରିସ୍ଥିତି ତାଙ୍କ ସୁରକ୍ଷା, ଧର୍ମର ସ୍ୱାଧୀନତା ଏବଂ ବଳପୂର୍ବକ କିମ୍ବା ଭୟଭୀତ ନକରି ତାଙ୍କ ଅଧିକାରକୁ ବ୍ୟବହାର କରିବାର କ୍ଷମତା ବିଷୟରେ ଗଭୀର ଚିନ୍ତାଜନକ ପ୍ରଶ୍ନ ଉଠାଇଛି ।

ଖ୍ରୀଷ୍ଟିଆନ୍ ସଲିଡାରିଟି ଇଣ୍ଟରନେସନାଲ (ସି.ଏସ୍.ଆଇ.) ଜୁନ୍ ୧୦ ରେ ଏହି ମାମଲାକୁ ନେଇ ଚିନ୍ତା ପ୍ରକାଶ କରିବା ପରେ ଆମେରିକାର ପ୍ରତିକ୍ରିୟା ଆସିଥିଲା । ସି.ଏସ୍.ଆଇ. ରିପୋର୍ଟ ଅନୁଯାୟୀ ନେହା ଫକିର ମାର୍ଚ୍ଚ ୨୪ ତାରିଖରେ ସିଲେଇ ଶିଖିବା ପାଇଁ ଯାଇଥିବାବେଳେ ନିଖୋଜ ହୋଇଥିଲେ ଏବଂ ପରବର୍ତ୍ତି ସମୟରେ ତାଙ୍କୁ ଲାହୋରସ୍ଥିତ ଏକ ମଦ୍ରାସାରୁ ଉଦ୍ଧାର କରାଯାଇଥୁଲା ଯେଉଁଠାରେ ସେ ଇସଲାମ ଧର୍ମ ଗ୍ରହଣ କରିଥିବା ଜଣାପଡ଼ିଥିଲା ।

ଏହି ପରିପ୍ରେକ୍ଷୀରେ ଆମେରିକୀୟ କଂଗ୍ରେସ ସଦସ୍ୟମାନଙ୍କ ହସ୍ତକ୍ଷେପ ଗୁରୁତ୍ୱ ବହନ କରୁଛି । କ୍ରିସ୍ ସ୍ମିଥଙ୍କ ସମେତ ୧୦ ଜଣ ଆମେରିକୀୟ କଂଗ୍ରେସ ସଦସ୍ୟ ଅଗଷ୍ଟ ୨୦ ରେ ପାକିସ୍ତାନର ଆଇନ ଓ ନ୍ୟାୟ ବିଷୟକ ଫେଡେରାଲ ମନ୍ତ୍ରୀ ଆଜମ୍ ନଜୀର ତରାରଙ୍କୁ ପତ୍ର ଲେଖି ମାମଲାର ନ୍ୟାୟସଙ୍ଗତ ସମାଧାନ ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ଜଣାଇଥିଲେ । ସ୍ମିଥଙ୍କ ବ୍ୟତୀତ ଏହି ପତ୍ରରେ ପ୍ରତିନିଧି ଜେମ୍ସ ପି. ମ୍ୟାକଗଭର୍ନ, ଫ୍ରେଞ୍ଚ ହିଲ୍, ଗସ୍ ବିଲିରାକିସ୍, ଆଣ୍ଡି ହାରିସ୍, ମାରିଆ ଏଲଭିରା ସାଲାଜାର, ରାଇଲି ମୁର୍, ରାଣ୍ଡି ୱେବର, ମାଇକେଲ୍? କ୍ଲାଉଡ୍, ବ୍ରାଡ୍? ଶର୍ମାନ୍ ଏବଂ ବ୍ଲେକ୍ ମୁର ମଧ୍ୟ ସ୍ୱାକ୍ଷର କରିଛନ୍ତି ।

ଆମେରିକୀୟ ଆଇନପ୍ରଣେତାମାନେ ପାକିସ୍ତାନୀ କର୍ତ୍ତୃପକ୍ଷଙ୍କୁ ନ୍ୟାୟିକ ବ୍ୟବସ୍ଥା ମଧ୍ୟରେ ଆବଶ୍ୟକ ପଦକ୍ଷେପ ନେଇ ନେହା ଫକିରଙ୍କ ଶାରୀରିକ ସୁରକ୍ଷା ଓ ସୁସ୍ଥତା ସୁନିଶ୍ଚିତ କରିବାକୁ କହିଛନ୍ତି । ଏଥି ସହ ତାଙ୍କୁ ଗୋପନୀୟ ଭାବେ ସ୍ୱାଧୀନ ଆଇନଜୀବୀଙ୍କ ପରାମର୍ଶ ପାଇବାର ସୁଯୋଗ ଦେବାକୁ ସେମାନେ ଦାବି କରିଛନ୍ତି । ଏତଦ୍ ବ୍ୟତୀତ ନେହା ଫକିର ଯେପରି ନିଜ ପରିବାର ସ?ହିତ ସ୍ୱାଧୀନ ଓ ବ୍ୟକ୍ତିଗତ ଭାବେ ଯୋଗାଯୋଗ କରିପାରିବେ, ସେଥ?ପାଇଁ ପାକିସ୍ତାନ ସରକାର ସୁଯୋଗ ସୃଷ୍ଟି କରୁ ବୋଲି ଆମେରିକୀୟ ଆଇନ ପ୍ରଣେତାମାନେ ଅନୁରୋଧ କରିଛନ୍ତି । ସେମାନେ ଇସଲାମବାଦକୁ ଏହା ମଧ୍ୟ ଜଣାଇଛନ୍ତି ଯେ ଭବିଷ୍ୟତରେ ହେବାକୁ ଥିବା ଯେକୌଣସି ନ୍ୟାୟିକ ପ୍ରକ୍ରିୟା, ଏଭଳି ଏକ ପରିବେଶରେ ହେବା ଦରକାର ଯେଉଁଠାରେ ନେହା ଫକିର କୌଣସି ଧମକ, ଭୟ କିମ୍ବା ଅନାବଶ୍ୟକ ପ୍ରଭାବ ବିନା ନିଜ ମତ ସ୍ୱାଧୀନ ଭାବେ ପ୍ରକାଶ କରିପାରିବେ ।ଏଠାରେ ପାକିସ୍ତାନର ନିଜ ସମ୍ବିଧାନର ବ୍ୟବସ୍ଥା ମଧ୍ୟ ପ୍ରାସଙ୍ଗିକ । ଏହି ପତ୍ରରେ ଆଇନପ୍ରଣେତାମାନେ ପାକିସ୍ତାନର ସମ୍ବିଧାନରେ ଥିବା ମୌଳିକ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ ଉଲ୍ଲେଖ କରିଛନ୍ତି । ବିଶେଷକରି ନିଜ ଧର୍ମକୁ ମାନିବା, ପାଳନ କରିବା ଓ ପ୍ରଚାର କରିବାର ସ୍ୱାଧୀନତା ପ୍ରଦାନ କରୁଥିବା ଧାରା ୨୦ ଏବଂ ଆଇନ ଆଗରେ ସମାନତାର ନିଶ୍ଚିତତା ପ୍ରଦାନ କରୁଥିବା ଧାରା ୨୫ କଥା ସେମାନେ ମନେ ପକାଇଛନ୍ତି । ତେଣୁ ଜଣେ ନାଗରିକ ନିଜ ଧାର୍ମିକ ବିଶ୍ୱାସ ସମ୍ପର୍କରେ ସ୍ୱାଧୀନ ଭାବେ ମତ ପ୍ରକାଶ କରି ପାରୁଛନ୍ତି କି ନାହିଁ, ଏହା କେବଳ ଏକ ପାରିବାରିକ ବିବାଦର ପ୍ରଶ୍ନ ନୁହେଁ, ଏହା ମୌଳିକ ଅଧିକାରର ପ୍ରଶ୍ନ ମଧ୍ୟ ।

କ୍ରିସ୍ ସ୍ମିଥ ମଧ୍ୟ ଏହି ପ୍ରସଙ୍ଗକୁ ଉଠାଇ କହିଛନ୍ତି ଯେ ପାକିସ୍ତାନର ସମ୍ବିଧାନ ଧାର୍ମିକ ସ୍ୱାଧୀନ?ତା ଓ ଆଇନ ଆଗରେ ସମାନତାର ସୁରକ୍ଷା ପ୍ରଦାନ କରୁଥିବାବେଳେ, ଜଣେ ଯୁବତୀ ନିଜ ବିଶ୍ୱାସ ଓ ମତାମତକୁ ସୁରକ୍ଷିତ ଏବଂ ସ୍ୱାଧୀନ ଭାବେ ପ୍ରକାଶ କରିନପାରିବା, ସେହି ସାମ୍ବି,ଧାନୀକ ଅଧିକାରର ପ୍ରୟୋଗିକ ମୂଲ୍ୟ ଉପରେ ପ୍ରଶ୍ନବାଚି ସୃଷ୍ଟି କରୁଛି ।ନେହା ଫକିରଙ୍କ ମାମଲାକୁ ନେଇ ଆମେରିକୀୟ ଆଇନପ୍ରଣେତାମାନେ ପାକିସ୍ତାନର ଧାର୍ମିକ ସଂଖ୍ୟାଲଘୁମାନଙ୍କ ସୁରକ୍ଷା ପ୍ରସଙ୍ଗକୁ ମଧ୍ୟ ସାମ୍ନାକୁ ଆଣିଛନ୍ତି । ସେମାନଙ୍କ ଅଭିଯୋଗ ଅନୁଯାୟୀ ଧାର୍ମିକ ସଂଖ୍ୟାଲଘୁ ସମ୍ପ୍ରଦାୟର ମହିଳା ଓ ଯୁବତୀମାନେ ଅପହରଣ, ଜବରଦସ୍ତ ଧର୍ମାନ୍ତରଣ ଏବଂ ବାଧ୍ୟତାମୂଳକ ବିବାହ ଭଳି ସମସ୍ୟାର ସମ୍ମୁଖୀନ ହୋଇଆସୁଛନ୍ତି । ଏପରି ମାମଲାରେ ଦୋଷୀ ମାନଙ୍କୁ ଉତ୍ତରଦାୟୀ କରିବାରେ କର୍ତ୍ତୃପକ୍ଷଙ୍କ ଭୂମିକା ନେଇ ମଧ୍ୟ ପ୍ରଶ୍ନ ଉଠୁଛି ।

ତେବେ ଏହି ମାମଲାର ମୂଳ ପ୍ରଶ୍ନ ହେଉଛି- ନେହା ଫକିର ନିଜ ଇଚ୍ଛାରେ ଧର୍ମ ପରିବର୍ତ୍ତନ କରିଛନ୍ତି କି, ନା ତାଙ୍କ ଉପରେ କୌଣସି ପ୍ରକାରର ଚାପ କିମ୍ବା ପ୍ରଭାବ ଥିଲା ? ଏହାର ନିରପେକ୍ଷ ଉତ୍ତର ପାଇଁ ତାଙ୍କୁ ଉପଯୁକ୍ତ ପରିବେଶରେ ନିଜ ଇଛା ପ୍ରାକଶ କରିବାର ସୁଯୋଗ ମିଳିବା ଆବଶ୍ୟକ । ତାଙ୍କ ସହ ସ୍ୱାଧୀନ ଆଇନଜୀବୀଙ୍କ ଗୋପନୀୟ ଆଲୋଚନା ଏବଂ ପରିବାର ସହ ସ୍ୱାଧୀନ ଯୋଗାଯୋଗର ସୁଯୋଗ ଏହି ପ୍ରକ୍ରିୟାକୁ ଅଧିକ ବିଶ୍ୱସନୀୟ କରିପାରିବ । ଧର୍ମ ପରିବର୍ତ୍ତନ ଜଣେ ବ୍ୟକ୍ତିର ବ୍ୟକ୍ତିଗତ ଅତ୍ମକାରର ବିଷୟ ହୋଇପାରେ, କିନ୍ତୁ ସେହି ନିଷ୍ପତ୍ତି ସ୍ୱେଚ୍ଛାକୃତ କି ନାହିଁ ସ୍ପଷ୍ଟ ହେବା ମଧ୍ୟ ସମାନ ଭାବେ ଜରୁରୀ । ତେଣୁ ନେହା ଫକିରଙ୍କ ମାମଲାରେ ପାକିସ୍ତାନୀ ନ୍ୟାୟ ବ୍ୟବସ୍ଥାର ସ୍ୱଚ୍ଛତା, ଆଇନଗତ ସୁରକ୍ଷା ଓ ତାଙ୍କ ସ୍ୱାଧୀନ ଇଚ୍ଛାର ସମ୍ମାନ – ଏହି ତିନିଟି ଦିଗ ଉପରେ ବିଶେଷ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ଏହା କେବଳ ଜଣେ ଯୁବତୀଙ୍କ ମାମଲା ନୁହେଁ, ଏହା ଜଣେ ନାଗରିକଙ୍କ ମୌଳିକ ଅଧିକାର ଓ ସମ୍ବିଧାନ ପ୍ରଣୟନର ପରୀକ୍ଷା ମଧ୍ୟ ।

# ଜନଜାତି କଳା, ସ୍ଥାପତ୍ୟ ଓ ହସ୍ତଶିଳ୍ପ

**ଡକ୍ଟର ବିଚିତ୍ରାନନ୍ଦ ଆଚାର୍ଯ୍ୟ ■**

ଜନଜାତି ସଂସ୍କୃତି ଓ ପରମ୍ପରାରେ କଳା ଓ ସ୍ଥାପତ୍ୟ ଶିଳ୍ପର ଏକ ବିଶେଷ ଭୂମିକା ରହିଛି। ଆଜି ଓଡ଼ିଶାର ରାୟଗଡ଼ା ଓ ଗଜପତି ଜିଲ୍ଲାରେ ବସବାସ କରୁଥିବା ସଉରା ଜନଜାତିଙ୍କ ଚିତ୍ରକଳା 'ଇଡିତାଲ' କେବଳ ରାଜ୍ୟ କାହିଁକି ଦେଶ ବିଦେଶରେ ଲୋକପ୍ରିୟତା ଅର୍ଜନ କରିପାରିଛି। ଏହା ଏକ ପ୍ରକାର ଝୋଟି ଚିତା ପର୍ଯ୍ୟାୟର ଚିତ୍ରକଳା ଏବଂ ବିଶେଷକରି କାନ୍ଥରେ ଅଙ୍କନ କରାଯାଇଥାଏ। ଚଳଚ୍ଚିତ୍ର ଦୁନିଆରେ ଆଦିବାସୀଙ୍କ ଅଳଙ୍କାରର ଗୋଟିଏ ବିଶେଷ ଭୂମିକା ରହିଛି। ଆଦିବାସୀ ଅଳଙ୍କାରର ସ୍ୱାତନ୍ତ୍ର୍ୟ ରହିଛି। କୋରାପୁଟ ଅଞ୍ଚଳ ଆଦିବାସୀ ଅଳଙ୍କାରରେ ଏକ ସ୍ୱତନ୍ତ୍ର ବଜାର ରହିଛି। ଓଡ଼ିଶାର ଏସବୁ ଆଦିବାସୀ ଅଳଙ୍କାର ଦେଶ ବିଦେଶକୁ ରପ୍ତାନୀ କରାଯାଉଛି। କେନ୍ଦୁଝରର ଜୁଆଙ୍ଗ ଜନଜାତିଙ୍କ କାଠ ଖୋଦେଇ ସ୍ଥାପତ୍ୟର ଏକ ନିଆରା ଭାଉ ରହିଛି। ଜୁଆଙ୍ଗମାନେ ସେମାନଙ୍କର ମଣ୍ଡଘର ପାଇଁ କାଠରେ ଖୋଦେଇ କରି ନାନା ପ୍ରକାର ଆକର୍ଷଣୀୟ କାରୁକାର୍ଯ୍ୟ ପ୍ରସ୍ତୁତ କରିଥାନ୍ତି। ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଅଞ୍ଚଳର ଲୋଧା, ମାଙ୍କଡ଼ିଆ ଓ ଅନ୍ୟ ଆଦିବାସୀମାନେ ବାଉଁଶ ପାତିଆକୁ ବ୍ୟବହାର କରି ଆକର୍ଷଣୀୟ ଉପକରଣ ଓ ସ୍ଥାପତ୍ୟକଳା ନିର୍ମାଣ କରିଥାନ୍ତି। ନବରଙ୍ଗପୁର, କଳାହାଣ୍ଡି ଓ କୋରାପୁଟ ଜିଲ୍ଲାର ଆଦିବାସୀମାନେ ପାରମ୍ପରିକ ଲାଖ ଓ କାଠ ଶିଳ୍ପ ପାଇଁ ଦେଶବିଦେଶରେ ପ୍ରସିଦ୍ଧି ଲାଭ କରିପାରିଛନ୍ତି।

ବହୁ ପ୍ରାଚୀନ କାଳରୁ ଜନଜାତିମାନେ ଜୀବନ ଧାରଣ ପାଇଁ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟରୁ ଘରେ ବ୍ୟବହୃତ ବସ୍ତୁ, ଅଳଙ୍କାର, କୃଷି ଉପକରଣ, ଜଳ ପାତ୍ର, ବାଦ୍ୟଯନ୍ତ୍ର ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଉପକରଣ ସବୁ ତିଆରି କରୁଥିଲେ। କିନ୍ତୁ ଆଧୁନିକତାର ଆଢୁଆଳରେ ସେ ସବୁର ବ୍ୟବହାର କମିବାରେ ଲାଗିଛି। ଆଜିର ସୂଚନାପ୍ରଯୁକ୍ତିର ଯୁଗରେ ହାତ ପାହାନ୍ତାରେ ଥିବା ମୋବାଇଲର ୟୁଟ୍ୟୁବରେ ଜନଜାତିଙ୍କ ଅନେକ ପ୍ରତିଭା ଓ ବିକାଶ ପୃଥିବୀର କୋଣଅନୁକୋଣ ପର୍ଯ୍ୟନ୍ତ ପ୍ରସାରିତ ହେଲାଣି।

କେବଳ ମାଟି ପାତ୍ରର ଉପକରଣ ନୁହେଁ ବାଉଁଶ ଠାରୁ ଘାସପତ୍ର, ଗଛ ବକଳ ଠାରୁ ମଞ୍ଜି ଏସବୁ ଭିତରେ ପାରମ୍ପରିକ ଅପୂର୍ବ ହସ୍ତ କୌଳିକ ବୃତ୍ତି ଓ ଆଦିମ ହସ୍ତକଳାକୁ ଜନଜାତିମାନେ ଆଗେଇ ନେଉଛନ୍ତି। ଯେପରି ତାଇ ଫଳରୁ ଝାମ୍ପି ବା ପାଉଁଜି ତିଆରି କରାଯାଉଛି। ପ୍ରଥମେ ତାଇ ଫଳକୁ ଗରମ ପାଣିରେ ଫୁଟାଇ ତାକୁ ନରମ କରି ତା ମଧ୍ୟରେ ଛିଦ୍ର କରାଯାଏ। ପରେ ତାହା ମଧ୍ୟରେ ଘୁଙ୍ଗୁର ଦେଇ ପାଉଁଜି ପରି ବ୍ୟବହାର କରାଯାଏ। ଏହାକୁ ପାରମ୍ପରିକ ପୂଜାପର୍ବାଣୀରେ କାଠି ନାଚ ସମୟରେ ପିନ୍ଧି ନୃତ୍ୟ ପରିବେଷଣ କରାଯାଏ। ସେହିପରି ଗୁଞ୍ଜି ମଞ୍ଜି ବା କାଇଁଚ ଭାବେ ଜଣାଶୁଣା ମଞ୍ଜିରୁ ବିଭିନ୍ନ ପ୍ରକାର ମାଳା କରି ଜନଜାତି ମହିଳାମାନେ ପରିଧାନ କରନ୍ତି। ବିଶେଷକରି କନ୍ଧମାଳର ଡଙ୍ଗରିଆ କନ୍ଧ, ମାଲକାନାଗିରିର କୋଟିଆ, ପରଜା, କମାର, ଚକୋଟିଆ ଭୁଞ୍ଜିଆ ଜନଜାତି ଅନେକ ଅଳଙ୍କାର ଓ ହସ୍ତ ପ୍ରସ୍ତୁତ ସାମଗ୍ରୀମାନ ତିଆରି କରି ବଜାରରେ ପହଞ୍ଚାଇ ଲୋକପ୍ରିୟତା ଅର୍ଜନ କରିପାରିଛନ୍ତି। ଏହା ବ୍ୟତୀତ କୃଷି ଉପକରଣ ମଧ୍ୟରେ ପତଳା ବାଉଁଶ ପାତିରୁ ଓ ପ୍ଲାଷ୍ଟିକରୁ ଛାତୋଡ଼ି ବା ବାଉଁଶ ଟୋପି ତିଆରି କରାଯାଇଥାଏ। ଦକ୍ଷିଣ ଓଡ଼ିଶାରେ ଏହାକୁ ତଲାରି ବୋଲି କୁହାଯାଏ।

ସେହିପରି ବାଦ୍ୟଯନ୍ତ୍ର ମଧ୍ୟରେ ବାଉଁଶରୁ ଡୁଡୁଙ୍ଗା (ପାରମ୍ପରିକ ବୀଣା) ବଇଁଶୀ, ଦାସକାଠିଆ, ଢ଼ୋଲ ଆଦି ତିଆରି କରାଯାଏ। ଓଡ଼ିଶାର ନୂଆପଡ଼ା ଜିଲ୍ଲାର ଗଣ୍ଡ ଓ ଚାକୋଟିଆ ଭୁଞ୍ଜିଆ ଜନଜାତିମାନେ ମଧ୍ୟ ପାରମ୍ପରିକ ଭାବେ ବିଭିନ୍ନ ଅଳଙ୍କାର, ବାଦ୍ୟଯନ୍ତ୍ର ଏବଂ ଅନ୍ୟାନ୍ୟ ବ୍ୟାବହାରିକ ଉପକରଣ ତିଆରି କରି ପ୍ରାଚୀନ କଳାକୃତିକୁ ବଞ୍ଚାଇ ରଖିଛନ୍ତି। ଯେପରି ତୁମ୍ବା। ତୁମ୍ବା ହେଉଛି ଏକ ପ୍ରାକୃତିକ ସପାନୀୟ ଜଳ ବୋତଲ। ନୂଆପଡ଼ାର ଚାକୋଟିଆ ଭୁଞ୍ଜିଆ ଜନଜାତି ଲାଉ ତୁମ୍ବାରୁ ଏହାକୁ ତିଆରି କରନ୍ତି। ଅନେକ ହୁଏତ ଜାଣିନଥିବେ ରାୟଗଡ଼ା ଜିଲ୍ଲାର ସଉରା ଜନଜାତି ଦ୍ୱାରା ପ୍ରସ୍ତୁତ ତଲାରି, ଗୁଣୁପୁରର ରଥଯାତ୍ରା ସମୟରେ ବେଶ ବିକ୍ରି ହୋଇଥାଏ। ବର୍ଷାଦିନେ ଆଦିବାସୀ ଚାଷୀମାନଙ୍କ ପାଇଁ ଏହା ଅତ୍ୟନ୍ତ ମୂଲ୍ୟବାନ ସାବ୍ୟସ୍ତ ହୋଇଥାଏ। ଏହି ଜନଜାତିଙ୍କର ବିହନ ସଂରକ୍ଷଣ ବ୍ୟବସ୍ଥା ସର୍ବୋପରି ବିହନକୁ ଆର୍ଦ୍ରତା, କ୍ଷୟ ଓ କୀଟ ମାନଙ୍କ ଦୌରାତ୍ମ୍ୟରୁ ବଞ୍ଚାଇ ରଖିବା ପାଇଁ ଶିଆଳିପତ୍ର ଡିଲା ତିଆରି କରି ଥାଆନ୍ତି। ସେହିପରି ଚକୋଟିଆ ଭୁଞ୍ଜିଆ ଜନଜାତି ମାନଙ୍କର ଅନ୍ୟତମ ବୃତ୍ତି ହେଉଛି ଝରଣା, ଜଳାଶୟ ଓ ନଈରୁ ମାଛ ଧରିବା। ସେମାନେ ବାଉଁଶରେ ତିଆରି 'ଯୋଖନୀ', 'ଚୋରିଆ' ଭାବେ ଏହାକୁ ବଜାରରେ ମଧ୍ୟ ବିକ୍ରି କରିଥାନ୍ତି। ଏହି ଜନଜାତିର ମହିଳାମାନେ ମାଳିକୁ ମିଶାଇ ଏବଂ ପୁରୁଣା ପଇସାକୁ ଗୁନ୍ଥି ଚମତ୍କାର ମାଳି ପ୍ରସ୍ତୁତ କରିଥାନ୍ତି।

ଏହିପରି ଓଡ଼ିଶାର ଜନଜାତି ସଂସ୍କୃତି ଓ ପରମ୍ପରା ସହ ନିବିଡ଼ ଭାବେ ଜଡ଼ିତ ଅନେକ ପାରମ୍ପରିକ କଳା, କାରିଗରୀ ଆଜି ଆଧୁନିକତାର ଆଢୁଆଳରେ ହଜିବାକୁ ବସିଲାଣି। ଯାହା ପ୍ରାୟତଃ ଦେଖିବାକୁ ମିଳୁନାହିଁ। ଏହାକୁ ଦେଖିବାକୁ କିମ୍ବା ଜାଣିବାକୁ ହେଲେ ସଂଗ୍ରହାଳୟ ଓ ବହିର ସାହାରା ନେବାକୁ ପଡ଼ୁଛି। ଏହାକୁ ଦୃଷ୍ଟିରେ ରଖି ଏହି ପାରମ୍ପରିକ ହସ୍ତଶିଳ୍ପକୁ ବଞ୍ଚାଇ ରଖିବାର ବିଭିନ୍ନ ସ୍ତରରେ ପ୍ରୟାସ ହେଉଛି। ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧୀନରେ ସମନ୍ୱିତ କୃଷିର ପ୍ରୋତ୍ସାହନ ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ (ଏସପିପିଆଇଏଫ) ଅଧୀନରେ ୨୦୨୩ ମସିହାରେ ଆରମ୍ଭ ଫର୍ଗଟନ ଫୁଡ ବା ବିସ୍ମୃତ ଖାଦ୍ୟ କାର୍ଯ୍ୟକ୍ରମ ଜରିଆରେ ଏଥିପାଇଁ ପ୍ରୋତ୍ସାହନ ଦିଆଯାଉଛି। ବିଭିନ୍ନ କଳାକୃତିର ପ୍ରଦର୍ଶନୀ କରିଂଜାର ସୁବିଧା ଏବଂ ରୋଜଗାର ସୃଷ୍ଟି କରାଯାଇଛି।

ବର୍ତ୍ତମାନ ଆମ ରାଜ୍ୟରେ ଜନଜାତିଙ୍କ ଆର୍ଥିକ ବିକାଶ ପାଇଁ ଉଭୟ ଆଇଟିଡିଏ ଏବଂ ଅଣୁ ପ୍ରକଳ୍ପ ଜରିଆରେ ବିଭିନ୍ନ ସରକାରୀ ଯୋଜନାଗୁଡ଼ିକ କାର୍ଯ୍ୟକାରୀ ହେଉଛି। କେବଳ ଆଇଟିଡିଏ ଏବଂ ମାଇକ୍ରୋ ପ୍ରୋଜେକ୍ଟ କାହିଁକି, ବରଂ ବ୍ଲକ ପଞ୍ଚାୟତ, କ୍ଷୁଦ୍ର ମଧ୍ୟମ ଜଳସେଚନ ପ୍ରକଳ୍ପ, ଜଳଛାୟା ମିସନ, ମୃତ୍ତିକା ସଂରକ୍ଷଣ ବିଭାଗ, ଉଠା ଜଳସେଚନ ପ୍ରକଳ୍ପ, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ, କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ, ପ୍ରାଣୀ ସମ୍ପଦ ବିଭାଗ, ମାଛ ଚାଷ ବିଭାଗ ଆଦି ବିଭିନ୍ନ ସରକାରୀ ବିଭାଗ ମାଧ୍ୟମରେ ମଧ୍ୟ ଜନଜାତିଙ୍କର ଆର୍ଥିକ ବିକାଶ ପାଇଁ ଟଙ୍କା ଖର୍ଚ୍ଚ ହେଉଛି। ଏବେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଆଦିବାସୀଙ୍କ ଆର୍ଥିକ ବିକାଶ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଅନେକ ସରକାରୀ ଯୋଜନା କାର୍ଯ୍ୟକାରୀ ହେଉଛି। ସେଗୁଡ଼ିକ ହେଲା ଏମଏମଜେଜେ ଏମ୍ ଯାହାକୁ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ କୁହାଯାଉଛି। ଏହି ଯୋଜନା ମାଧ୍ୟମରେ କୃଷି, ଉଦ୍ୟାନକୃତି ଓ ଜୀବିକାର ବିକାଶ ପାଇଁ ଆଦିବାସୀଙ୍କୁ କୁକୁଡ଼ା, ଛେଳି, ବତକ ବିଭିନ୍ନ ପନିପରିବା ବିହନ, ମଞ୍ଜି, ଚାରା, ସାର ଔଷଧ ଯୋଗାଇ ଦେବା ସହିତ ଜଳସେଚନର ସୁବିଧା ପାଇଁ ଚେକ ଡ୍ୟାମ ଓ ଗଭୀର ନଳକୂପ ନିର୍ମାଣ କରାଯାଉଛି। ସେହିପରି ଭିଡ଼ିଭିକେ ଅର୍ଥାତ୍ ଜନଧନ ବିକାଶ କାର୍ଯ୍ୟକ୍ରମ। ଏହି ଯୋଜନା ମାଧ୍ୟମରେ ଆଦିବାସୀମାନେ ସଂଗ୍ରହ କରୁଥିବା ପାରମ୍ପରିକ ବନଜାତ ଦ୍ରବ୍ୟର ମୂଲ୍ୟବୃଦ୍ଧି ଯାହାକୁ ଭାଲ୍ୟୁଆଡ଼ିସନ ଭାବେ ବୁଝାଯାଏ, ଆର୍ଥିକ ସହାୟତା ଯୋଗାଇ ଦିଆଯଉଛି। ବିଶେଷକରି ଆମ୍ବରୁ ଆମ୍ବଷଢ଼ା, ଆମ୍ବ ଆଚାର, ପଣସ ଚିପସ୍, ପଣସ କେକ, ପସଣ ଚକୋଲେଟ, ଶାଳପତ୍ର ଖଲି, ଦନା, ପ୍ଲେଟ ଆଦି ପ୍ରସ୍ତୁତ କରି ଆଦିବାସୀମାନେ ଆର୍ଥିକ ସ୍ୱାବଲମ୍ବୀ ହୋଇପାରୁଛନ୍ତି। ଆର୍ଟିକିଲ୨୭୫ ଏହି ଯୋଜନା ମାଧ୍ୟମରେ ଦୁର୍ଗମ ଆଦିବାସୀବହୁଳ ଅଞ୍ଚଳକୁ ରାସ୍ତା ଓ ପୋଲି ନିର୍ମାଣ କରାଯାଉଛି। ଏସସିଏ ଅର୍ଥ ସ୍ୱତନ୍ତ୍ର କେନ୍ଦ୍ର ଅନୁଦାନ ଏହି ଯୋଜନା ଜରିଆରେ ଆଦିବାସୀଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରାଇ ପାଇଁ ଡ୍ରାଗନ ଚାଷ, ପଣସ ପ୍ରକ୍ରିୟାକରଣ ୟୁନିଟ ପ୍ରତିଷ୍ଠା, ଷ୍ଟ୍ରବେରୀ ଚାଷ, ଚେକ ଡ୍ୟାମ ନିର୍ମାଣ ଆଦି କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଡିଏଜେଜିୟୁଏ ଅର୍ଥ ଧରତ୍ରୀ ଅବା ଜନଜାତି ଗୌରବ ଉତ୍କର୍ଷ ଅଭିଯାନ। ଏହି ଯୋଜନା ଜରିଆରେ ଆଦିବାସୀ ଗ୍ରାମ ଗୁଡ଼ିକର ବିକାଶ ପାଇଁ ଖର୍ଚ୍ଚ ହେଉଛି। ପିଏମଏଏଜିୱାଇ ଅର୍ଥ ପ୍ରଧାନମନ୍ତ୍ରୀ ଆଦି ଆଦର୍ଶ ଗ୍ରାମ ଅଭିଯାନ। ଏହି ଯୋଜନା ଜରିଆରେ ଭିତ୍ତିଭୂମି ବିକାଶ ଯଥା ରାସ୍ତା,ପୋଲ, କଲଭର୍ଟ ନିର୍ମାଣ କରାଯାଉଛି । ମୋଟ ଭାଷାରେ କହିବାକୁଗଲେ ସରକାରଙ୍କ ବିଭିନ୍ନ ଯୋଜନା ଓ ପ୍ରୋତ୍ସାହନ ତଥା ଶିକ୍ଷା ଯୋଗୁଁ ଜନଜାତି ଗୋଷ୍ଠୀରେ ଅନେକ ପରିବର୍ତ୍ତନ ଦେଖାଯାଇଛି। ଓଡ଼ିଶାର ଅନେକ ଜନଜାତି ବ୍ୟକ୍ତିତ୍ୱ ଦେଶ ବିଦେଶରେ ବେଶ ସୁନାମ ଅର୍ଜନ କରିଥିବାବେଳେ ତଥାପି ଜନଜାତି ମାନଙ୍କ ଅଗ୍ରଗତି ଓ ବିକାଶ ନିମିତ୍ତ ଆହୁରି ଯୋଜନା ଓ ପ୍ରୋତ୍ସାହନର ବଡ଼ ଗୁରୁତ୍ୱ ଆଶା ରଖିଛି।

'ବିଭବ' ଆଚାର୍ଯ୍ୟ କଲୋନୀ, ବାଲିଗୁଡ଼ା, କନ୍ଧମାଳ, ଦୂରଭାଷ : ୭୦୦୮୭୫୨୩୧୭



# ପଶ୍ଚିମବଙ୍ଗରେ ଗୋଟିଏ ଝଟକାରେ ୯୩୩ ସରକାରୀ ସ୍କୁଲ ବନ୍ଦ

**ନୂଆଦିଲ୍ଲୀ,୨୨।୯(ଏଜେନ୍ସି):**ପଶ୍ଚିମବଙ୍ଗରେ ବିଜେପି ସରକାର କ୍ଷମତାକୁ ଆସିବା ପରଠାରୁ, ଅନେକ ସଂସ୍କାରମୂଳକ ପଦକ୍ଷେପ ନିଆଯାଇଛି। ବିଜେପି ସରକାର ସମସ୍ତ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଛି, କିନ୍ତୁ ଶିକ୍ଷା କ୍ଷେତ୍ର ବର୍ତ୍ତମାନ ଯାଞ୍ଚ ଅଧୀନରେ ଅଛି। ସମ୍ପ୍ରତି ରାଜ୍ୟରେ ୯୩୩ ସ୍କୁଲ ବନ୍ଦ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ସରକାର ଦାବି କରୁଛନ୍ତି ଯେ, ଏକ ଦୁର୍ନୀତିମୁକ୍ତ ସରକାର ଚଳାଇବାକୁ ଏବଂ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବାକୁ ଚାହୁଁଛନ୍ତି। ଏହି ସମୟରେ, ସ୍କୁଲ ଶିକ୍ଷା ବିଭାଗ ହଠାତ୍ ଏତେ ସଂଖ୍ୟକ ସ୍କୁଲ ବନ୍ଦ କରିଦେଇଛି। ଏହି ସ୍କୁଲଗୁଡ଼ିକରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ମାଧ୍ୟମିକ ସ୍କୁଲ ଅନ୍ତର୍ଭୁକ୍ତ। ଗତ ୫ ରୁ ୧୨ ବର୍ଷ ମଧ୍ୟରେ ଏହି ସ୍କୁଲଗୁଡ଼ିକରେ ଶୂନ୍ୟ ନାମଲେଖା ହୋଇଥିଲା। ତେଣୁ, ସମ୍ବଳ ଅପଚୟକୁ ଏଡାଇବା ପାଇଁ ସରକାର ସ୍କୁଲଗୁଡ଼ିକୁ ବନ୍ଦ କରିଦେଇଛନ୍ତି । ପୂର୍ବରୁ, ବନ୍ଦ ହେବାକୁ ଥିବା



ସ୍କୁଲଗୁଡ଼ିକର କୋଠା ସହିତ କ'ଣ କରାଯିବା ଉଚିତ୍ ତାହା ନିର୍ଣ୍ଣୟ କରିବା ପାଇଁ ଆଦେଶ ଅନୁଯାୟୀ ଏକ କମିଟି ଗଠନ କରାଯାଇଥିଲା। ଏବେ, ସେହି ଆଦେଶକୁ ସଂଶୋଧନ କରାଯାଇଛି। ଶିକ୍ଷା ମନ୍ତ୍ରୀ ଦୀପକ ବର୍ମନ ସ୍କୁଲକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏକ ମାସ ମଧ୍ୟରେ ସରକାରଙ୍କୁ ଏକ ରିପୋର୍ଟ ପ୍ରଦାନ କରାଯିବ। ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ, ପ୍ରାରମ୍ଭିକ ଯୋଜନା ହେଉଛି ବନ୍ଦ ହେବାକୁ ଥିବା ସ୍କୁଲଗୁଡ଼ିକର କୋଠା, ଖେଳ ପଡ଼ିଆ ଏବଂ ଅନ୍ୟାନ୍ୟ ସମ୍ପତ୍ତି ସରକାରଙ୍କୁ ହସ୍ତାନ୍ତର କରିବା।ଶିକ୍ଷା ମନ୍ତ୍ରୀ କହିଛନ୍ତି, ଯେହେତୁ ଛାତ୍ରଛାତ୍ରୀମାନେ ଏହି ସ୍କୁଲଗୁଡ଼ିକରେ ପଢୁନାହାନ୍ତି, ତେଣୁ ଆମେ ସେଗୁଡ଼ିକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଉଛୁ। ରକ୍ଷଣାବେକ୍ଷଣ ଅଭାବରୁ ଏହି ସ୍କୁଲ କୋଠାଗୁଡ଼ିକର ଅବସ୍ଥା ମଧ୍ୟ ଖରାପ ହେଉଥିଲା। ଆମେ ସ୍କୁଲ କୋଠା, ଜମି ଏବଂ ଅନ୍ୟାନ୍ୟ ସମ୍ବଳର ମୂଲ୍ୟାଙ୍କନ ପାଇଁ ଏକ କମିଟି ଗଠନ କରିବୁ। ସମ୍ପୂର୍ଣ୍ଣ ମୂଲ୍ୟାଙ୍କନ ପରେ, ଏହି ସମ୍ପତ୍ତିଗୁଡ଼ିକୁ ସରକାରଙ୍କୁ ହସ୍ତାନ୍ତର କରାଯିବ।

# 'ମୋତେ ଅଟକାଇବା ଭଳି କୌଣସି ଆଇନ ନାହିଁ'

## ବାଂଲାଦେଶ ଫେରିବାକୁ ନେଇ ବଡ଼ ବୟାନ ଦେଲେ ଶେଖ୍ ହସିନା

**ନୂଆଦିଲ୍ଲୀ,୨୨।୯(ଏଜେନ୍ସି):**ବାଂଲାଦେଶ ଫେରିବାକୁ ନେଇ ବଡ଼ ବୟାନ ଦେଇଛନ୍ତି ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା। ଭାରତରେ ରହୁଥିବା ହସିନା ଏକ ସାକ୍ଷାତକାରରେ କହିଛନ୍ତି ଯେ ସେ ଚଳିତ ବର୍ଷ ନିଜ ଦେଶକୁ ଫେରିବାକୁ ପ୍ରତିବଦ୍ଧ। ତାଙ୍କ କହିବା ଅନୁସାରେ, ସେ ବାଂଲାଦେଶର ନାଗରିକ ଏବଂ ନିଜ ଲୋକଙ୍କ ପାଖକୁ ଫେରିବାକୁ ଚାହୁଁଛନ୍ତି।'ମୁଁ ମୋ ଦେଶକୁ ଫେରିବାକୁ ପ୍ରତିବଦ୍ଧ' ଏକ ଇଣ୍ଟରଭ୍ୟୁରେ ଶେଖ୍ ହସିନା କହିଛନ୍ତି, ସେ ୨୦୨୬ରେ ବାଂଲାଦେଶ ଫେରିବାକୁ ପ୍ରତିବଦ୍ଧ। ଦେଶର ଲୋକଙ୍କ ସମସ୍ୟା ସମାଧାନ ଓ ଦେଶର ଅର୍ଥନୈତିକ ବିକାଶରେ ନିଜର ଅବଦାନ ଥିବା ବୋଲି ମଧ୍ୟ ସେ କହିଛନ୍ତି।ହସିନାଙ୍କୁ ଯେତେବେଳେ ଭାରତ ଓ ବାଂଲାଦେଶ ସରକାରଙ୍କ ମଧ୍ୟରେ ତାଙ୍କ ଫେରିବାକୁ ନେଇ କୌଣସି 'ବ୍ୟାକ୍‌ଚ୍ୟାନେଲ୍' ଆଲୋଚନା ହୋଇଛି କି ବୋଲି ପଚରାଯାଇଥିଲା, ସେ ନିଜ ଦେଶକୁ ଫେରିବା ଅଧିକାର ଉପରେ ଜୋର ଦେଇଥିଲେ। ହସିନାଙ୍କ ଦାବି ଅନୁସାରେ, ବାଂଲାଦେଶରେ ତାଙ୍କୁ ଦେଶକୁ ଫେରିବାରୁ ରୋକିବା ପାଇଁ କୌଣସି ଆଇନ ନାହିଁ। ତାଙ୍କ ଫେରିବା ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ, ଆଇନଗତ ଏବଂ ବାଂଲାଦେଶର ସାର୍ବଭୌମତ୍ୱ ଓ ଆଇନର ଶାସନ ଅନୁସାରେ ହେବା ଉଚିତ ବୋଲି ସେ କହିଛନ୍ତି।ତାଙ୍କ ଫେରିବାକୁ ନେଇ ବିଭିନ୍ନ କଳ୍ପନାଜଳ୍ପନା ଚାଲିଥିବା ବେଳେ ହସିନା କହିଛନ୍ତି ଯେ ତାଙ୍କ ପ୍ରାଥମିକତା ସ୍ପଷ୍ଟ- ସେ ନିଜ ଦେଶ ଓ ଲୋକଙ୍କ ପାଖକୁ ଫେରିବାକୁ ଚାହୁଁଛନ୍ତି। ବାଂଲାଦେଶର ଟ୍ରିବ୍ୟୁନାଲ ତାଙ୍କୁ ମୃତ୍ୟୁଦଣ୍ଡ ଦେଇଥିବା ପ୍ରସଙ୍ଗରେ ମଧ୍ୟ ଶେଖ୍ ହସିନା ନିଜ ପକ୍ଷ ରଖିଛନ୍ତି। ତାଙ୍କ ଦାବି ହେଉଛି, ତାଙ୍କ ବିରୋଧରେ ହୋଇଥିବା ବିଚାର ପ୍ରକ୍ରିୟା ରାଜନୈତିକ ଭାବେ ପ୍ରଭାବିତ ଏବଂ ଏହା ଆଇନସମ୍ମତ ନୁହେଁ।ସେ ନିଜକୁ ଗଣତନ୍ତ୍ର, ନ୍ୟାୟ ଓ ସମାଜର ହିତ ପାଇଁ ସମର୍ପିତ ବୋଲି କହିବା ସହ ନିଜ ଅଧିକାର ପାଇଁ ଆଇନଗତ ସୁରକ୍ଷା ଦାବି କରିଛନ୍ତି। ସାକ୍ଷାତକାରରେ ଶେଖ୍ ହସିନା ୧୯୭୫ ମସିହାରେ ତାଙ୍କ ପରିବାରର ଅନେକ ସଦସ୍ୟଙ୍କ ହତ୍ୟା ଘଟଣାକୁ ମଧ୍ୟ ମନେ ପକାଇଥିଲେ। ସେ କହିଛନ୍ତି, ଏହି ଘଟଣା ପରେ ତାଙ୍କୁ ବହୁ ବର୍ଷ ଦେଶ ବାହାରେ ରହିବାକୁ ପଡ଼ିଥିଲା। ପରେ ୧୯୮୧ରେ ସେ ବାଂଲାଦେଶ ଫେରିଥିଲେ।ହସିନାଙ୍କ ବିରୋଧରେ ମୃତ୍ୟୁଦଣ୍ଡର ରାୟ ଏବଂ ତାଙ୍କ ଫେରିବା ଦାବି ନେଇ ବାଂଲାଦେଶର ରାଜନୈତିକ ପରିସ୍ଥିତିରେ ବିବାଦ ଜାରି ରହିଛି। ତେବେ ହସିନା ନିଜ ପକ୍ଷରୁ ସ୍ପଷ୍ଟ କରିଛନ୍ତି ଯେ ସେ ନିଜ ଦେଶକୁ ଫେରିବାକୁ ଚାହୁଁଛନ୍ତି।

# ଟ୍ରାଇର କଡ଼ା ନିର୍ଦ୍ଦେଶ, ଶସ୍ତା ହେବ ମୋବାଇଲ ରିଚାର୍ଜ ପ୍ଲାନ

**ନୂଆଦିଲ୍ଲୀ,୨୨।୯(ଏଜେନ୍ସି):** ମୋବାଇଲ୍ ରିଚାର୍ଜକୁ ନେଇ ଗ୍ରାହକଙ୍କ ପାଇଁ ବଡ଼ ଖବର । ଟେଲିକମ୍ ରେଗୁଲେଟରୀ ଅଥରିଟି ଅଫ୍ ଇଣ୍ଡିଆ ବା ଟିଆରଏଆଇ ଟେଲିକମ୍ ଉପଭୋକ୍ତା ସୁରକ୍ଷା ନିୟମରେ ୧୩ତମ ସଂଶୋଧନ ଜାରି କରିଛି । ଟିଆରଏଆଇର ଅଧିକୃତ ରେକର୍ଡ ଅନୁସାରେ ଏହି ସଂଶୋଧନ ୨୨ ସେପ୍ଟେମ୍ବର ୨୦୨୬ରେ ପ୍ରକାଶିତ ହୋଇଛି । ଏହାର ପ୍ରଭାବରେ ଜିଓ, ଏୟାରଟେଲ୍ ଏବଂ ବିଏସଏନଏଲ୍ ଭଳି ଟେଲିକମ୍ କମ୍ପାନୀଙ୍କୁ ଡାଟା ବ୍ୟବହାର ନକରୁଥିବା ଗ୍ରାହକଙ୍କ ପାଇଁ ଭଏସ୍ ଓ ଏସଏମଏସ୍ କେନ୍ଦ୍ରିକ ରିଚାର୍ଜର ବିକଳ୍ପ ବଢ଼ାଇବାକୁ ପଡ଼ିବ ।ଟି ଆର୍ ଏ ଆଇର ନୂଆ ନିୟମ ଅନୁସାରେ, ଭଏସ୍, ଏସଏମଏସ୍ ଏବଂ ଡାଟା ସେବା ପାଇଁ ଭିନ୍ନ ଭିନ୍ନ ଭ୍ୟାଲିଡିଟି ଅବଧିର ଏସ୍ ଟି ଭି ବା ସ୍ପ ?ଶାଲ୍ ଟାରିଫ୍ ଭାଉଚର୍ ଦିଆଯାଉଥିଲା । ସେହି ଭ୍ୟାଲିଡିଟି ସହ ମେଳ ଖାଉଥିବା ଭଏସ୍‌ଏସଏମଏସ୍ ଓନ୍ଲି ଭାଉଚର୍ ମଧ୍ୟ ରହିବାକୁ ପଡ଼ିବ, ଏଥିରେ ଡାଟା ନଥିବ । ଅର୍ଥାତ୍ ଯେଉଁ ଗ୍ରାହକ ଇଣ୍ଟରନେଟ୍ ବ୍ୟବହାର କରୁନାହାନ୍ତି, ସେମାନେ ଅନାବଶ୍ୟକ ଡାଟା ପାଇଁ ଟଙ୍କା ଦେବା ପରିବର୍ତ୍ତ ? ନିଜ ଆବଶ୍ୟକତା ଅନୁସାରେ ଭଏସ୍ ଓ ଏସଏମଏସ୍ ପ୍ୟାକ୍ ବାଛିପାରିବେ । ଟିଆରଏଆଇ ୨୦୨୬ ଏପ୍ରିଲରେ ଜାରି କରିଥିବା ଡ୍ରାଫ୍ଟରେ ମଧ୍ୟ ଛୋଟ ଅବଧିର ଭଏସ୍-ଏସଏମଏସ୍ ପ୍ୟାକ୍‌ର ଆବଶ୍ୟକତା ଉପରେ ଜୋର ଦେଇଥିଲା ।ନୂଆ ବ୍ୟବସ୍ଥାରେ ୩୦ ଦିନ କିମ୍ବା ତା'ଠାରୁ କମ୍ ଭ୍ୟାଲିଡିଟି ଥିବା ଏକାଧିକ ଏସଟିଭି ଉପଲବ୍ଧ କରାଇବାର ବ୍ୟବସ୍ଥା ରହିଛି । ଏହାସହ କମ୍ପାନୀମାନଙ୍କୁ ଏଭଳି ଏକ ଭାଉଚର୍ ରଖିବାକୁ ହେବ, ଯାହା ପ୍ରତି ମାସରେ ସମାନ ତାରିଖରେ ରିନ୍ୟୁ କରାଯାଇପାରିବ । ଯଦି ରିନ୍ୟୁ ତାରିଖ ୩୧ ତାରିଖ ହୁଏ ଏବଂ ପରବର୍ତ୍ତୀ ମାସରେ ୩୧ ତାରିଖ ନଥାଏ, ତେବେ ସେହି ମାସର ଶେଷ ଦିନକୁ ରିନ୍ୟୁ ତାରିଖ ଭାବେ ଧରାଯିବ । ଏହା ଫଳରେ ମାସିକ ରିଚାର୍ଜରେ ଗ୍ରାହକଙ୍କ ପାଇଁ ଅଧିକ ସ୍ୱଚ୍ଛତା ଆସିବ । ୨୮ ଦିନିଆ ରିଚାର୍ଜ ପ୍ରସଙ୍ଗରେ ପୂର୍ବରୁ ରାଜ୍ୟସଭାରେ ସ୍ୱର ଉଠାଇଥିଲେ ସାଂସଦ ରାଘବ ଚଡ୍ଢା । ମାର୍ଚ୍ଚ ୨୦୨୬ରେ ସେ ପ୍ରଶ୍ନ ଉଠାଇଥିଲେ ଯଦି ଏକ ବର୍ଷରେ ୧୨ଟି ମାସ, ତେବେ 'ମାସିକ' ମୋବାଇଲ୍ ପ୍ଲାନ୍ ୨୮ ଦିନର କାହିଁକି ? ତାଙ୍କ ମତରେ ୨୮ ଦିନିଆ ଚକ୍ର ଯୋଗୁଁ ଗ୍ରାହକଙ୍କୁ ବର୍ଷକୁ ୧୨ ଥର ବଦଳରେ ପ୍ରାୟ ୧୩ ଥର ରିଚାର୍ଜ କରିବାକୁ ପଡୁଛି । ଚଡ୍ଢା ଏହାସହ ରିଚାର୍ଜ ଶେଷ ହେବା ପରେ ଇନକମିଂ କଲ୍ ଓ ଏସଏମଏସ୍ ଚାଲୁ ରଖିବା ଏବଂ କମ୍ ମୂଲ୍ୟର 'ଇନକମିଂ ପ୍ଲାନ୍ ଆଣିବା ଭଳି ଦାବି ମଧ୍ୟ ଉଠାଇଥିଲେ ।

## ଚିରାଗଙ୍କୁ କିନ୍ନର କହିବା ଘଟଣା

# ବୟାନ ଦେଇଥିବା ବ୍ୟକ୍ତିଙ୍କ ବିରୋଧରେ ହେଉ କଡ଼ା କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ,୨୨।୯(ଏଜେନ୍ସି):**କେନ୍ଦ୍ରମନ୍ତ୍ରୀ ଚିରାଗ ପାସୱାନଙ୍କୁ ନେଇ ଦିଆଯାଇଥିବା ଏକ ବିବାଦୀୟ ମନ୍ତବ୍ୟକୁ କେନ୍ଦ୍ର କରି ବିହାର ରାଜନୀତିରେ ଚର୍ଚ୍ଚା ଜୋର ଧରିଛି । ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚାର ସଂରକ୍ଷକ ତଥା କେନ୍ଦ୍ରମନ୍ତ୍ରୀ ଜିତନ ରାମ ମାଝୀ ଏହି ଘଟଣାରେ ଆପତ୍ତି ଜଣାଇବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ବିହାର ସରକାରଙ୍କୁ ଦାବି କରିଛନ୍ତି । ସୋମବାର, ସେପ୍ଟେମ୍ବର ୨୧ ତାରିଖରେ ମାଝୀ ନିଜ 'ଏକ୍ସ' ହ୍ୟାଣ୍ଡେଲରେ ଏକ ପୋଷ୍ଟ କରିଥିଲେ । ଏଥିରେ ସେ ବିହାର ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କୁ ଟ୍ୟାଗ୍ କରିଥିଲେ । ଜଣେ କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ଦେବା ଠିକ୍ ନୁହେଁ ବୋଲି ମାଝୀ ତାଙ୍କ ପୋଷ୍ଟରେ ଉଲ୍ଲେଖ କରିଥିଲେ। ସେ ଚିରାଗ ପାସୱାନଙ୍କୁ ନେଇ ଏଭଳି ମନ୍ତବ୍ୟ ଦେଇଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ମାଝୀଙ୍କ ଏହି ପୋଷ୍ଟ ପରେ ସୋସିଆଲ୍ ମିଡିଆରେ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଥିଲା। କିଛି ୟୁଜର ମାଝୀଙ୍କ ମନ୍ତବ୍ୟକୁ ନେଇ ପ୍ରଶ୍ନ ଉଠାଇଥିବା ବେଳେ ଆଉ କିଛି ୟୁଜର ଘଟଣାରେ ବ୍ୟବହୃତ ଶବ୍ଦକୁ ନେଇ ଆପତ୍ତି ଜଣାଇଥିଲେ। ଟ୍ରାନ୍ସଜେଣ୍ଡର ପରିଚୟକୁ ଅପମାନଜନକ ଭାବେ ବ୍ୟବହାର କରିବା ଠିକ୍ କି ନୁହେଁ, ଏହାକୁ ନେଇ ମଧ୍ୟ ଅନଲାଇନ୍ ଆଲୋଚନା ହୋଇଥିଲା। ଏହି ବିବାଦର



ମୂଳରେ ରହିଛି ରାଜନ ସିଂହଙ୍କ ଏକ କଥିତ ମନ୍ତବ୍ୟ। ସୋସିଆଲ୍ ମିଡିଆରେ ରାଜନ ସିଂହଙ୍କୁ ନେଇ ବିଭିନ୍ନ ଦାବି ଓ ଭିଡିଓ ପ୍ରଚାରିତ ହୋଇଛି । ସେ ନିଜକୁ ଟ୍ରାନ୍ସଜେଣ୍ଡର ଭାବେ ପରିଚୟ ଦେଉଥିବା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନେଇ ମଧ୍ୟ ପୂର୍ବରୁ ମନ୍ତବ୍ୟ ଦେଇଥିବା ଦାବି କରାଯାଉଛି । ଚିରାଗ ପାସୱାନଙ୍କୁ ନେଇ ତାଙ୍କର କଥିତ ମନ୍ତବ୍ୟ ପରେ ହିଁ ଏହି ଘଟଣା ନୂଆ ଚର୍ଚ୍ଚାର କାରଣ ହୋଇଛି ।ଏହା ସହ ଚିରାଗ ପାସୱାନ ଓ ଟିଭି ଅଭିନେତା ବିଶାଳ ସିଂହଙ୍କ ସମ୍ପର୍କକୁ ନେଇ ସୋସିଆଲ୍ ମିଡିଆରେ ବିଭିନ୍ନ ଚର୍ଚ୍ଚା ହୋଇଥିବା କଥା ମଧ୍ୟ ସାମ୍ନାକୁ ଆସିଛି। ବିଦେଶରେ ଦୁହିଁଙ୍କୁ ଏକାଠି ଦେଖାଯାଇଥିବା କିଛି ଫଟୋ ଏବଂ ମୁମ୍ବାଇରେ ଗଣେଶ ବିସର୍ଜନ ସମୟର କିଛି ଦୃଶ୍ୟକୁ ନେଇ ଅନଲାଇନ୍‌ରେ ଆଲୋଚନା ହୋଇଥିଲା। ତେବେ ଏହି ଫଟୋ କିମ୍ବା ଚର୍ଚ୍ଚା ଆଧାରରେ କୌଣସି ବ୍ୟକ୍ତିଗତ ସମ୍ପର୍କ ବିଷୟରେ ନିଶ୍ଚିତ ନିଷ୍କର୍ଷ କରାଯାଇପାରିବ ନାହିଁ । ଏହି ସମଗ୍ର ଘଟଣାକୁ ନେଇ ମାଝୀଙ୍କ ଦାବି ହେଉଛି, କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ ଅଶାଳୀନ କିମ୍ବା ଅପମାନଜନକ ମନ୍ତବ୍ୟ ଦିଆଯାଇଥିଲେ ତାହାର ଆଇନଗତ ଯାଞ୍ଚ ହେବା ଦରକାର। ଏବେ ଏହି ମାମଲାରେ ବିହାର ସରକାର କିମ୍ବା ପୁଲିସ ପକ୍ଷରୁ କୌଣସି ଔପଚାରିକ ପଦକ୍ଷେପ ନିଆଯାଇଛି କି ନାହିଁ, ତାହା ଉପରେ ନଜର ରହିଛି । ସୂଚନା ଥାଉ କି, କିଛିଦିନ ତଳେ ୟୁଜିସି ପ୍ରସଙ୍ଗରେ ଏଲଜେପି ମୁଖ୍ୟ ଚିରାଗ ପାସୱାନ ଓ ହିନ୍ଦୁସ୍ତାନ ଆୱାମ ମୋର୍ଚ୍ଚାର ମୁଖ୍ୟ ତଥା ଦୁଇ କେନ୍ଦ୍ରମନ୍ତ୍ରୀଙ୍କ ମଧ୍ୟରେ ଜୋରଦାର ବୟାନବାଜୀ ହୋଇଥିଲା । କଡ଼ା ଭାଷାରେ ଚିରାଗ ପାସୱାନ ମାଞ୍ଝୀଙ୍କ ବୟାନକୁ ନେଇ ନିନ୍ଦା କରିବା ସହ କଥା ବ୍ୟକ୍ତିଗତ ସ୍ତରକୁ ଓହ୍ଲାଇଥିଲା ।

## ବନ୍ଦେ ମାତରମ୍ ଗାନକୁ ବିରୋଧ କରୁଥିବା ଆବେଦନ ମାମଲା

# କେନ୍ଦ୍ର ସରକାରଙ୍କୁ ଜବାବ ତଲବ କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୨।୯(ଏଜେନ୍ସି):** 'ବନ୍ଦେ ମାତରମ୍'ର ଛଅଟି ପଦ ଗାନକୁ ବାଧ୍ୟତାମୂଳକ କରୁଥିବା ଆଇନକୁ ଚ୍ୟାଲେଞ୍ଜ କରି ଆଗତ ଏକ ଆବେଦନ ଉପରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କଠାରୁ ଜବାବ ଲୋଡ଼ିଛନ୍ତି। କର୍ଣ୍ଣାଟକୀ କଣ୍ଠଶିଳ୍ପୀ ଟି.ଏମ୍. କୃଷ୍ଣା ଏହି ଆବେଦନ ଦାଖଲ କରିଛନ୍ତି। ବନ୍ଦେ ମାତରମର ଚାରୋଟି ପଦ ସ୍ପଷ୍ଟ ଭାବରେ ହିନ୍ଦୁ ଦେବତାମାନଙ୍କ ପ୍ରତି ଭକ୍ତି ଆହ୍ୱାନ କରେ, ଏବଂ ସେହି ଅଂଶଗୁଡ଼ିକୁ ଗାନ କରିବାକୁ ବାଧ୍ୟତାମୂଳକ କରିବା ଦେଶର ଧର୍ମନିରପେକ୍ଷ ଚରିତ୍ରକୁ ଉଲ୍ଲଂଘନ କରୁଛି ବୋଲି କୃଷ୍ଣା ଉଲ୍ଲେଖ କରିଛନ୍ତି।ଆବେଦନରେ କୁହାଯାଇଛି ଯେ, ଜାତୀୟ ସମ୍ମାନ ଅପମାନ ନିବାରଣ ଆଇନ ଅଧୀନରେ ବନ୍ଦେ ମାତରମ୍ ?କୁ ଅନ୍ତର୍ଭୁକ୍ତ କରିବା ପାଇଁ ସଂଶୋଧନ ଏକାନ୍ତ ସ୍ୱେଚ୍ଛାଚାରୀ ଏବଂ ବ୍ୟକ୍ତିଗତ ସ୍ୱାଧୀନତାର ଉଲ୍ଲଂଘନ କରୁଛି ଏବଂ ଏକ ସଂଖ୍ୟାଗରିଷ୍ଠ ଧାର୍ମିକ ବାର୍ତ୍ତାକୁ ସୂଚିତ କରୁଛି।ସୁପ୍ରିମକୋର୍ଟ କହିଛନ୍ତି, ବନ୍ଦେ ମାତରମ୍ ଜାତୀୟ ସଙ୍ଗୀତ। ଏହା ସହ ସମ୍ବିଧାନର ଧାରା ୨୫ ଏବଂ ୨୬ ଅନୁଯାୟୀ ମୌଳିକ ଅଧିକାର ସମ୍ପର୍କରେ ଦଣ୍ଡନୀୟ ପରିଣାମ ସମ୍ପର୍କରେ ବିଚାର କରାଯିବା ଜରୁରୀ। ସମ୍ବିଧାନର ଏହି ଧାରା ଧର୍ମ ସ୍ୱାଧୀନତାର ମୌଳିକ ଅଧିକାରକୁ ସୁନିଶ୍ଚିତ କରେ, ବ୍ୟକ୍ତିଗତ ଏବଂ ସାମୂହିକ ଧାର୍ମିକ ସ୍ୱାଧୀନତାକୁ ସୁରକ୍ଷା ଦିଏ।

# ଇରାନ ବିମାନ କମ୍ପାନିଗୁଡ଼ିକ ପାଇଁ ସଙ୍କଟ ବଢ଼ିଲା

**ନୂଆଦିଲ୍ଲୀ,୨୨।୯(ଏଜେନ୍ସି):** ସାତ ମାସର ଯୁଦ୍ଧ ପରେ ମଧ୍ୟ ଇରାନକୁ ନିୟନ୍ତ୍ରଣ କରିପାରିନଥିବା ଆମେରିକା ଏକ ନୂତନ ରଣନୀତି ଗ୍ରହଣ କରିଛି। ଏବେ ଇରାନ ବିମାନ କମ୍ପାନିଗୁଡ଼ିକ ପାଇଁ ଏକ ସଙ୍କଟ ସୃଷ୍ଟି କରିବାକୁ ପ୍ରୟାସ କରାଯାଉଛି, ଯାହା ସେମାନଙ୍କର ବିଶ୍ୱସ୍ତରୀୟ ଉଡାଣ କାର୍ଯ୍ୟକୁ ବନ୍ଦ କରିଦେବ। ଆମେରିକା ସ୍ପଷ୍ଟ ଭାବରେ ସୂଚିତ କରିଛି ଯେ, ଯଦି ଅନ୍ୟ କମ୍ପାନିଗୁଡ଼ିକ ଇରାନ ବିମାନ କମ୍ପାନିଗୁଡ଼ିକୁ ନିଜର ସମର୍ଥନ ଜାରି ରଖନ୍ତି, ତେବେ ସେମାନେ ମଧ୍ୟ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇପାରନ୍ତି। ଆମେରିକାର ଅର୍ଥ ସଚିବ ସ୍କଟ୍ ବେସାଣ୍ଟ ଚେତାବନୀ ଦେଇଛନ୍ତି, ଚଳିତ ସପ୍ତାହ ସୁଦ୍ଧା, ସମସ୍ତ ଇରାନ ବିମାନ କମ୍ପାନିଗୁଡ଼ିକ ପାଇଁ ବିଦେଶରେ କାର୍ଯ୍ୟ କରିବା ପ୍ରାୟତଃ ଅସମ୍ଭବ ହୋଇଯାଇପାରେ। ବେସାଣ୍ଟ କହିଛନ୍ତି ଯେ ସାରା ବିଶ୍ୱରେ ସମସ୍ତ ଇରାନୀ ବିମାନ ସେବା ବନ୍ଦ ହୋଇଯିବ। ଇରାନୀ ବିମାନ କମ୍ପାନି, ଟିକେଟ କମ୍ପାନି, ଇନ୍ଧନ କମ୍ପାନି ଏବଂ ବିଦେଶରେ ବିମାନ ସେବା ପ୍ରଦାନ କରିବାରେ ସାହାଯ୍ୟ କରୁଥିବା ଅନ୍ୟାନ୍ୟ ବ୍ୟବସାୟ ବନ୍ଦ କରିବାକୁ ମଧ୍ୟ ସେ ଧମକ ଦେଇଛନ୍ତି ।ଯଦି ଇରାନ ବିମାନ କୌଣସି ସ୍ଥାନରେ ଅବତରଣ କରେ, ତେବେ ବିମାନକୁ ଇନ୍ଧନ ମିଳିବ ନାହିଁ। ଅବତରଣ ସୁବିଧା ଯୋଗାଯିବ ନାହିଁ ଏବଂ ସେମାନେ ଟିକେଟ୍ ବିକ୍ରି କରିପାରିବେ ନାହିଁ। ଯଦି ଅନ୍ୟ କୌଣସି କମ୍ପାନି ଏଭଳି କାର୍ଯ୍ୟରେ ଇରାନକୁ ସହାୟତା କରନ୍ତି ତେବେ ତାକୁ ଡଲାର ସିଷ୍ଟମରୁ ବାହାର କରିଦିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ସେପ୍ଟେମ୍ବର ୨୩ ସୁଦ୍ଧା ଇରାନୀ ବିମାନ ସେବା ସାରା ବିଶ୍ୱରେ ନିଷିଦ୍ଧ କରାଯାଇପାରେ ।ଏହି ଧମକ ହେଉଛି ଇରାନ ଉପରେ ଆମେରିକାର ଆର୍ଥିକ ଚାପ ବୃଦ୍ଧି କରିବାର ସର୍ବଶେଷ ପଦକ୍ଷେପ। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ବିରୋଧରେ ତାଙ୍କ ଯୁଦ୍ଧରେ ଆର୍ଥିକ କାର୍ଯ୍ୟାନୁଷ୍ଠାନକୁ ଏକ ଅସ୍ତ୍ର ଭାବରେ ବ୍ୟବହାର କରୁଛନ୍ତି। ପୂର୍ବରୁ, ଆମେରିକା ଇରାନର ବିମାନ ଶିଳ୍ପ ଉପରେ କଟକଣା ଲଗାଇସାରିଛି। ବେସାଣ୍ଟଙ୍କ ନୂତନ ଆର୍ଥିକ କାର୍ଯ୍ୟାନୁଷ୍ଠାନ ପାଇଁ ଇରାନ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ। ତେବେ ଆମେରିକାର ଧମକ ପରେ ଅନେକ ଦେଶ ଇରାନର ନିଷିଦ୍ଧ ବିମାନ କମ୍ପାନିଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆରମ୍ଭ କରିଛନ୍ତି ।ଦୁଇଟି ଇରାକୀ ସୂତ୍ର ଏଏଫପିକୁ କହିଛନ୍ତି ଯେ ଆମେରିକାର ଟ୍ରେଜେରୀ ବିଭାଗର ଘୋଷଣା ପରେ ବାଗଦାଦ ଇରାନୀ ବିମାନ କମ୍ପାନିର ଉଡ଼ାଣକୁ ସ୍ଥଗିତ ରଖିବ। ଜର୍ଜିଆ ମଧ୍ୟ ଇରାନୀ ବିମାନ କମ୍ପାନିଗୁଡ଼ିକୁ ଦେଶରେ ଉଡ଼ାଣ କରିବାକୁ ନିଷେଧ କରିଛି। ଏହି ସମୟରେ, ଇରାନୀ ବିମାନ କମ୍ପାନି ମହାନ ଏୟାର କହିଛି ଯେ ତୁର୍କୀ ସରକାରଙ୍କ ଅନୁରୋଧ ପରେ ଆମେ ତୁର୍କୀକୁ ଉଡ଼ାଣ ସ୍ଥଗିତ ରଖିଛୁ। ଇରାନର ବିମାନ ଚଳାଚଳ କ୍ଷେତ୍ର ପୂର୍ବରୁ ଦୀର୍ଘ ଦିନ ଧରି ଆମେରିକାର କଟକଣାର ସମ୍ମୁଖୀନ ହୋଇଆସୁଛି। ଏହି କଟକଣା ଯୋଗୁଁ ଇରାନ ପାଇଁ ନୂତନ ବିମାନ, ଜରୁରୀ ବିମାନ ଅଂଶ ଏବଂ ମରାମତି ସେବା ପାଇବା କଷ୍ଟକର ହୋଇପଡ଼ିଛି।

# ସୁରକ୍ଷା ପରିଷଦରେ ଭିଟୋ କ୍ଷମତା ସମାପ୍ତ ହେଉ



**ନୂଆଦିଲ୍ଲୀ,୨୨।୯(ଏଜେନ୍ସି):**ତୁର୍କୀ ରାଷ୍ଟ୍ରପତି ରେସେପ୍ ତାୟିପ୍ ଏର୍ଦୋଗାନ ମିଳିତ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନଏସସି)ରୁ ଭିଟୋ କ୍ଷମତା ପ୍ରତ୍ୟାହାର କରିବାକୁ ପ୍ରସ୍ତାବ ଦେଇଛନ୍ତି। ଏକ ପୂର୍ଣ୍ଣ ନିର୍ବାଚିତ ସୁରକ୍ଷା ପରିଷଦ ଗଠନ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଯେଉଁଥିରେ କୌଣସି ସଦସ୍ୟଙ୍କର ଭିଟୋ କ୍ଷମତା ନଥିବ। ତୁର୍କୀ ରାଷ୍ଟ୍ରପତିଙ୍କ ଦାବି ଏପରି ଏକ ସମୟରେ ଆସିଛି ଯେତେବେଳେ ଭାରତ ସୁରକ୍ଷା ପରିଷଦର ଗଠନକୁ ବିସ୍ତାର କରୁଛି ଏବଂ ଏକ ସ୍ଥାୟୀ ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛି। ଏର୍ଦୋଗାନଙ୍କ ଏହି ଦାବି ସ୍ପଷ୍ଟ ଭାବରେ ଭାରତର ସଂସ୍କାର ପ୍ରୟାସକୁ ଦୁର୍ବଳ କରିବ ।ଏର୍ଦୋଗାନ କହିଛନ୍ତି, ସଂସ୍କାରର ଆବଶ୍ୟକତାକୁ ଏକ କଂକ୍ରିଟ୍ ରୋଡମ୍ୟାପରେ ପରିଣତ କରାଯିବା ଉଚିତ୍। ଭିଟୋ ଶକ୍ତିର ଉଚ୍ଛେଦ ହେବା ଜରୁରୀ। ତାଙ୍କ ପ୍ରସ୍ତାବ ଅନୁଯାୟୀ, ସୁରକ୍ଷା ପରିଷଦର ସଦସ୍ୟମାନେ ଜାତିସଂଘ ସାଧାରଣ ପରିଷଦ (ୟୁଏନଜିଏ) ଦ୍ୱାରା ନିର୍ବାଚିତ ହେବେ। ନିର୍ବାଚିତ ହେବା ପରେ, ସୁରକ୍ଷା ପରିଷଦର ସଦସ୍ୟମାନେ ନିର୍ଦ୍ଦିଷ୍ଟ ସମୟ ପାଇଁ କାର୍ଯ୍ୟ କରିବେ ।ଦ୍ୱିତୀୟ କାର୍ଯ୍ୟକାଳ ପାଇଁ ପ୍ରାର୍ଥୀ ହେବାକୁ ଚାହୁଁଥିବା ଦେଶଗୁଡ଼ିକୁ ପୁଣିଥରେ ବହୁମତ ସମର୍ଥନ ହାସଲ କରିବାକୁ ପଡିବ। ଏହା ସାଧାରଣ ସଭାକୁ ୟୁଏନଏସସି ଉପରେ ଅଧିକ ନିୟନ୍ତ୍ରଣ ଦେବ। ସେ ବିଶ୍ୱ ସ୍ତରରେ ୟୁଏନଜିଏ ପାଇଁ ଏକ ବୃହତ ଭୂମିକା ପାଇଁ ଆହ୍ୱାନ ଦେଇଥିଲେ ଏବଂ କହିଥିଲେ ଯେ, କୌଣସି ଦେଶର ଅନ୍ତର୍ଜାତୀୟ ସମୁଦାୟର ଇଚ୍ଛାକୁ ଅବରୋଧ କରିବାର ସ୍ଥାୟୀ କ୍ଷମତା ରହିବା ଉଚିତ୍ ନୁହେଁ। ସେ ଜାତିସଂଘ ସୁରକ୍ଷା ପରିଷଦର ଗଠନକୁ ପୁରୁଣା ବୋଲି କହି ପରିବର୍ତ୍ତନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସୁରକ୍ଷା ପରିଷଦ ଏବେ ବି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ଢାଞ୍ଚା ଅନୁଯାୟୀ କାର୍ଯ୍ୟ କରୁଛି। ବର୍ତ୍ତମାନର ପରିସ୍ଥିତିରେ ବିଶ୍ୱ ନିଷ୍ପତ୍ତି ଗ୍ରହଣ ପଦ୍ଧତିକୁ ଗ୍ରହଣ କରିବା ଅତ୍ୟନ୍ତ ଜରୁରୀ।ତୁର୍କୀ ରାଷ୍ଟ୍ରପତି ଦୀର୍ଘ ଦିନ ଧରି ସୁରକ୍ଷା ପରିଷଦର ସଂସ୍କାର ପାଇଁ ଆହ୍ୱାନ ଦେଇ ଆସୁଛନ୍ତି। ସେ ଯୁକ୍ତି ଦେଇଛନ୍ତି ଯେ, ବିଶ୍ୱ ପାଞ୍ଚଟି ଦେଶଠାରୁ ବଡ଼। କେବଳ କିଛି ନୂତନ ସଦସ୍ୟଙ୍କୁ ଯୋଡ଼ି ସୁରକ୍ଷା ପରିଷଦକୁ ବିସ୍ତାର କଲେ କୌଣସି ପରିବର୍ତ୍ତନ ଆସିବ ନାହିଁ। କାରଣ ନିଷ୍ପତ୍ତି ନେବାର କ୍ଷମତା କିଛି ଦେଶମାନଙ୍କ ହାତରେ କେନ୍ଦ୍ରିତ ରହିବ। ସାଧାରଣ ପରିଷଦରେ ତାଙ୍କ ଭାଷଣରେ, ଏର୍ଦୋଗାନ ସୁରକ୍ଷା ପରିଷଦ ମଧ୍ୟରେ ପ୍ରତିନିଧିତ୍ୱ ଏବଂ ଉତ୍ତରଦାୟିତ୍ୱ ବୃଦ୍ଧି ପାଇଁ ଆହ୍ୱାନ ଦେଇ କହିଛନ୍ତି ଯେ, ଅନ୍ତର୍ଜାତୀୟ ବ୍ୟବସ୍ଥାକୁ ପୁରୁଣା ମୂଳଦୁଆ ଉପରେ ପୁନଃନିର୍ମାଣ କରାଯାଇପାରିବ ନାହିଁ। ସେ ଏସିଆର ବୃଦ୍ଧି ପାଉଥିବା ଅର୍ଥନୈତିକ ଶକ୍ତି ଏବଂ ଉତ୍ତମ ପ୍ରତିନିଧିତ୍ୱ ପାଇଁ ଆଫ୍ରିକୀୟ ଦେଶମାନଙ୍କ ଦାବିକୁ ମଧ୍ୟ ଉଲ୍ଲେଖ କରିଛନ୍ତି।

# ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସିଇଓ ଦୌଡ଼ ଆଗରେ ଅନୁପ ବାଗ୍‌ଚୀ

**ନୂଆଦିଲ୍ଲୀ,୨୨।୯(ଏଜେନ୍ସି):**ଆଇସିଆଇସିଆଇ ପ୍ରୁଡେନସିଆଲ ଲାଇଫ୍ ଇନସ୍ୟୁରାନ୍ସର ଏମ୍‌ଡି ତଥା ସିଇଓ ଅନୁପ ବାଗ୍‌ଚୀ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ନୂଆ ଏମ୍‌ଡି ତଥା ସିଇଓ ହେବା ସମ୍ଭାବନା ଦେଖାଦେଇଛି। ଦେଶର ସର୍ବବୃହତ୍ ଘରୋଇ ବ୍ୟାଙ୍କର ନେତୃତ୍ୱ ନେବା ପାଇଁ ରିଜର୍ଭ ବ୍ୟାଙ୍କ ତାଙ୍କ ପ୍ରାର୍ଥିତ୍ୱ ଉପରେ ବିଚାର ବିମର୍ଶ ଚଳାଇଛି। ବାଗ୍‌ଚୀ ୩ ବର୍ଷ ଧରି ବ୍ୟାଙ୍କିଂ ବ୍ୟବସାୟରୁ ଦୂରରେ ଥିବା କାରଣରୁ ରିଜର୍ଭ ବ୍ୟାଙ୍କ ତାଙ୍କ ପାର୍ଥିତ୍ୱ ଉପରେ ଚିନ୍ତା କରୁଛି। ୨୦୨୩ ମସିହାରୁ ସେ ଆଇସିଆଇସିଆଇ ପ୍ରୁଡେନ୍‌ସିଆଲ ଇନସ୍ୟୁରାନ୍ସର ଏମ୍‌ଡି ତଥା ସିଇଓ ଭାବେ ଅନୁପ କାର୍ଯ୍ୟ କରୁଛନ୍ତି। ପୂର୍ବରୁ ସେ ଆଇସିଆଇସିଆଇ ବ୍ୟାଙ୍କରେ କାର୍ଯ୍ୟ କରୁଥିଲେ। ୨୦୧୭ ମସିହାରୁ ୨୦୨୩ ପର୍ଯ୍ୟନ୍ତ ପର୍ଯ୍ୟନ୍ତ ସେ ଆଇସିଆଇସିଆଇ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇଥିଲେ ।ଉଲ୍ଲେଖଯୋଗ୍ୟ, ଏଚ୍‌ଡିଏଫ୍‌ସି



ବ୍ୟାଙ୍କର ବୋର୍ଡ ଦୁଇ ଜଣଙ୍କ ନାମ ରିଜର୍ଭ ବ୍ୟାଙ୍କକୁ ଏମ୍‌ଡି ତଥା ସିଇଓ ପଦ ପାଇଁ ସୁପାରିସ କରିଥିଲା। ବାହ୍ୟ ପ୍ରାର୍ଥୀଭାବେ ଅମିତାଭ ବାଗ୍‌ଚୀ ଏବଂ ଆଭ୍ୟନ୍ତରୀଣ ପ୍ରାର୍ଥୀଭାବେ ଡେପୁଟି ଏମ୍‌ଡି କାଇଜାଦ ଭାରୁଚାଙ୍କ ନାମ ପଠାଯାଇଥିଲା। ତେବେ ଏମ୍‌ଡି ତଥା ସିଇଓ ପଦରେ କିଏ ବସିବେ ତାହା ଚଳିତ ସପ୍ତାହରେ ଘୋଷଣା କରାଯିବ ବୋଲି ଆଶା କରାଯାଉଛି।

# ଧର୍ମଘଟକୁ ନ ଓହ୍ଲାଇବା ପାଇଁ ବ୍ୟାଙ୍କ ସଂଘଗୁଡିକୁ ସରକାରଙ୍କ ନିବେଦନ

**ନୂଆଦିଲ୍ଲୀ,୨୨।୯(ଏଜେନ୍ସି):**ବିଭିନ୍ନ ଦାବି ପୂରଣ ପାଇଁ ବ୍ୟାଙ୍କ ସଂଘଗୁଡିକ ଆସନ୍ତା ୨୮ ତାରିଖରୁ ୩ ଦିନିଆ ଦେଶବ୍ୟାପୀ ଧର୍ମଘଟ ଡାକରା ଦେଇଛନ୍ତି। ଧର୍ମଘଟକୁ ନ ଓହ୍ଲାଇ ଆଲୋଚନା ମାଧ୍ୟମରେ ସମସ୍ୟା ସମାଧାନ ପାଇଁ ଅର୍ଥ ମନ୍ତ୍ରାଳୟ ପକ୍ଷରୁ ଗତକାଲି ବ୍ୟାଙ୍କ ସଂଘଗୁଡିକୁ ପରାମର୍ଶ ଦିଆଯାଇଛି। ବ୍ୟାଙ୍କ ସଂଘର ଦାବିଗୁଡିକ ମଧ୍ୟରେ ସପ୍ତାହକୁ ୫ ଦିନିଆ କାର୍ଯ୍ୟଦିବସକୁ ଲାଗୁ କରିବା ଏବଂ ପ୍ରଦର୍ଶନଭିତ୍ତିକ ପ୍ରୋତ୍ସାହନ (ପିଏଲ୍‌ଆଇ) ଯୋଜନାକୁ ପ୍ରତ୍ୟାହାର ରହିଛି। ଅର୍ଥ ମନ୍ତ୍ରାଳୟ କହିଛି, ସଂଘଗୁଡିକ ସହ ଆଲୋଚନା ପରେ ପିଏଲ୍‌ଆଇ ଯୋଜନାକୁ ଚଳିତମାସରେ ସ୍ଥଗିତ ରଖାଯାଇଛି। ସପ୍ତାହକୁ ୫ ଦିନିଆ କାର୍ଯ୍ୟଦିବସ ଦାବି ଉପରେ ଆଲୋଚନା ଜାରି ରହିଛି। ତେଣୁ କର୍ମଚାରୀମାନେ ଆନ୍ଦୋଳନକୁ ନ ଓହ୍ଲାଇ ଆଲୋଚନା ମାଧ୍ୟମରେ ଦାବି ସମାଧାନ କରନ୍ତୁ। ଦାବି ପୂରଣ ପାଇଁ ଚଳିତମାସ ୧୧ ତାରିଖରେ ବ୍ୟାଙ୍କ ସଂଘଗୁଡିକ ଦେଶବ୍ୟାପୀ ଦିନିକିଆ ଧର୍ମଘଟ କରିସାରିଛନ୍ତି। ବ୍ୟାଙ୍କଗୁଡିକର ଅର୍ଦ୍ଧବାର୍ଷିକ କ୍ଲୋଜିଂ ସେପ୍ଟେମ୍ବର ୩୦ ତାରିଖରେ ରହିଛି। କିନ୍ତୁ ଏହା ପୂର୍ବରୁ ସେପ୍ଟେମ୍ବର ୨୮ ଓ ୨୯ରେ ବ୍ୟାଙ୍କ ଧର୍ମଘଟ ଡାକରା ସରକାରଙ୍କ ଚିନ୍ତା ବଢାଇଛି।

# ଭାରତ ଉପରେ ୧୦୦% ଶୁଳ୍କ ଲାଗୁ ନେଇ ଆମେରିକାର କପଟ କୌଶଳ

**ନୂଆଦିଲ୍ଲୀ,୨୨।୯(ଏଜେନ୍ସି):**ଆମେରିକାର ଜଣେ ପୂର୍ବତନ ଅଧିକାରୀ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ଭଳି ଦେଶ ଉପରେ ରୁଷୀୟ ତୈଳ କିଣିବା ପାଇଁ ୧୦୦% ଶୁଳ୍କ ଲଗାଇବା କପଟ କୌଶଳ ଧମକ ଉପରେ ପ୍ରଶ୍ନ ଉଠାଇଛନ୍ତି। ଆମେରିକାର ପୂର୍ବତନ ବୈଦେଶିକ ବିଭାଗ ଅଧିକାରୀ ଇଭାନ ଏ ଫିଗେନବାଗ ଭାରତ ଉପରେ ଶୁଳ୍କ ଧମକକୁ ଟ୍ରମ୍ପ ପ୍ରଶାସନର ଦୋମୁହାଁ ମାନଦଣ୍ଡ ବୋଲି ବର୍ଣ୍ଣନା କରି ଏହାର ପର୍ଦ୍ଦାଫାସ କରିଛନ୍ତି। ସେ ଆମେରିକାର ରାଷ୍ଟ୍ରପତିଙ୍କ ଦ୍ୱାରା ରୁଷର ଘନିଷ୍ଠ ସହଯୋଗୀ ବେଲାରୁସରୁ ପୋଟାସ୍ କିଣିବା ପାଇଁ ପ୍ରସ୍ତାବିତ ପ୍ରମୁଖ ଚୁକ୍ତିକୁ ଟାର୍ଗେଟ କରିଛନ୍ତି ।ଟ୍ରମ୍ପ୍ ସମ୍ପ୍ରତି କହିଛନ୍ତି ଯେ, ଆମେରିକା ବେଲାରୁସରୁ ପୋଟାସ୍ କିଣିବା ପାଇଁ ଏକ ପ୍ରମୁଖ ଚୁକ୍ତି ଉପରେ କାମ କରୁଛି। ଏହି ପୋଟାସ୍‌ର ମୂଲ୍ୟ ବର୍ତ୍ତମାନ କାନାଡାକୁ ଦିଆଯାଉଥିବା ମୂଲ୍ୟ ଅପେକ୍ଷା ବହୁତ କମ୍ ହେବ। ଉଲ୍ଲେଖନୀୟ ଯେ, ବେଲାରୁଷ ମସ୍କ ସହିତ ଘନିଷ୍ଠ ଭାବରେ ଜଡିତ। ବେଲାରୁଷ ରାଷ୍ଟ୍ରପତି ଆଲେକଜାଣ୍ଡାର ଲୁକାସେଙ୍କ ପୁଟିନଙ୍କ ୟୁକ୍ରେନ ଯୁଦ୍ଧକୁ ସମର୍ଥନ କରିଛନ୍ତି ।ଫିଗେନବାଉମ୍ ଯୁକ୍ତି ଦେଇଛନ୍ତି, ରୁଷ ସହିତ ଆର୍ଥିକ ସମ୍ପର୍କ ଥିବା ଦେଶଗୁଡ଼ିକ ପ୍ରତି ୱାସିଂଟନର ମନୋଭାବ ଏକ ଦୋମୁହାଁ ମାନଦଣ୍ଡ ପରି ମନେହୁଏ, ବିଶେଷକରି ଯେହେତୁ ଭାରତ ରୁଷ ଅଶୋଧିତ ତୈଳ କିଣିବା ପାଇଁ ଆମେରିକାର ଶୁଳ୍କ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇପାରେ ।ସୋସିଆଲ



ମିଡିଆ ପ୍ଲାଟଫର୍ମ ଏକ୍ସରେ ସେ ଲେଖିଛନ୍ତି,ଗୋଟିଏ ପଟେ ଆମେରିକା ରୁଷୀୟ ତୈଳ କିଣିବା ପାଇଁ ଭାରତ ଉପରେ ୧୦୦ ପ୍ରତିଶତ ଶୁଳ୍କ ଲାଗୁ କରିବାକୁ ଧମକ ଦେଇ ଏହାକୁ ବର୍ତ୍ତମାନ ଆଇନରେ ପରିଣତ କରିଛି। ଅପରପକ୍ଷରେ ଟ୍ରମ୍ପ ବେଲାରୁଷରୁ ପୋଟାସ୍ କିଣିବାକୁ କହୁଛନ୍ତି। କିନ୍ତୁ ବେଲାରୁଷ ଏକ ରୁଷୀୟ ପ୍ରକ୍ସି ଏବଂ ରୁଷ ଉପରେ ଅତ୍ୟଧିକ ନିର୍ଭରଶୀଳ ବୋଲି ଟ୍ରମ୍ପ ଜାଣିଛନ୍ତି। ଆମେରିକା ତେଲ ବ୍ୟତୀତ ରୁଷରୁ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ କିଣୁଛି ବୋଲି ସେ କହିଛନ୍ତି। ଅନ୍ୟମାନଙ୍କୁ ମନା କରି ଟ୍ରମ୍ପ ନିଜେ ବିପରୀତ କାର୍ଯ୍ୟ କରୁଥିବା ସେ ଅଭିଯୋଗ କରିଛନ୍ତି ।ଆମେରିକା ଚୀନ୍ ସହିତ କୋଟି କୋଟି ଡଲାରର ବାଣିଜ୍ୟ କରୁଛି, କିନ୍ତୁ ଅନ୍ୟମାନେ ସେଭଳି କଲେ ଆପତ୍ତି ଉଠାଯାଉଛି। ରାଷ୍ଟ୍ରପତି ସର୍ବସାଧାରଣରେ କହିଛନ୍ତି ଯେ ସେ ଆମେରିକାରେ ଚୀନ୍ କାର ନିର୍ମାଣ କରିବାକୁ ବିଚାର କରୁଛନ୍ତି, ଯେତେବେଳେ ଅନ୍ୟ ଦେଶମାନେ ମଧ୍ୟ ସେହିପରି କରିବାକୁ ଯାଉଛନ୍ତି ସେନେଇ ଟ୍ରମ୍ପ ଆପତ୍ତି କରୁଛନ୍ତି। ଏହା ଦ୍ୱାରା ଆମେରିକା ବାଣିଜ୍ୟ ଚୁକ୍ତି ଦାବି କରି ପୂର୍ବ ନିର୍ଦ୍ଧାରିତ ଚୁକ୍ତିରୁ ଓହରିଯାଉଛି। ସେ କହିଛନ୍ତି ଯେ ଏଭଳି ଦୋମୁହାଁ ମାନଦଣ୍ଡ ଏବଂ କପଟତାର ସ୍ପଷ୍ଟ ପ୍ରତିଛବି ନିଶ୍ଚିତ ଭାବରେ ଆମେରିକାର ଭାବମୂର୍ତ୍ତିକୁ ପ୍ରଭାବିତ କରିବ ।ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚଳିତ ମାସରେ ରୁଷ ଏବଂ ଇରାନ ଉପରେ ପ୍ରତିବନ୍ଧକ ଆଇନରେ ସ୍ୱାକ୍ଷର କରିଛନ୍ତି। ଏହି ଆଇନ ଆମେରିକା ରାଷ୍ଟ୍ରପତିଙ୍କୁ ରୁଷରୁ ତେଲ ଏବଂ ଗ୍ୟାସ୍ କିଣୁଥିବା ଦେଶଗୁଡ଼ିକ ଉପରେ ୧୦୦% ଶୁଳ୍କ ଲାଗୁ କରିବାକୁ ଅଧିକାର ଦେଇଛି। ଭାରତ ଏବଂ ଚୀନ୍ ହେଉଛନ୍ତି ରୁଷ ଶକ୍ତିର ପ୍ରମୁଖ କ୍ରେତା। ସେମାନଙ୍କ ଉପରେ ଏହି ଦଣ୍ଡାତ୍ମକ ଶୁଳ୍କ ଲାଗୁ କରାଯିବ।



## ଭାରତ ସାମସଙ୍ଗ ପାଇଁ ବିଶ୍ୱସ୍ତରୀୟ ନବସୃଜନର କେନ୍ଦ୍ର

**ଭୁବନେଶ୍ୱର, ୨୨।୯ (ନି.ପ୍ର):** ଭାରତ କେବଳ ବିଶ୍ୱସ୍ତରୀୟ ପ୍ରଯୁକ୍ତିର ପରିଚୟ ହେଉଥିବା ଏକ ବଜାରରୁ ଆଗକୁ ବଢ଼ି ଏବେ ସାରା ବିଶ୍ୱ ପାଇଁ ପ୍ରଯୁକ୍ତିର କଳ୍ପନା, ଇନିୟରିଂ ଏବଂ ବିକାଶରେ ଯୋଗଦାନ କରୁଥିବା ଦେଶରେ ପରିଣତ ହୋଇଛି । ଭାରତରେ ସାମସଙ୍ଗର ୩୦ ବର୍ଷ ପୂର୍ତ୍ତି ଅବସରରେ ସାମସଙ୍ଗ ଦକ୍ଷିଣ-ପଶ୍ଚିମ ଏସିଆର ସଭାପତି ଏବଂ ସିଇଓ ଜେ.ବି. ପାର୍କ ମତବ୍ୟକ୍ତ କରିଛନ୍ତି । ଭାରତ ବିଷୟରେ ମୋତେ ସବୁଠାରୁ ଅଧିକ ପ୍ରେରଣା ଦେଉଥିବା କଥା ହେଉଛି, ଭାରତ ସବୁବେଳେ ଆଶାଠାରୁ ଅଧିକ ଭଲ ପ୍ରଦର୍ଶନ କରିଥାଏ । ଆଜି ଆମେ ଭାରତକୁ କେବଳ ୧.୪ ବିଲିୟନ ଲୋକଙ୍କ ବଜାର ଭାବେ ଦେଖୁନାହୁଁ। ଆମେ ଭାରତକୁ ଏପରି ଏକ ସ୍ଥାନ ଭାବେ ଦେଖୁଛୁ, ଯେଉଁଠାରେ ପ୍ରଯୁକ୍ତିର ଭବିଷ୍ୟତକୁ କଳ୍ପନା କରାଯାଉଛି, ବିକଶିତ କରାଯାଉଛି ଏବଂ ତାହାର ନେତୃତ୍ୱ ନିଆଯାଉଛି।' ସାମସଙ୍ଗ ୧୯୯୫ରେ ଭାରତରେ ପ୍ରବେଶ କରିଥିଲା । ଗତ ତିନି ଦଶନ୍ଧି ମଧ୍ୟରେ ଭାରତ ବିଶ୍ୱର ସବୁଠାରୁ ଦ୍ରୁତ ବିକାଶଶୀଳ ଡିଜିଟାଲ ଏବଂ ନବସୃଜନ ଭିତିକ ଅର୍ଥନୀତିଗୁଡ଼ିକ ମଧ୍ୟରୁ ଗୋଟିଏରେ ପରିଣତ ହୋଇଛି । ଏହି ସମୟ ମଧ୍ୟରେ ସାମସଙ୍ଗ ଭାରତରେ ନିଜର ଉତ୍ପାଦନ କ୍ଷମତାର ବିସ୍ତାର କରିଛି, ଗବେଷଣା ଓ ଡିଜାଇନ କ୍ଷମତାକୁ ସୁଦୃଢ଼ କରିଛି ଏବଂ ଦେଶରେ ଏକ ନବସୃଜନ ଇକୋସିଷ୍ଟମ ଗଠନ ପାଇଁ ନିବେଶ କରିଛି । 'ଭାରତରେ ସାମସଙ୍ଗର କାହାଣୀ କେବେବି କେବଳ ଉତ୍ପାଦ ବିକ୍ରି କରିବା ବିଷୟରେ ନୁହେଁ। ଏହା ଏକାଠି ବଢ଼ିବା ବିଷୟରେ। କିନ୍ତୁ ତାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆମେ ଭାରତକୁ ପ୍ରଯୁକ୍ତି ଆଣିବାରୁ ଭାରତ ସହିତ ମିଶି ପ୍ରଯୁକ୍ତି ସୃଷ୍ଟି କରିବା ପର୍ଯ୍ୟନ୍ତର ଯାତ୍ରା କରିଛୁ ବୋଲି ପାର୍କ କହିଛନ୍ତି ।' ଭାରତର ବିଶାଳତା, ବିବିଧତା ଏବଂ ଦ୍ରୁତ ଭାବେ ବିକଶିତ ହେଉଥିବା ପ୍ରଯୁକ୍ତି ପରିଦୃଶ୍ୟ ସାମସଙ୍ଗ ନବସୃଜନ ପ୍ରତି ଆଭିମୁଖ୍ୟକୁ କ୍ରମଶଃ ଅଧିକ ପ୍ରଭାବିତ କରୁଛି। ବେଙ୍ଗାଲୁରୁ ଏବଂ ନୋଏଡାରେ ଥିବା ସାମସଙ୍ଗର ଗବେଷଣା ଓ ବିକାଶ ଇନିୟରମାନେ ବିଶ୍ୱବ୍ୟାପୀ ସାମସଙ୍ଗ ଗବେଷଣା ଓ ବିକାଶ ନେଟୱର୍କର ସହକର୍ମୀମାନଙ୍କ ସହିତ ମିଶି କାମ କରୁଛନ୍ତି। ସେମାନେ ଭାରତ ସମେତ ସାରା ବିଶ୍ୱ ପାଇଁ ପ୍ରଯୁକ୍ତି ଏବଂ ନୂଆ ଅନୁଭୂତି ବିକଶିତ କରିବାରେ ଯୋଗଦାନ କରୁଛନ୍ତି।

## ୭ମ ଏଚ୍ଏଆଇ (ହାଇ) ହୋଟେଲିୟର୍ସ କନକ୍ଲେଭ ୨୦୪୭ ରୋଡ୍ ମ୍ୟାପ ପ୍ରସ୍ତୁତ କଲା

**ଭୁବନେଶ୍ୱର, ୨୨।୯ (ନି.ପ୍ର) :** ହୋଟେଲ ଆସୋସିଏସନ ଅଫ ଇଣ୍ଡିଆ (ଏଚ୍ଏଆଇ) ଆଜି ନୂଆଦିଲ୍ଲୀସ୍ଥିତ ତାଜ ପାଲେସରେ ୭ମ ଏଚ୍ଏଆଇ ହୋଟେଲିୟର୍ସ କନକ୍ଲେଭର ଆୟୋଜନ କରିଛି। ଏହି କାର୍ଯ୍ୟକ୍ରମରେ ନୀତି ନିର୍ଦ୍ଧାରକ, ପର୍ଯ୍ୟଟନ କର୍ତ୍ତୃପକ୍ଷ, ଆତିଥେୟତା କ୍ଷେତ୍ରର ନେତୃବୃନ୍ଦ ଏବଂ ଶିଳ୍ପ ସହଯୋଗୀମାନେ ଏକତ୍ରିତ ହୋଇ ଭାରତର ଭିଜନ ୨୦୪୭ରେ ପର୍ଯ୍ୟଟନ ଓ ଆତିଥେୟତା କ୍ଷେତ୍ର କିପରି ଅଧିକ ଯୋଗଦାନ ଦେଇପାରିବ, ସେ ନେଇ ଆଲୋଚ଼ନା କରିଥିଲେ। କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍ ଏହି କନକ୍ଲେଭକୁ ଉଦ୍‌ଘାଟନ କରିଥିଲେ।

'ଆତିଥେୟତାର ପୁନର୍ଗଠନ' ବିଷୟବସ୍ତୁ ଆଧାରରେ ଆୟୋଜିତ ଏହି କନକ୍ଲେଭରେ ଆତିଥେୟତା କ୍ଷେତ୍ରକୁ ସ୍ଥାୟୀ ଭାବେ ସଂପ୍ରସାରିତ କରିବା ଏବଂ ଭାରତ ଭିଜନ ୨୦୪୭ରେ ଏକ ବୃହତ୍ ଭୂମିକା ଗ୍ରହଣ କରିବା ପାଇଁ ଆବଶ୍ୟକ ହେଉଥିବା ଗଠନମୂଳକ ପରିବର୍ତନ ଉପରେ ସମୀକ୍ଷା କରାଯାଇଥିଲା। ଏହା




ସହିତ ନିବେଶ, ଭିତିଭୂମି, ନିଯୁକ୍ତି, ଆଂଚଳିକ ବିକାଶ ଏବଂ ନୀତିଗତ ସୁଧାର ଭଳି ବିଷୟ ଉପରେ ମଧ୍ୟ ବିସ୍ତୃତ ଆଲୋଚ଼ନା ହୋଇଥିଲା।

ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀରେ ଆୟୋଜିତ ଏହି ୭ମ ହୋଟେଲିୟର୍ସ କନକ୍ଲେଭ ପାଇଁ ହୋଟେଲ ଆସୋସିଏନ ଅଫ ଇଣ୍ଡିଆକୁ ଶୁଭେଚ୍ଛାବାର୍ତା ପଠାଇଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, ଏହି ଶିଳ୍ପ ଭାରତର 'ଅତିଥି ଦେବୋ ଭବ' ପରମ୍ପରାକୁ ଆଗେଇ ନେଉଛି। ଉନ୍ନତ ସଂଯୋଗୀକରଣ ଓ ଭିତିଭୂମି ମାଧ୍ୟମରେ ନୂତନ ଗନ୍ତବ୍ୟସ୍ଥଳ ଗୁଡ଼ିକ ଉନ୍ମୋଚ଼ିତ ହେଉଛି ଏବଂ ଧାର୍ମିକ ଓ ଆଧ୍ୟାତ୍ମିକ ପରିପ୍ରଦକ୍ଷିଣ (ସର୍କିଟ), ସାହସିକ, ୱେଲନେଓ ଏବଂ ବିବାହ ପର୍ଯ୍ୟଟନ ବ୍ୟବସାୟ, ନିଯୁକ୍ତି ଓ ଆର୍ଥିକ ପ୍ରଗତି ପାଇଁ ନୂତନ ସୁଯୋଗ ସୃଷ୍ଟି କରୁଛି ବୋଲି ପ୍ରଧାନମନ୍ତ୍ରୀ ନିଜ ବାର୍ତାରେ ଦର୍ଶାଇଛନ୍ତି। ଭାରତ ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ମାନ୍ୟବର କେନ୍ଦ୍ରମନ୍ତ୍ରୀ ଶ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ କହିଛନ୍ତି, 'ଭାରତୀୟ ଆତିଥେୟତା ଶିଳ୍ପ ଏକ ନୂତନ ପର୍ଯ୍ୟାୟରେ ପ୍ରବେଶ କରୁଛି, ଯାହାକି କେବଳ ରହିବା ପାଇଁ ଘର ଓ ରୁମ୍ ମଧ୍ୟରେ ସୀମିତ ନ ରହି ଅନୁଭୂତି-ଭିତିକ ପର୍ଯ୍ୟଟନ ଆଡ଼କୁ ଅଗ୍ରସର ହେଉଛି। ୨୦୨୪ ମସିହାରେ ୪୦୦ କୋଟିରୁ ଅଧିକ ଘରୋଇ ପର୍ଯ୍ୟଟକଙ୍କ ପରିଦର୍ଶନ ଏବଂ ଭ୍ରମଣ ତଥା ନୂତନ ଅନୁଭୂତିକୁ ପ୍ରାଥମିକତା ଦେଉଥିବା ବୃଦ୍ଧିପ୍ରାପ୍ତ ମଧ୍ୟବିତ ବର୍ଗଙ୍କ ସହ, ଭାରତ ପାଖରେ ପର୍ଯ୍ୟଟନ - ଚାଳିତ ବିକାଶକୁ ଆଗେଇ ନେବାର ଅପାର ସମ୍ଭାବନା ରହିଛି। ଆମର ସାଂସ୍କୃତିକ ଐତିହ୍ୟ, ପ୍ରଯୁକ୍ତିବିଦ୍ୟା ଏବଂ ପ୍ରସାରିତ ଭିତିଭୂମି ମିଳିତ ଭାବେ ପର୍ଯ୍ୟଟନର ପରବର୍ତି ପର୍ଯ୍ୟାୟକୁ ରୂପରେଖ ଦେଇପାରିବ, କିନ୍ତୁ ଏହି ସୁଯୋଗକୁ ସାକାର କରିବା ପାଇଁ ବ୍ୟାପକତା, ଦ୍ରୁତତା, ଆତ୍ମବିଶ୍ୱାସ ଏବଂ ରୂପାନ୍ତରଣର ଆବଶ୍ୟକତା ରହିଛି।'

## ସେମିକନ୍ ଇଣ୍ଡିଆ ୨୦୨୬ ଉଦ୍‌ଯାପିତ; ବିଶ୍ୱ ଚିପ୍ ଶିଳ୍ପରେ ଭାରତର ଭୂମିକା ଆହୁରି ସୁଦୃଢ଼ କରିବ

**ଭୁବନେଶ୍ୱର,୨୨।୯ (ନି.ପ୍ର) :** ବିଶ୍ୱ ସେମିକଣ୍ଡକ୍ଟର ପରିସଂସ୍ଥାନରେ ଭାରତର ବଢ଼ୁଥିବା ଭୂମିକାକୁ ପ୍ରଦର୍ଶିତ କରି ତିନିଦିନିଆ 'ସେମିକନ୍ ଇଣ୍ଡିଆ ୨୦୨୬' ଉତ୍ସାହଜନକ ପରିବେଶରେ ଉଦ୍‌ଯାପିତ ହୋଇଛି। ଯଶୋଭୂମିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୫୧,୬୫୬ ଜଣ ପୀକରଣ କରିଥିବା ବେଳେ ପ୍ରାୟ ୪୦,୦୦୦ ଜଣ ଦର୍ଶକ ଯୋଗଦେଇଥିଲେ। ଏହି ସମ୍ମିଳନୀରେ ୬୦୦ରୁ ଅଧିକ ପ୍ରଦର୍ଶକ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରେ ପ୍ରାୟ ୩୦୦ଟି ଅନ୍ତର୍ଜାତୀୟ କମ୍ପାନୀ ସାମିଲ ହୋଇଥିଲେ। ମୋଟ ୫୨ଟି ଦେଶର ପ୍ରତିନିଧିଙ୍କ ଅଂଶଗ୍ରହଣ ଏହାକୁ ବିଶ୍ୱସ୍ତରୀୟ ମଂଚରେ ପରିଣତ କରିଥିଲା। ସେମିକଣ୍ଡକ୍ଟର କ୍ଷେତ୍ରରେ ସହଯୋଗ ଓ ନିବେଶକୁ ଆହୁରି ବ୍ୟାପକ କରିବା ଲକ୍ଷ୍ୟରେ ୫୬ଟି ବୁଝାମଣାପତ୍ର ଓ ବିଭିନ୍ନ ଘୋଷଣା କରାଯାଇଥିଲା। ଏହାସହ ୫,୦୦୦ରୁ ଅଧିକ ବ୍ୟବସାୟିକ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାୟ ୭ ବିଲିୟନ୍ ଡଲାରର ନିବେଶ ପ୍ରତିଶ୍ରୁତି ସହ ବିଭିନ୍ନ ଉତ୍ପାଦ ଉନ୍ମୋଚନ ଓ ରଣନୈତିକ ପଦକ୍ଷେପ ଘୋଷଣା କରାଯାଇଛି। ସେମିକନ୍ ଇଣ୍ଡିଆ ୨୦୨୬ର ଉଦ୍‌ଯାପନୀ ଅବସରରେ ସେମି ଇଣ୍ଡିଆ ଓ ଆଇଇଏସ୍ଏର ସଭାପତି ଅଶୋକ ଚାନ୍ଦକ କହିଛନ୍ତି, ଭବିଷ୍ୟତକୁ ରୂପାନ୍ତର କରିବା ଦିଗରେ ଭାରତର ସେମିକଣ୍ଡକ୍ଟର ଯାତ୍ରା ପାଇଁ ସେମିକନ୍ ଇଣ୍ଡିଆ ୨୦୨୬ ଏକ ନିର୍ଣ୍ଣାୟକ ମୁହୂର୍ତ। ଏହି ତିନିଦିନରେ ଦେଖିବାକୁ ମିଳିଥିବା ବ୍ୟାପକ ଅଂଶଗ୍ରହଣ, ବିଶ୍ୱସ୍ତରୀୟ ଉପସ୍ଥିତି, ବାଣିଜ୍ୟିକ ଘୋଷଣା, ପ୍ରଯୁକ୍ତିଗତ ସହଭାଗିତା ଓ ଅଭୂତପୂର୍ବ ଉତ୍ସାହ ପ୍ରମାଣ କରୁଛି ଯେ ଭାରତ ଆଉ ସେମିକଣ୍ଡକ୍ଟର ଶିଳ୍ପର ଦ୍ୱାରଦେଶରେ ଠିଆ ହୋଇନାହିଁ; ବରଂ ଏହି ଶିଳ୍ପରେ ନିଜର ସ୍ଥାନ ଗଢ଼ିତୋଳୁଛି।

## ନିର୍ବାଚନ ଅଧିକାରୀ ହକି ଆସୋସିଏସନ୍ ଅଫ୍ ଓଡ଼ିଶାର ନିର୍ବାଚନ ସ୍ଥଗିତ ରଖିଲେ

**ଭୁବନେଶ୍ୱର, ୨୨।୯ (ନି.ପ୍ର) :** ହକି ଆସୋସିଏସନ୍ ଅଫ୍ ଓଡ଼ିଶା (ଏଚଏଓ)ର ନିର୍ବାଚନ ତଦାରଖ କରିବା ପାଇଁ ନିଯୁକ୍ତ ନିର୍ବାଚନ ଅଧିକାରୀ ନିର୍ବାଚନ ପ୍ରକ୍ରିୟାକୁ ସ୍ଥଗିତ ରଖିଛନ୍ତି । ଅନେକ ଜିଲ୍ଲା ୟୁନିଟ୍‌ର ଗଠନ ଓ ପ୍ରଶାସନିକ ପରିଚାଳନା ସମ୍ପର୍କିତ ଗୁରୁତର ପ୍ରଶ୍ନ ଉପରେ ସେ ହକି ଇଣ୍ଡିଆର ମାର୍ଗଦର୍ଶନ ଲୋଡ଼ିଛନ୍ତି । ହକି ଇଣ୍ଡିଆର ସଭାପତି ଓ ସାଧାରଣ ସମ୍ପାଦକଙ୍କ ନିକଟରେ ଦାଖଲ କରାଯାଇଥିବା ଏକ ରିପୋର୍ଟରେ, ନିର୍ବାଚନ ଅଧିକାରୀ ଅନୀ କୁମାର ମିଶ୍ର, ଆଇଏଏସ (ଅବସରପ୍ରାପ୍ତ), ପ୍ରଶ୍ନ ଉଠାଇଛନ୍ତି ଯେ ଅନେକ ସ୍ଥାୟୀ ଅନୁବନ୍ଧିତ ଜିଲ୍ଲା ୟୁନିଟ୍‌ର ପରିଚାଳନା କମିଟିଗୁଡ଼ିକ ଯଥାବିଧି, ନିରପେକ୍ଷ ଓ ଗଣତାନ୍ତ୍ରିକ ନିର୍ବାଚନ ମାଧ୍ୟମରେ ଗଠିତ ହୋଇଛି କି ନାହିଁ। ରିପୋର୍ଟରେ ଦର୍ଶାଯାଇଛି ଯେ ଅନେକ ଜିଲ୍ଲାରେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀଙ୍କୁ ସଭାପତି ଏବଂ/କିମ୍ବା ସମ୍ପାଦକ ଭାବେ ଦର୍ଶାଯାଇଛି । କେତେକ କ୍ଷେତ୍ରରେ ସେମାନଙ୍କୁ 'ପଦାନୁସାରେ' ପଦାଧିକାରୀ ଭାବେ ଦର୍ଶାଯାଇଛି । ଅନେକ ମାମଲାରେ ନିର୍ବାଚନ କାର୍ଯ୍ୟବିବରଣୀ ଓ ସହାୟକ ଦସ୍ତାବିଜ ଦାଖଲ କରାଯାଇନଥିବା କଥା ମଧ୍ୟ ରିପୋର୍ଟରେ ଉଲ୍ଲେଖ ରହିଛି । ଏହାସହ ନିର୍ବାଚନ ଅଧିକାରୀ କହିଛନ୍ତି ଯେ 'ବର୍ତମାନ ପ୍ରାପ୍ତ ଦସ୍ତାବିଜଗୁଡ଼ିକ ଏହା ପ୍ରମାଣିତ କରୁନାହିଁ' ଯେ ଅନେକ ଜିଲ୍ଲା ୟୁନିଟ୍‌ର ପରିଚାଳନା କମିଟିଗୁଡ଼ିକ ପ୍ରଯୁଜ୍ୟ ନିୟମାବଳୀ ଅନୁଯାୟୀ ଯଥାବିଧି ଅନୁଷ୍ଠିତ ନିର୍ବାଚନ ମାଧ୍ୟମରେ ଗଠିତ ହୋଇଛି । ଏହା ପରେ ରିପୋର୍ଟରେ ନିର୍ବାଚନ ମଣ୍ଡଳୀ ସମ୍ପର୍କରେ ଏକ ସିଧାସଳଖ ପ୍ରଶ୍ନ ଉଠାଯାଇଛି । ଏଥିରେ ପଚରାଯାଇଛି ଯେ ଏପରି ପଦାଧିକାରୀମାନଙ୍କ ଦ୍ୱାରା ମନୋନୀତ କିମ୍ବା ଅଧିକୃତ ପ୍ରତିନିଧିମାନଙ୍କୁ ସେମାନଙ୍କ ନିଯୁକ୍ତିର ଆଇନଗତ ଓ ପ୍ରଶାସନିକ ଆଧାର ପ୍ରଥମେ ସ୍ଥାପିତ ନକରି ଚୂଡ଼ା' ନିର୍ବାଚନୀ ତାଲିକାରେ ସାମିଲ କରାଯାଇପାରିବ କି ନାହିଁ । ନିର୍ବାଚନ ଅଧିକାରୀ ବିଶେଷ ଭାବେ ହକି ଇଣ୍ଡିଆର ମାର୍ଗଦର୍ଶନ ଲୋଡ଼ିଛନ୍ତି ଯେ ପଦାନୁସାରେ ନିଯୁକ୍ତ ସଭାପତି କିମ୍ବା ସମ୍ପାଦକଙ୍କ ଦ୍ୱାରା ଅଧିକୃତ ପ୍ରତିନିଧିମାନେ ଚୂଡ଼ାନ୍ତ ନିର୍ବାଚନୀ ତାଲିକାର ଅଂଶ ହୋଇପାରିବେ କି ନାହିଁ; ସରକାରୀ ପ୍ରଶାସନିକ ଅଧିକାରୀମାନଙ୍କୁ ପଦାନୁସାରେ ପଦାଧିକାରୀ ଭାବେ ନିଯୁକ୍ତ କରିବା ଏଚଏଓର ଉପନିୟମ ଓ ହକି ଇଣ୍ଡିଆର ଆବଶ୍ୟକତା ସହ ସମନ୍ୱୟପୂର୍ଣ୍ଣ କି ନାହିଁ; ଏବଂ ଏହି ପ୍ରସଙ୍ଗଗୁଡ଼ିକର ସମାଧାନ ନହେବା ପର୍ଯ୍ୟନ୍ତ ନିର୍ବାଚନ ଆଗକୁ ବଢ଼ିପାରିବ କି ନାହିଁ।

ରିପୋର୍ଟର ଶେଷ ଭାଗରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅବଲୋକନ ରହିଛି। ସେଠାରେ ନିର୍ବାଚନ ଅଧିକାରୀ କହିଛନ୍ତି ଯେ ମାର୍ଗଦର୍ଶନ ଓ ପରବର୍ତୀ ଯାଂଚ ହେବା ପର୍ଯ୍ୟନ୍ତ '୦୩ ଅକ୍ଟୋବର ୨୦୨୬ରେ ହକି ଆସୋସିଏସନ୍ ଅଫ୍ ଓଡ଼ିଶାର ନିର୍ବାଚନ କରିବା ସମ୍ଭବ ହେବ ନାହିଁ।' ହକି ଓଡ଼ିଶାର ସାଧାରଣ ସମ୍ପାଦକ ପ୍ରତାପ ଶତପଥୀ କହିଛନ୍ତି, 'ଆମେ ଦୀର୍ଘ ସମୟ ଧରି ଯାହା କହିଆସୁଛୁ, ଏହା ତାହାକୁ ସତ୍ୟ ପ୍ରମାଣିତ କରୁଛି। ଜିଲ୍ଲା ୟୁନିଟ୍‌ଗୁଡ଼ିକ କେଉଁ ପ୍ରକାରରେ ଗଠିତ ହୋଇଛି ଏବଂ ନିର୍ବାଚନ ପ୍ରକ୍ରିୟା କିପରି ଚାଲିଛି, ସେ ନେଇ ଆମେ ବାରମ୍ବାର ପ୍ରଶ୍ନ ଉଠାଇଛୁ। ଆମକୁ କୁହାଯାଇଥିଲା ଯେ ଏହି ଚିଂାଗୁଡ଼ିକ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ କିମ୍ବା ଏହାର କୌଣସି ଆଧାର ନାହିଁ। ଆଜି, ନିର୍ବାଚନ ପରିଚାଳନା ପାଇଁ ନିଯୁକ୍ତ ନିର୍ବାଚନ ଅଧିକାରୀ ମଧ୍ୟ ଏହିପରି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଛନ୍ତି ଏବଂ ସ୍ପଷ୍ଟ ଭାବେ କହିଛନ୍ତି ଯେ ସ୍ୱଚ୍ଛତା ଓ ମାର୍ଗଦର୍ଶନ ବିନା ନିର୍ବାଚନ ଆଗକୁ ବଢ଼ିପାରିବ ନାହିଁ।

## ଗ୍ରୀକ୍ ଚେସ୍ ତାରକା ଷ୍ଟାଭ୍ରୁଲା ସୋଲାକିଡୋ ଙ୍କୁ 'ସିଲଭର ନାଇଟ୍' ଟ୍ରଫି

**ଭୁବନେଶ୍ୱର, ୨୨।୯ (ନି.ପ୍ର) :** ଷ୍ଟାଭ୍ରୁଲା ସୋଲାକିଡୋ, ଜଣେ ଗ୍ରୀକ୍ ଚେସ୍ ଚାମ୍ପିଅନ୍ ଯିଏକି ଇଂଟରନ୍ୟାସନାଲ ମାଷ୍ଟର ଏବଂ ଓମେନ୍ ଗ୍ରାଣ୍ଡମାଷ୍ଟର ଭାବରେ ଏଫଆଇଡିଇ ଉପାଧି ହାସଲ କରିଛନ୍ତି । ସେ ଗ୍ଲୋବାଲ ଚେସ୍ ଲିଗ୍ ୨୦୨୬ର ଚତୁର୍ଥ ସଂସ୍କରଣରେ 'ପ୍ଲେୟାର ଅଫ୍ ଦ ଟୁର୍ଣ୍ଣାମେଂଟ' ଭାବେ ନାମିତ ହେବା ପରେ 'ଜାୱା ଅଲ ଷ୍ଟାର୍ସ ୪୨ ବବର - ସିଲଭର ନାଇଟ୍' ଜିତିଛନ୍ତି । ଗଙ୍ଗେସ୍ ଗ୍ରାଣ୍ଡମାଷ୍ଟର୍ସର ପ୍ରତିନିଧିତ୍ୱକରି, ଷ୍ଟାଭ୍ରୁଲା ତାଙ୍କ ଦଳକୁ ପ୍ରଥମ ଗ୍ଲୋବାଲ ଚେସ୍ ଲିଗ୍ ଟାଇଟଲ୍ ଜିତାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ଏବଂ ପ୍ରତିଯୋଗିତାର ଅନ୍ୟତମ ଶ୍ରେଷ୍ଠ ପ୍ରଦର୍ଶନକାରୀ ଭାବେ ଉଭା ହୋଇଥିଲେ। ନିଜର ପ୍ରଦର୍ଶନ ପାଇଁ 'ଗ୍ରୀକ୍ ଦେବୀ' ଭାବେ ନାମିତ ହୋଇଥିବା, ଷ୍ଟାଭ୍ରୁଲା ଏକ ଚମତ୍କାର ପ୍ରତ୍ୟାବର୍ତନ କାହାଣୀ ମାଧ୍ୟମରେ ଏହି ସମ୍ମାନ ଏବଂ ମୋଟରସାଇକେଲ୍ ଅର୍ଜନ କରିଥିଲେ।




କ୍ଲାସିକ୍ ଲେଜେଣ୍ଡ୍‌ସର ସହ-ପ୍ରତିଷ୍ଠାତା, ଅନୁପମ ଥରେଜା କହିଛନ୍ତି, 'ଷ୍ଟାଭ୍ରୁଲାଙ୍କ ଯାତ୍ରା ଅନ୍ୟମାନଙ୍କଠାରୁ ଭିନ୍ନ ଥିଲା, କାରଣ ଏହା କେବଳ ଜିତିବାଠାରୁ ବହୁତ ବଡ଼ ଥିଲା। ସେ ପ୍ରାରମ୍ଭିକ ପର୍ଯ୍ୟାୟରେ ବାଧାର ସମ୍ମୁଖୀନ ହୋଇଥିଲେ, କିନ୍ତୁ ଆଗକୁ ବଢ଼ିବା ପାଇଁ ସାହସ ଜୁଟାଇଥିଲେ ସିଲଭର ନାଇଟ୍ ବବର୍ ହେଉଛି ସେହି ମନୋଭାବକୁ ପାଳନ କରିବାର ଏବଂ ଏହାକୁ ପ୍ରକୃତରେ ପ୍ରତିଫଳିତ କରୁଥିବା ଜଣେ ଖେଳାଳିଙ୍କୁ ସମ୍ମାନିତ କରିବାର ଆମର ଏକ ପ୍ରୟାସ।' ଜାୱା ଅଲ୍ ଷ୍ଟାର୍ସ ୪୨ ବବର୍ - ସିଲଭର ନାଇଟ୍‌କୁ ବେଙ୍ଗାଲୁରୁରେ ଗ୍ଲୋବାଲ ଚେସ୍ ଲିଗ୍‌ର ଚତୁର୍ଥ ସଂସ୍କରଣର ଉଦଘାଟନୀ ଅବସରରେ ମହିନ୍ଦ୍ରା ଗ୍ରୁପ୍‌ର ଅଧ୍ୟକ୍ଷ ଆନନ୍ଦ ମହିନ୍ଦ୍ରା ଉନ୍ମୋଚନ କରିଥିଲେ। ଯେଉଁ ବ୍ୟକ୍ତିମାନେ ନିଜ ଉପରେ ଭରସା ରଖିବା ସହ ନିଜ ଚାରିପାଖର ଲୋକଙ୍କ ପ୍ରତି ସଚ୍ଚୋଟ ରୁହନ୍ତି, ସେମାନଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଏହି ମୋଟରସାଇକେଲଟିକୁ ତିଆରି କରାଯାଇଛି। ଏହାର ପ୍ରଥମ ବିଜେତା ଭାବେ ଷ୍ଟାଭ୍ରୁଲାଙ୍କୁ ବଛାଯାଇଛି, ଯାହାଙ୍କର ଟୁର୍ଣ୍ଣାମେଂଟ ଯାତ୍ରା 'ଅଲ୍ ଷ୍ଟାର୍ସ' ଅଧ୍ୟାୟର ଭାବନାକୁ ପ୍ରତିଫଳିତ କରିଛି। ଜାୱା ଅଲ୍ ଷ୍ଟାର୍ସ ୪୨ ବବର୍ - ସିଲଭର ନାଇଟ୍‌ର ପ୍ରଥମ ବିଜେତା ଭାବରେ, ଷ୍ଟାଭ୍ରୁଲା ଜଣେ ଅଲ୍ ଷ୍ଟାର୍ ହେବାର ଅର୍ଥକୁ ପ୍ରତିପାଦିତ କରନ୍ତି ।

## କ୍ଷୟ ଯୋଗୁଁ ଭାରତର ଭିତିଭୂମି କ୍ଷେତ୍ରକୁ ବାର୍ଷିକ ୧.୪୨ ଲକ୍ଷ କୋଟି ଟଙ୍କାର କ୍ଷତି ସହିବାକୁ ପଡୁଛି : ସିଆଇଆଇ-ଏନଆରଆଇ ରିପୋର୍ଟ

**ଭୁବନେଶ୍ୱର, ୨୨।୯ (ନି.ପ୍ର) :** ଭାରତର ଭିତିଭୂମି କ୍ଷେତ୍ରରେ କଳଙ୍କି ଓ କ୍ଷୟ କାରଣରୁ ପ୍ରତିବର୍ଷ ପ୍ରାୟ ୧.୪୨ ଲକ୍ଷ କୋଟି ଟଙ୍କାର କ୍ଷତି ହେଉଛି, ଏହି କ୍ଷତି ଉକ୍ତ କ୍ଷେତ୍ରର ମୋଟ ଘରୋଇ ଉତ୍ପାଦର ପ୍ରାୟ ୨.୯% ସହିତ ସମାନ । କିନ୍ତୁ ଉପଯୁକ୍ତ ସୁରକ୍ଷା ତଥା କ୍ଷୟରୋଧୀ ପଦକ୍ଷେପ ଗ୍ରହଣ କରାଗଲେ ବାର୍ଷିକ ପ୍ରାୟ ୪୯,୫୮୦ କୋଟି ଟଙ୍କା ପର୍ଯ୍ୟନ୍ତ ସଂଚୟ କରାଯାଇପାରିବ ବୋଲି ନୂଆଦିଲ୍ଲୀରେ ଆୟୋଜିତ ସିଆଇଆଇ ବାର୍ଷିକ ଭିତିଭୂମି ସମ୍ମିଳନୀ ୨୦୨୬ରେ ଉପସ୍ଥାପିତ 'ସିଆଇଆଇ-ଏନଆରଆଇ ରିପୋର୍ଟ'ରୁ ଜଣାପଡ଼ିଛି । ଏପରି ଏକ ସମୟରେ ଏହି ତଥ୍ୟ ସାମ୍ନାକୁ ଆସିଛି, ଯେତେବେଳେ ଭାରତ ରାସ୍ତାଘାଟ, ପୋଲ, ରେଳପଥ, କୋଠାବାଡ଼ି, ବିମାନବନ୍ଦର, ବନ୍ଦର ଏବଂ ଅନ୍ୟାନ୍ୟ ଭିତିଭୂମି ନିର୍ମାଣରେ ବହୁତ ବଡ଼ ଧରଣର ପୁଞ୍ଜିନିବେଶ କରୁଛି । ଭାରତର ଜିଡିପିରେ ଭିତିଭୂମିର ଅବଦାନ ପ୍ରାୟ ୧୪.୫% ରହିଛି, ଯେଉଁଥିପାଇଁ ଏହି ବିନିଯୋଗର ମୂଲ୍ୟ ବଜାୟ ରଖିବାକୁ ଏହି ସମ୍ପତି ଗୁଡ଼ିକର ଦୀର୍ଘସ୍ଥାୟିତ୍ୱ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ପାଲଟିଛି । ନୋମୁରା ରିସର୍ଚ୍ଚ ଇନଷ୍ଟିଚ୍ୟୁଟ କନସଲ୍ଟିଂ ଆଣ୍ଡ ସଲ୍ୟୁସନ୍ସ ଇଣ୍ଡିଆର ସିନିୟର ପାର୍ଟନର ଅସୀମ ଶର୍ମା କହିଛନ୍ତି: 'ଭାରତ ଏବେ ଏତେ ବଡ଼ ସ୍ତରରେ ଭିତିଭୂମି ନିର୍ମାଣ କରୁଛି ଯେ ସମ୍ପତିର ସ୍ଥାୟିତ୍ୱ କେବଳ ଇନିୟରିଂ ସମ୍ପର୍କିତ ବିଷୟ ହୋଇ ରହିନାହିଁ, ବରଂ ଏକ ଆର୍ଥିକ ପ୍ରସଙ୍ଗ ପାଲଟିଛି । ନିର୍ମାଣ ଯୋଜନା ଏବଂ ସାମଗ୍ରୀ କ୍ରୟ ପର୍ଯ୍ୟାୟରୁ ହିଁ କ୍ଷୟକ୍ଷତି ରୋକିବା ଉପରେ ଧ୍ୟାନ ଦିଆଯିବା ଆବଶ୍ୟକ । ଏଥିସହ ପରିବେଶ, ଆବଶ୍ୟକୀୟ କାର୍ଯ୍ୟକାଳ ଏବଂ ସମଗ୍ର ଜୀବନକାଳର ଖର୍ଚ୍ଚକୁ ବିଚାରକୁ ନେଇ ସୁରକ୍ଷା ବ୍ୟବସ୍ଥା ଚୟନ କରାଯିବା ଉଚିତ।'ଲାର୍ସନ ଆଣ୍ଡ ଟୁବ୍ରୋର ସିଏମଡିଙ୍କ ପରାମର୍ଶଦାତା ତଥା ସଡ଼କ ପରିବହନ ଓ ରାଜପଥ ସମ୍ପର୍କିତ ସିଆଇଆଇ ଜାତୀୟ କମିଟିର ଅଧ୍ୟକ୍ଷ ଏମ.ଭି. ସତୀଶ କହିଛନ୍ତି: 'ଭାରତର ଭିତିଭୂମି ବିକାଶ ବେଳେ କେବଳ ପ୍ରାରମ୍ଭିକ କମ୍ ଖର୍ଚ୍ଚ ପଛରେ ନପଡ଼ି ସାମଗ୍ରିକ ଜୀବନକାଳର ମୂଲ୍ୟକୁ ପ୍ରାଥମିକତା ଦେବା, ପରିବେଶ ଅନୁଯାୟୀ ମାନଦଣ୍ଡ ଲାଗୁ କରିବା ଏବଂ ଉପଯୁକ୍ତ କଳଙ୍କି ନିରୋଧୀ ସୁରକ୍ଷା ଗ୍ରହଣ କରିବା ଅତ୍ୟ' ଜରୁରୀ । ଏହାଦ୍ୱାରା ସମ୍ପତିର ଭରସାଯୋଗ୍ୟତା ବୃଦ୍ଧି ପାଇବ, ଅନାବଶ୍ୟକ ମରାମତି ଖର୍ଚ୍ଚ କମିବ ଏବଂ ଭିତିଭୂମିରେ କରାଯାଇଥିବା ପୁଁଜିନିବେଶର ଆର୍ଥିକ ମୂଲ୍ୟ ସୁରକ୍ଷିତ ରହିବ।'ରିପୋର୍ଟ ଅନୁସାରେ, ସମଗ୍ର ଭାରତୀୟ ଅର୍ଥବ୍ୟବସ୍ଥାରେ କଳଙ୍କି ଯୋଗୁଁ ବାର୍ଷିକ ପ୍ରାୟ ୧୪.୧୫ ଲକ୍ଷ କୋଟି ଟଙ୍କା ବା ଜିଡିପିର ୪.୩% କ୍ଷତି ହେଉଛି ।

## ବିଶ୍ୱସ୍ତରୀୟ ଫେରୋ-ଆଲୟଜ୍ ହବ୍ ଭାବେ ଭାରତ ନିଜର ସ୍ଥିତିକୁ ମଜଭୁତ କରିପାରିବ: ଆଇଏଫ୍ଏପିଏ

**ଭୁବନେଶ୍ୱର, ୨୨।୯ (ନି.ପ୍ର) :** ଭାରତର ବର୍ଦ୍ଧିତ ଇସ୍ପାତ ଶିଳ୍ପ ଘରୋଇ ଫେରୋ-ଆଲୟଜ କ୍ଷେତ୍ର ପାଇଁ ନୂଆ ଅଭିବୃଦ୍ଧି ସମ୍ଭାବନା ଏବଂ ବିଶ୍ୱ ବଜାରରେ ନିଜର ସ୍ଥିତିକୁ ସୁଦୃଢ଼ କରିବାର ସୁଯୋଗ ସୃଷ୍ଟି କରିଛି ବୋଲି ଗୋଆରେ ଅନୁଷ୍ଠିତ ଷଷ୍ଠ ଅନ୍ତର୍ଜାତୀୟ ଫେରୋ ଆଲୟଜ ସମ୍ମିଳନୀ (ଆଇଏଫ୍ଏସି ୨୦୨୬)ରେ ଭାରତୀୟ ଫେରୋ ଆଲୟଜ ଉତ୍ପାଦକଙ୍କ ସଂଘ (ଆଇଏଫ୍ଏପିଏ) ପକ୍ଷରୁ କହାଯାଇଛି।

ଭାରତର ଅଶୋଧିତ ଇସ୍ପାତ ଉତ୍ପାଦନ ବାର୍ଷିକ ୧୦ ପ୍ରତିଶତ ହାରରେ ବୃଦ୍ଧି ପାଇ ୨୦୨୫ରେ ୧୬୫ ନିୟୁତ ଟନ୍‌ରେ ପହଂଚିଛି ଓ ଇସ୍ପାତ ଚାହିଦା ବାର୍ଷିକ ୭ ପ୍ରତିଶତ ହାରରେ ବୃଦ୍ଧି ପାଇବା ଆଶା କରାଯାଉଛି। ଏହି ଚାହିଦା ସହିତ ସ୍ୱତନ୍ତ୍ର ଧରଣର ଇସ୍ପାତ ଚାହିଦାରେ ହେଉଥିବା ବୃଦ୍ଧି ମାଙ୍ଗାନିଜ, କ୍ରୋମିୟମ, ସିଲିକନ ଓ ଅନ୍ୟାନ୍ୟ ଆଲୟ ଇନପୁଟ୍ ପାଇଁ ସୁଯୋଗ ବଢ଼ାଇଛି। ଭାରତ ୨୦୩୦-୩୧ ସୁଦ୍ଧା ୩୦୦ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ ଲକ୍ଷ୍ୟ ହାସଲ କରିବାକୁ ଚାହୁଁଛି ଯାହା ଏହି ସମସ୍ତ ଉପାଦାନର ଚାହିଦା ବଢ଼ାଇବ। ଭାରତର ମୁଣ୍ଡପିଛା ଇସ୍ପାତ ଉପଯୋଗିତା ଯାହା ୧୯୯୧ରେ ୨୪ କେଜି ଥିଲା ତାହା୨୦୨୫ରେ ୧୦୯ କେଜିକୁ ବୃଦ୍ଧି ପାଇଛି। ଉପଯୋଗିତା ୧୦୦ କେଜି ସ୍ତର ଅତିକ୍ରମ କରିଥିବାରୁ ପରବର୍ତୀ ପର୍ଯ୍ୟାୟ ଅଭିବୃଦ୍ଧି ଦ୍ୱାରା ଇସ୍ପାତର ଆବଶ୍ୟକତା ବଢ଼ିବ ଓ ପ୍ରତି ବଦଳରେ ଏହାର ଉତ୍ପାଦନ ପାଇଁ ଆବଶ୍ୟକ ଫେରୋ ଆଲୟଜର ଚାହିଦା ମଧ୍ୟ ବୃଦ୍ଧି ପାଇବ।




ଇଣ୍ଡିଆନ ଫେରୋ ଆଲୟଜ ପ୍ରଡ୍ୟୁସର୍ସ ଆସୋସିଏସନ (ଆଇଏଫ୍ଏପିଏ)ର ଅଧ୍ୟକ୍ଷ ଶ୍ରୀ ମନିଷ ଶାରଦା କହିଛନ୍ତି ଯେ, 'ବିଶ୍ୱସ୍ତରରେ ପ୍ରତିଯୋଗିତାପୂର୍ଣ୍ଣ ରହିବା ଓ ଆତ୍ମନିର୍ଭର ଭାରତ ଲକ୍ଷ୍ୟକୁ ସମର୍ଥନ କରିବା ପାଇଁ ଭାରତୀୟ ଫେରୋ ଆଲୟଜ ଉତ୍ପାଦନକାରୀମାନଙ୍କ ପାଇଁ କ୍ରିଟିକାଲ ମିନେରାଲ୍‌ରର ସ୍ୱଦେଶୀ ଉତ୍ସ ହାସଲ କରିବା ଜରୁରୀ। ଆମକୁ ଦ୍ରୁତ ଗତିରେ ଘରୋଇ ମାଙ୍ଗାନିଜ, କ୍ରୋମ ଓ ଅନ୍ୟାନ୍ୟ କ୍ରିଟିକାଲ୍ ଖଣିଜ ପଦାର୍ଥ ଅନ୍ୱେଷଣ ଓ ବିକାଶ କରିବାକୁ ହେବ। ବହୁ ମାଙ୍ଗାନିଜ ଖଣି ଉଚ୍ଚ ପ୍ରିମିୟମରେ ନିଲାମ କରାଯାଇଥିବା ବେଳେ ଅର୍ଥନୈତିକ ଦୃଷ୍ଟିକୋଣରୁ ସଫଳ ହେବାର ସମ୍ଭାବନା କମ୍ ଥିବାରୁ ଅଧିକାଂଶ କାର୍ଯ୍ୟକ୍ଷମ ହୋଇନାହିଁ। ତେଣୁ ନିଲାମ ଫ୍ରେମୱର୍କ କେବଳ ଉଚ୍ଚ ବିଡ୍ ନୁହେଁ, ପ୍ରକୃତ ବିକାଶ ଓ ଉତ୍ପାଦକୁ ଉତ୍ସାହିତ କରିବା ଉଚିତ। ଏକ ଉତ୍ପାଦନକ୍ଷମ ଖଣି ଶିଳ୍ପ ଓ ଅର୍ଥନୀତି ପାଇଁ ମୂଲ୍ୟ ସୃଷ୍ଟି କରିଥାଏ, ଅଣ କାର୍ଯ୍ୟକ୍ଷମ ଖଣି ନୁହେଁ। ଆମଦାନି ନିର୍ଭରଶୀଳତା କମ୍ କରିବା ଏବଂ ଏକ ଦୃଢ଼ ଓ ଆତ୍ମନିର୍ଭର ଫେରୋ ଆଲୟଜ ଶିଳ୍ପ ଗଠନ କରିବାକୁ ଆମଦାନି ନିର୍ଭରଶୀଳତା କମ୍ କରିବା ପାଇଁ ଘରୋଇ ସମ୍ବଳକୁ ବାଣିଜ୍ୟିକ ଭାବେ ସଫଳ ଉପାୟରେ ହାସଲ କରିବା ଜରୁରୀ ହୋଇପଡ଼ିଛି। ଆଇଏଫ୍ଏପିଏ ପକ୍ଷରୁ ଇନ୍‌ପୁଟ୍ ଖର୍ଚ୍ଚ ପ୍ରତିଯୋଗିତାରେ ଉନ୍ନତି ଆଣିବା, ମାଙ୍ଗାନିଜ ଓ ଆଲୟ ପ୍ରସ୍ତୁତି ପାଇଁ ଆବଶ୍ୟକ କଂଚାମାଲ ଉପରୁ ଆମଦାନି ଶୁଳ୍କ ଶୂନ କରିବା ଏବଂ ପ୍ରତିଯୋଗିତାପୂର୍ଣ୍ଣ ଦରରେ ଫରୋ ଆଲୟ ଉତ୍ପାଦନକାରୀମାନଙ୍କୁ ବିଜୁଳି ଯୋଗାଇଦେବା ଉପରେ ଆଲୋକପାତ କରାଯାଇଥିଲା।

ଫେରୋ ଆଲୟ ଲୁହା ସହିତ ମାଙ୍ଗାନିଜ, କ୍ରୋମିୟମ ଓ ସିଲିକନ ଉପାଦାନକୁ ମିଶାଇ ଇସ୍ପାତର ଦୃଢ଼ତା ଓ କଳଙ୍କି ନିରୋଧୀ କ୍ଷମତା ବଢ଼ାଇଥାଏ। ଭିତିଭୂମି, ଅଟୋମୋବାଇଲ୍, ରେଳବାଇ, ପ୍ରତିରକ୍ଷା ଓ ସ୍ୱତନ୍ତ୍ର ପ୍ରୟୋଗ ପାଇଁ ଆବଶ୍ୟକ ଇସ୍ପାତ ପାଇଁ ତାହା ଜରୁରୀ।

ବିଗମିଂଟ୍ ତଥ୍ୟ ଅନୁସାରେ ଭାରତରେ ସିଲିକନ ମାଙ୍ଗାନିଜ ଉତ୍ପାଦନ ୨୦୧୯-୨୦ର ୧.୯ ନିୟୁତ ଟନ୍‌ରୁ ବୃଦ୍ଧି ପାଇ ୨୦୨୫-୨୬ରେ ୩.୫ ନିୟୁତ ଟନ୍ ହୋଇଛି। ଫେରୋ-ମାଙ୍ଗାନିଜ ଉତ୍ପାଦନ ଏହି ସମୟରେ ୦.୯ ନିୟୁତ ଟନ୍‌ରୁ ବୃଦ୍ଧି ପାଇ ୧.୭ ନିୟୁତ ଟନ୍ ହୋଇଛି। ୨୦୨୫ରେ ଭାରତ ମାଙ୍ଗାନିଜ ଆଲୟର ପ୍ରମୁଖ ଉତ୍ପାଦନକାରୀ ଥିଲା। ୨୦୨୬ର ପ୍ରଥମ ଭାଗରେ ଭାରତର ମାଙ୍ଗାନିଜ ପଥର ଆମଦାନି ବାର୍ଷିକ ଭିତିରେ ୨୭ ପ୍ରତିଶତ ବୃଦ୍ଧି ପାଇଛି। ସେହି ସମୟରେ କ୍ରୋମ ପଥର ଉତ୍ପାଦନ ୧୨ ପ୍ରତିଶତ ବଢ଼ି ୨୦୨୫-୨୬ରେ ୩.୫୩ ନିୟୁତ ଟନ୍ ହୋଇଛି। ଫେରୋ କ୍ରୋମ ଉତ୍ପାଦନ ୧୦ ପ୍ରତିଶତ ବଢ଼ି ୧.୪୯ ପ୍ରତିଶତ ହୋଇଛି।

## ମାତ୍ରାଧିକ ପାଗ ପରିବେଶ ପୂର୍ବତଟରେ ପରିବ୍ୟାପ୍ତ ରହୁଥିବାରୁ ଭାରତର ସର୍ବାଧିକ ମରୁଡି ପ୍ରବଣ ଅଞ୍ଚଳ ଭାବରେ ଉଚ୍ଚାରିତ ନାମ ମଧ୍ୟରେ ଓଡ଼ିଶା ରହିଛି: ୫୨ ବର୍ଷର ଅଧ୍ୟୟନ

**ଭୁବନେଶ୍ୱର, ୨୨।୯ (ନି.ପ୍ର) :** ଭାରତର ପାଣିପାଗ ସମ୍ପର୍କରେ ୧୯୭୧ରୁ ୨୦୨୨ ପର୍ଯ୍ୟନ୍ତ ଅନୁଧ୍ୟାନ କରିଥିବା ଏକ ନୂତନ ଜାତୀୟ ଅଧ୍ୟୟନରେ ଜଣାଯାଇଛି ଯେ ମରୁଡି ପରିସ୍ଥିତି ତୀବ୍ର ହେଉଛି ଏବଂ ଏହା ପ୍ରସାରିତ ହେବାରେ ଲାଗିଛି ଏବଂ ଏଥିରେ ଉକ୍ତ ଅଞ୍ଚଳଗୁଡିକ ମଧ୍ୟରେ ପୂର୍ବ ତଟ ରାଜ୍ୟଗୁଡିକ ମଧ୍ୟରେ ଓଡ଼ିଶାକୁ ଦେଶର ସର୍ବାଧିକ ଉଚ୍ଚାରିତ ମରୁଡି ପ୍ରବଣ ଅଞ୍ଚଳ ଭାବରେ ଚିହ୍ନିତ କରିଛି। ଝଡବାତ୍ୟା ଏବଂ ବନ୍ୟାର ଶିକାର ହେଉଥିବା ଏକ ରାଜ୍ୟ ଭାବରେ ଦୀର୍ଘକାଳରୁ ପରିଚିତ ଓଡ଼ିଶା ପାଇଁ ଅଧ୍ୟୟନ ଫଳାଫଳରେ ଏକ ଦ୍ୱିତୀୟ ଏବଂ ମନ୍ଥର ଗତିରେ ବଢୁଥିବା ବିପଦ ଏବେ ମାନଚିତ୍ରରେ ଦୃଢ଼ ସ୍ଥାନ ନେଇସାରିଛି। 'ଇଭୋଲ୍ୟୁସନ୍ ଅଫ କ୍ଲାଇମେଟ ଏକ୍ସଟ୍ରିମ୍‌ସ୍ ଓଭର ଦି ଇଣ୍ଡିଆନ୍ ସବ୍‌କଣ୍ଟିନେଣ୍ଟ ୟୁଜିଂ ଏକ ରିଭାଇଜଡ୍ ସିଇଆଇ' ଶୀର୍ଷକ ଏହି ଅଧ୍ୟୟନ ରିପୋର୍ଟ ଇଣ୍ଟରନ୍ୟାସନାଲ ଜର୍ଣ୍ଣାଲ ଅଫ୍ କ୍ଲାଇମେଟୋଲୋଜିରେ ପ୍ରକାଶିତ ହୋଇଥିବାବେଳେ ତାହାକୁ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଏବଂ ନ୍ୟାସନାଲ ସେଣ୍ଟର ଫର୍ ମିଡିୟମ୍ ରେ ୱେଦର ଫୋରକାଷ୍ଟିଂ (ଏନ୍‌ସିଏମ୍‌ଆରଡବ୍ଲ୍ୟୁଏଫ)ର ବୈଜ୍ଞାନିକମାନେ ସମୀକ୍ଷା କରିଛନ୍ତି, ଯେଉଁଥିରେ ସାତଟି ପୃଥକ ବିପଦ ଯଥା: ଦିନ ସମୟରେ ଉତାପ, ଆର୍ଦ୍ରତା ଜନିତ ଉତାପ, ମାତ୍ରାଧିକ ଗ୍ରୀଷ୍ମ ପ୍ରବାହ ଓ ମରୁଡି ଆଦି ସାତଟି ପୃଥକ ବିପଦକୁ ଆଇଏମ୍‌ଡିର ୫୨ ବର୍ଷର ପର୍ଯ୍ୟବେକ୍ଷଣ ଆଧାରରେ ପ୍ରସ୍ତୁତ ଗୋଟିଏ ଇଣ୍ଡିଆ କ୍ଲାଇମେଟ୍ ଏକ୍ସଟ୍ରିମସ୍ ଇଣ୍ଡେକ୍ସରେ ଏକତ୍ର କରାଯାଇଛି ଏବଂ ସେଥିରେ ମାନ୍-କେଣ୍ଡାଲ୍ ପଦ୍ଧତିକୁ ବ୍ୟବହାର କରି ଧାରାର ପରୀକ୍ଷା କରାଯାଇଛି।

## ବେଦାନ୍ତ ଆଲୁମିନିୟମ୍ ଭାରତର ଦ୍ୱିତୀୟ ବୃହତମ ଏସ୍‌ଇଜେଡ୍ ସାମଗ୍ରୀ ରପ୍ତାନିକାରୀ

**ଭୁବନେଶ୍ୱର,୨୨।୯ (ନି.ପ୍ର) :** ଭାରତର ସର୍ବବୃହତ୍ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍ (ବିଏସ୍‌ଇ: ୫୪୪୬୭୮୦ । ଏନ୍‌ଏସ୍‌ଇ: ଭିଏଏମ୍‌ଏଲ୍) ଓଡ଼ିଶାର ଝାରସୁଗୁଡ଼ାସ୍ଥିତ ସ୍ୱତନ୍ତ୍ର ଆର୍ଥିକ ଅଂଚଳକୁ କେନ୍ଦ୍ର କରି ଭାରତର ଦ୍ୱିତୀୟ ବୃହତମ ସ୍ୱତନ୍ତ୍ର ଆର୍ଥିକ ଅଂଚଳ ସାମଗ୍ରୀ ରପ୍ତାନିକାରୀ ଭାବେ ଉଭା ହୋଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ କମ୍ପାନି ୩.୫ ବିଲିୟନ୍ ଆମେରିକୀୟ ଡଲାରର ସାମଗ୍ରୀ ରପ୍ତାନି କରିଛି, ଯାହା ଭାରତର ମୋଟ ସ୍ୱତନ୍ତ୍ର ଆର୍ଥିକ ଅଂଚଳ ସାମଗ୍ରୀ ରପ୍ତାନିର ପ୍ରାୟ ୬ ପ୍ରତିଶତ ଅଟେ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା, କାରଣ, ଭାରତର ସ୍ୱତନ୍ତ୍ର ଆର୍ଥିକ ଅଂଚଳ ରପ୍ତାନି କ୍ଷେତ୍ରରେ ସେବା କ୍ଷେତ୍ରର ପ୍ରାଧାନ୍ୟ ଜାରି ରହିଛି। ରପ୍ତାନିକାରୀ ୟୁନିଟ୍ ଓ ସ୍ୱତନ୍ତ୍ର ଆର୍ଥିକ ଅଂଚଳ ପାଇଁ ରପ୍ତାନି ପ୍ରୋତ୍ସାହନ ପରିଷଦର ସଦ୍ୟତମ ବାଣିଜ୍ୟ ତଥ୍ୟ ଅନୁଯାୟୀ, ଦେଶର ମୋଟ ସ୍ୱତନ୍ତ୍ର ଆର୍ଥିକ ଅଂଚଳ ରପ୍ତାନିର ୬୦ ପ୍ରତିଶତରୁ ଅଧିକ ଅଂଶ ସେବା କ୍ଷେତ୍ରର ଅଟେ। ବେଦାନ୍ତ ଆଲୁମିନିୟମ୍ର ଉତ୍ପାଦ ୟୁରୋପ, ଆମେରିକା, ଜାପାନ ଓ ଦକ୍ଷିଣ-ପୂର୍ବ ଏସିଆ ସମେତ ୬୦ରୁ ଅଧିକ ଦେଶର ଗ୍ରାହକଙ୍କ ନିକଟରେ ପହଂଚୁଛି। ଏହି ବଜାରଗୁଡ଼ିକରୁ ନିରନ୍ତର ଚାହିଦା, ବିଶେଷକରି ଯେଉଁଠାରେ କଠୋର ଗୁଣବତା, ପରିବେଶ ଓ ଅନୁପାଳନ ମାନଦଣ୍ଡ ଲାଗୁ ରହିଛି, ତାହା କମ୍ପାନିର ଉତ୍ପାଦନ ଦକ୍ଷତା ଏବଂ ବିଶ୍ୱସ୍ତରୀୟ ଯାନବାହନ, ବିମାନ ଓ ଶିଳ୍ପ କ୍ଷେତ୍ରର ଗ୍ରାହକଙ୍କ ଆବଶ୍ୟକତା ଅନୁରୂପ ଉତ୍ପାଦ ଯୋଗାଇବାର କ୍ଷମତାକୁ ପ୍ରତିଫଳିତ କରୁଛି। ଏହି



ସଫଳତା ସମ୍ପର୍କରେ ବେଦାନ୍ତ ଆଲୁମିନିୟମ୍ର ମୁଖ୍ୟ ନିର୍ବାହୀ ଅଧିକାରୀ ରାଜେଶ କୁମାର କହିଛନ୍ତି, 'ଏହି ସଫଳତା ଆମ ଆଲୁମିନିୟମର ନିରନ୍ତର ଗୁଣବତା ଏବଂ ବିଶ୍ୱ ବଜାରର କଠୋର ମାନଦଣ୍ଡ ପୂରଣ କରିବାର କ୍ଷମତାର ପ୍ରମାଣ। ଭାରତର ବାଣିଜ୍ୟ କ୍ଷେତ୍ରରେ ସ୍ୱତନ୍ତ୍ର ଆର୍ଥିକ ଅଂଚଳଗୁଡ଼ିକ ଅଧିକ ଗୁରୁତ୍ୱ ବହନ କରୁଥିବା ବେଳେ, ଆମେ ଆମର କ୍ଷମତା ବଢ଼ାଇବା ସହିତ ଭାରତକୁ ବିଶ୍ୱସ୍ତରୀୟ ଉତ୍ପାଦନ ଓ ରପ୍ତାନି କେନ୍ଦ୍ରରେ ପରିଣତ କରିବାର ଜାତୀୟ ଲକ୍ଷ୍ୟରେ ଅବଦାନ ଜାରି ରଖିବୁ। ବେଦାନ୍ତ ଆଲୁମିନିୟମର ରପ୍ତାନି ତାଲିକାରେ ପ୍ରାଥମିକ ଏବଂ ମୂଲ୍ୟବର୍ଦ୍ଧିତ ଉତ୍ପାଦର ସମ୍ପୂର୍ଣ୍ଣ ପରିସର ରହିଛି। ଏଥିରେ ବିଲେଟ୍, ତାର ରଡ୍, ରୋଲ୍ଡ ଉତ୍ପାଦ, ପ୍ରାଥମିକ ଫାଉଣ୍ଡ୍ରି ମିଶ୍ରଧାତୁ, ଇଙ୍ଗଟ୍ ସହିତ କମ୍ କାର୍ବନ୍ ନିସ୍ସରଣ ବିଶିଷ୍ଟ 'ରେଷ୍ଟୋରା' ଆଲୁମିନିୟମ୍ ରହିଛି। ଏହି ଉତ୍ପାଦଗୁଡ଼ିକ ଯାନବାହନ, ବିମାନ, ବିଦ୍ୟୁତ୍, ନିର୍ମାଣ ଓ ପ୍ୟାକେଜିଂ ଶିଳ୍ପ ସମେତ ଅକ୍ଷୟ ଶକ୍ତି, ବିଦ୍ୟୁତ୍ ଚାଳିତ ଯାନ, କୃତ୍ରିମ ବୁଦ୍ଧିମତା ଭିତିକ ଭିତିଭୂମି ଓ ତଥ୍ୟ କେନ୍ଦ୍ର ଭଳି ଉଦୀୟମାନ କ୍ଷେତ୍ରରେ ବ୍ୟବହୃତ ହେଉଛି। ଭାରତର ସ୍ୱତନ୍ତ୍ର ଆର୍ଥିକ ଅଂଚଳଗୁଡ଼ିକ ୨୦୨୫ ଏପ୍ରିଲ୍ରୁ ଡିସେମ୍ବର ମଧ୍ୟରେ ପ୍ରାୟ ୧୩୪.୪ ବିଲିୟନ୍ ଆମେରିକୀୟ ଡଲାରର ସାମଗ୍ରୀ ଓ ସେବା ରପ୍ତାନି କରିଛନ୍ତି। ଏଥିରେ ସେବା ରପ୍ତାନିର ପରିମାଣ ପ୍ରାୟ ୮୪.୫ ବିଲିୟନ୍ ଡଲାର, ଅର୍ଥାତ୍ ମୋଟ ରପ୍ତାନିର ପ୍ରାୟ ୬୩ ପ୍ରତିଶତ। ସେହିପରି ସାମଗ୍ରୀ ରପ୍ତାନିର ପରିମାଣ ପ୍ରାୟ ୪୯.୯ ବିଲିୟନ୍ ଡଲାର, ଯାହା ମୋଟ ରପ୍ତାନିର ପ୍ରାୟ ୩୭ ପ୍ରତିଶତ। ଏହା ବିଶ୍ୱ ବାଣିଜ୍ୟରେ ସେବା ଓ ଉତ୍ପାଦନ କ୍ଷେତ୍ରର ପରସ୍ପର ପୂରକ ଭୂମିକାକୁ ସ୍ପଷ୍ଟ କରୁଛି। ଏହି ତଥ୍ୟ ଭାରତର ରପ୍ତାନି କ୍ଷେତ୍ରରେ ଚାଲିଥିବା ବ୍ୟାପକ ପରିବର୍ତନର ସଙ୍କେତ ଦେଉଛି।

## ଅଭିଭା ସ୍ମାର୍ଟ ରିଟର୍ଣ୍ଣ ଅଫ୍ ପ୍ରିମିୟମ ଟର୍ମ ପ୍ଲାନ୍‌ର ଶୁଭାରମ୍ଭ

**ଭୁବନେଶ୍ୱର, ୨୨।୯ (ନି.ପ୍ର) :** ଅଗ୍ରଣୀ ଜୀବନ ବୀମା କମ୍ପାନୀ, ଅଭିଭା ଲାଇଫ ଇନ୍ସୁରାନ୍ସ କମ୍ପାନୀ ଇଣ୍ଡିଆ ଲିମିଟେଡ ପକ୍ଷରୁ ଏହାର ରିଟର୍ଣ୍ଣ ଅଫ୍ ପ୍ରିମିୟମସ୍ ପ୍ରସ୍ତାବ ସହିତ ଟର୍ମ ଇନ୍ସୁରାନ୍ସ ପ୍ଲାନ, 'ଅଭିଭା ସ୍ମାର୍ଟ ରିଟର୍ଣ୍ଣ ଅଫ୍ ପ୍ରିମିୟମ ଟର୍ମ ପ୍ଲାନ୍'ର ଲଂଚ ଘୋଷଣା କରାଯାଇଛି। ଏହି ପ୍ଲାନ ବୀମା ଅବଧି ସମୟରେ ଲାଇଫ କଭର ପ୍ରଦାନ କରୁଥିବା ବେଳେ ବୀମା ଅବଧି ଶେଷ ହେବା ପରେ ବୀମାକାରୀ ଜୀବିତ ଥିଲେ ବୀମାର ସର୍ତାବଳୀ ଅନୁଯାୟୀ ପଇଠ କରିଥିବା ମୋଟ ପ୍ରିମିୟମ ରାଶି ଫେରସ୍ତ କରିଥାଏ। ଯୋଗ୍ୟତା ମାନଦଣ୍ଡ ଏବଂ ବୀମାର ନିୟମ ଓ ସର୍ତାବଳୀ ଅନୁଯାୟୀ, ଏହି ଯୋଜନା ଗ୍ରାହକମାନଙ୍କୁ ୧୦ରୁ ୩୦ ବର୍ଷ ମଧ୍ୟରେ ଏକ ବୀମା ଅବଧି ଏବଂ ୫ ଲକ୍ଷ ଟଙ୍କାରୁ ୫୦ ଲକ୍ଷ ଟଙ୍କା ମଧ୍ୟରେ ଲାଇଫ କଭର ରାଶି ଚୟନ କରିବାର ସୁବିଧା ପ୍ରଦାନ କରୁଛି। ଗ୍ରାହକମାନେ ୧୮ ରୁ ୬୦ ବର୍ଷ ବୟସ ମଧ୍ୟରେ ଏହି ଯୋଜନାରେ ସାମିଲ ହୋଇପାରିବେ ଏବଂ ବୀମା ଅବଧି ଶେଷ ହେବାର ସର୍ବାଧିକ ବୟସସୀମା ୭୫ ବର୍ଷ ରହିବ। ଏହି ଲଂଚ୍ ସମ୍ପର୍କରେ ଅଭିଭା ଲାଇଫ୍ ଇନ୍ସୁରାନ୍ସର ସିଇଓ ଓ ଏମ୍‌ଡି ଅସିତ ରଥ କହିଛନ୍ତି, 'ଆଜିର ଗ୍ରାହକମାନେ ଏପରି ବୀମା (ସୁରକ୍ଷା) ସମାଧାନ ଖୋଜୁଛନ୍ତି ଯାହା ଅର୍ଥପୂର୍ଣ୍ଣ ଆର୍ଥିକ ସୁରକ୍ଷା ପ୍ରଦାନ କରିବା ସହିତ ବୀମା ଅବଧି ମଧ୍ୟରେ ମିଳୁଥିବା ସୁବିଧାଗୁଡ଼ିକ ବିଷୟରେ ସ୍ପଷ୍ଟତା ପ୍ରଦାନ କରୁଥିବ। ଆମର 'ରିଟର୍ଣ୍ଣ ଅଫ୍ ପ୍ରିମିୟମ୍' ସହିତ ଟର୍ମ ଇନ୍ସୁରାନ୍ସ ମାଧ୍ୟମରେ, ଆମେ ଜୀବନ ସୁରକ୍ଷା ଏବଂ ଦିଆଯାଇଥିବା ପ୍ରିମିୟମର ନିର୍ଦ୍ଦିଷ୍ଟ ରିଟର୍ଣ୍ଣକୁ ଏକତ୍ରିତ କରୁଛୁ। ଅଭିଭା ଲାଇଫ୍ ଇନ୍ସୁରାନ୍ସରେ, କେବଳ ସୁରକ୍ଷା ପ୍ରଦାନ କରିବା ନୁହେଁ, ବରଂ ସୁସ୍ଥ ଜୀବନଶୈଳୀ, ସକାରାତ୍ମକ ଅଭ୍ୟାସ ଏବଂ ଭବିଷ୍ୟତ ପାଇଁ ଉତମ ପ୍ରସ୍ତୁତି ପାଇଁ ପ୍ରୋତ୍ସାହିତ କରି ଆମର ଗ୍ରାହକଙ୍କୁ ସାମଗ୍ରିକ କଲ୍ୟାଣରେ ସହଯୋଗ କରିବା ଆମର ଲକ୍ଷ୍ୟ ଅଟେ।'



## ଇମର୍ତ୍ତୀ ଦେବୀ ମହିଳା ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**କଟକ,୨୨।୯ (ନି.ପ୍ର):** କଟକ ନୟାସଡ଼କସ୍ଥିତ ଇମର୍ତ୍ତୀ ଦେବୀ ମହିଳାମହାବିଦ୍ୟାଳୟରେ ଭାରତ ସ୍କାଉଟ୍ ଗାଉଡ୍‌ରେ ରେଞ୍ଜରସ ଲିଡର ମଞ୍ଜୁସ୍ମିତା ବିଶ୍ୱାଳ, ଜାତୀୟ ସେବା ଯୋଜନାର ଡଃ ଦମୟନ୍ତୀ ମାରଣ୍ଡି ଏବଂ ଯୁବ ରେଡ୍‌କ୍ରସର କାଉନସିଲର ଶ୍ରୀମତୀ ସୁମିତା ଆଚାର୍ଯ୍ୟ ତରଫରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ମାରୁୱାଡୀ କ୍ଲବ୍ ପରିସରରେ ଆୟୋଜିତ ହୋଇଯାଇଅଛି । ମହାବିଦ୍ୟାଳୟର ଅଧକ୍ଷା ଡଃ ଶାଶ୍ୱତୀ ସୌମ୍ୟା ସାହୁଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ମୁଖ୍ୟ ଅତିଥି ଭାବରେ ଏ.ସି.ପି(କଟକ) ଅନନ୍ୟା ଅବସ୍ତି ମହୋଦୟାଏହି ସଭାରେ ଯୋଗ ଦେଇ ଛାତ୍ରୀମାନଙ୍କୁ ଟ୍ରାଫିକ୍ ନିୟମ ପାଳନ କରିବା, ହେଲମେଟ୍ ଓ ସିଟ୍‌ବେଲ୍ଟ ବ୍ୟବହାର କରିବା ଏବଂ ନିଜେ ସୁରକ୍ଷିତ ରହିବା ସହ ଅନ୍ୟମାନଙ୍କୁ ଜୀବନକୁ ମଧ୍ୟ ସୁରକ୍ଷିତ ରଖିବାପାଇଁ ବାର୍ତ୍ତା ଦେଇଥିଲେ । ସମ୍ମାନୀତ ଅତିଥି ଭାବରେ ଶ୍ରୀମାନ୍ ସଂଜୟ ଶର୍ମା, ସଭାପତି, ମାରୁୱାଡୀ ସମାଜ, କଟକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସଡ଼କ ସୁରକ୍ଷା ବିଷୟରେ ଛାତ୍ରୀମାନଙ୍କୁ ଆଲୋକପାତ କରିଥିଲେ । ଇତିହାସ ବିଭାଗର ଅଧାପିକା ଡଃ ମୌସୁମୀ ରାଉତରାୟ ସଭାକୁ




ପରିଚାଳନା କରିଥିଲେ । ଏହି ସଭାରେ ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକ, କର୍ମକର୍ତ୍ତାବୃନ୍ଦ, ଛାତ୍ରୀଗଣ ଓ ସାମ୍ବାଦିକମାନେ ଉପସ୍ଥିତ ଥିଲେ । ଶେଷରେ ରେଞ୍ଜରସ୍ ଲିଡର ମଞ୍ଜୁସ୍ମିତା ବିଶ୍ୱାଳ ଏହି କାର୍ଯ୍ୟକ୍ରମରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗଭୀର ଅବପାତକୁ ନେଇ ଜିଲ୍ଲାପାଳଙ୍କ ଜରୁରୀ ସମୀକ୍ଷା

# ୨୪ରେ ମଦ ଦୋକାନ ବନ୍ଦ, ଶିକ୍ଷାନୁଷ୍ଠାନ ଓ ଅଙ୍ଗନବାଡ଼ି କେନ୍ଦ୍ର ଛୁଟି

**ମାଲକାନଗିରି, ୨୨।୯( (ନି.ପ୍ର):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ପ୍ରଭାବରେ ଆସନ୍ତା ୨୩ରୁ ୨୫ ସେପ୍ଟେମ୍ବର ପର୍ଯ୍ୟନ୍ତ ମାଲକାନଗିରି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା ରହିଛି । ସମ୍ଭାବ୍ୟ ବନ୍ୟା ଓ ଜଳବନ୍ଦୀ ପରିସ୍ଥିତିକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି । ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଏକ ଜରୁରୀ ଆଭାସୀ ବୈଠକ ଅନୁଷ୍ଠିତ ହୋଇ ସମ୍ଭାବ୍ୟ ବନ୍ୟା, ଲୋକଙ୍କ ସ୍ଥାନାନ୍ତରଣ, ଆଶ୍ରୟସ୍ଥଳୀ ପ୍ରସ୍ତୁତି ଓ ଉଦ୍ଧାର କାର୍ଯ୍ୟ ନେଇ ସମୀକ୍ଷା କରାଯାଇଛି । ସମସ୍ତ ବିଡିଓ, ତହସିଲଦାର ଓ ସମ୍ପୃକ୍ତ ଅଧିକାରୀଙ୍କୁ ୨୪ ଘଣ୍ଟିଆ ସଜାଗ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସୁରକ୍ଷା ଦୃଷ୍ଟିରୁ ଜିଲ୍ଲାର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ରଖିବାକୁ ଛୁଟି ଘୋଷଣା



କରାଯାଇଛି । ସେହିପରି ଆସନ୍ତା ୨୪ ତାରିଖରେ ଜିଲ୍ଲାର ସମସ୍ତ ମଦ ଦୋକାନ ବନ୍ଦ ରହିବ । ସ୍ଥାନାନ୍ତରିତ ଲୋକଙ୍କ ପାଇଁ ମାଲକାନଗିରି ଓ ବାଲିମେଳା ପୌରାଞ୍ଚଳର କଲ୍ୟାଣ ମଣ୍ଡପଗୁଡ଼ିକୁ ଅସ୍ଥାୟୀ ଆଶ୍ରୟସ୍ଥଳୀ ଭାବେ ପ୍ରସ୍ତୁତ ରଖାଯାଇଛି । ଏଠାରେ ଶୁଖିଲା ଖାଦ୍ୟ ସହ ମଧ୍ୟାହ୍ନ ଓ ରାତ୍ରି ଭୋଜନର ବ୍ୟବସ୍ଥା କରାଯାଇଛି । ତଳିଆ ଅଞ୍ଚଳର ଲୋକଙ୍କୁ ନିରାପଦ ସ୍ଥାନକୁ ଯିବା ପାଇଁ ପୌରାଞ୍ଚଳର ଗାଡ଼ି ଓ ଶବ୍ଦବିସ୍ତାରକ ଯନ୍ତ୍ର ମାଧ୍ୟମରେ ସଚେତନତା କରାଯାଉଛି । ଜରୁରୀ ପରିସ୍ଥିତି ପାଇଁ ଜିଲ୍ଲାରେ ମୋଟ ୩୭ଟି ବିପର୍ଯ୍ୟୟ ପ୍ରଶମନ ଦଳକୁ ସଜାଗ ରଖାଯାଇଛି । ଏଥିରୁ ମାଥିଲି ଅଞ୍ଚଳରେ ୧୨ଟି ଓ କାଲିମେଳା ଅଞ୍ଚଳରେ ୨୫ଟି ଦଳ ନିୟୋଜିତ ହୋଇଛନ୍ତି । ପାଙ୍ଗାମ ଓ କନ୍ୟାଶ୍ରମ ପୋଲ ସମେତ ଜଳମଗ୍ନ ଏବଂ ବିପଦପୂର୍ଣ୍ଣ ସ୍ଥାନଗୁଡ଼ିକରେ ପୁଲିସ ପ୍ରହରା ବଢ଼ାଯାଇଛି । ବନ୍ୟା ପାଣି କିମ୍ବା ଅନ୍ୟ ବିପଦପୂର୍ଣ୍ଣ ସ୍ଥାନକୁ ଯାଇ ଭିଡିଓ କିମ୍ବା ଚଳଚ୍ଚିତ୍ର କରିବାକୁ ମଧ୍ୟ ନିଷେଧ କରାଯାଇଛି । ନିୟମ ଉଲ୍ଲଂଘନ କଲେ ଆଇନାନୁସାରେ କାର୍ଯ୍ୟାନୁଷ୍ଠାନ ହେବ । ଭୂସ୍ଖଳନପ୍ରବଣ ବୋଣ୍ଡାଘାଟି, ବାୟାପଡ଼ା ଓ ବଡଡୁରାଲ ଭଳି ପାହାଡ଼ିଆ ଅଞ୍ଚଳରେ ରାସ୍ତା ଅବରୋଧ ହେଲେ ତୁରନ୍ତ ମାଟିଖୋଳା ଯନ୍ତ୍ର ଓ ଗଛ କାଟିବା ଯନ୍ତ୍ର ନିୟୋଜନ ପାଇଁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଛି । ଏଥିସହ ବିପଦସୂଚକ ସ୍ଥାନରେ ସତର୍କତାମୂଳକ ସୂଚନାଫଳକ ଲଗାଇବାକୁ ନିର୍ଦ୍ଦେଶ ରହିଛି । ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଜରୁରୀ ଚିକିତ୍ସା ସେବା, ଆମ୍ବୁଲାନ୍ସ ଓ ଆଲୋକ ବ୍ୟବସ୍ଥା ସଜାଗ ରଖାଯାଇଛି । ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହେଲେ ବ୍ୟବହାର ପାଇଁ ସମସ୍ତ ବ୍ଲକ୍‌ରେ ଜେନେରେଟର ମଧ୍ୟ ପ୍ରସ୍ତୁତ ରଖାଯାଇଛି । ସମ୍ଭାବ୍ୟ ବର୍ଷା ଓ ବନ୍ୟାକୁ ନେଇ ଲୋକେ ଭୟଭୀତ ନହୋଇ ପ୍ରଶାସନର ସମସ୍ତ ନିର୍ଦ୍ଦେଶ ପାଳନ କରିବା ସହ ଜରୁରୀ ପରିସ୍ଥିତିରେ ନିକଟସ୍ଥ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ ହେବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି ।

## ସ୍ୱାସ୍ଥ୍ୟ ଓ ସୁରକ୍ଷାରେ ମହୁଲସୁଖା ଖଣି ଶ୍ରେଷ୍ଠ ମିଳିଲା ପ୍ରତିଷ୍ଠିତ 'ରିଓ ଟିଣ୍ଟୋ' ଜାତୀୟ ପୁରସ୍କାର




**କୋଇଡା, ୨୨।୯ (ନି.ପ୍ର):** ଖଣି କ୍ଷେତ୍ରରେ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ସହ ପାର୍ଶ୍ୱବର୍ତ୍ତୀ ସମୁଦାୟର ସୁରକ୍ଷା ପାଇଁ ଉଲ୍ଲେଖନୀୟ ପଦକ୍ଷେପ ନେଇଥିବାରୁ ମେସର୍ସ ରୁଙ୍ଗଟା ସନ୍ସ ପ୍ରାଇଭେଟ୍ ଲିମିଟେଡ୍ ?ର ମହୁଲସୁଖା ଲୌହ ଓ ମାଙ୍ଗାନିଜ୍ ଖଣିକୁ 'ରିଓ ଟିଣ୍ଟୋ ହେଲ୍ଥ ଆଣ୍ଡ ସେଫ୍ଟି ଆୱାର୍ଡ ୨୦୨୫-୨୬' ପ୍ରଦାନ କରାଯାଇଛି । ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ମିନେରାଲ୍ ଇଣ୍ଡଷ୍ଟ୍ରିଜ୍ (ଏଫ୍ଆଇଏମ୍ଆଇ) ପକ୍ଷରୁ ନୂଆଦିଲ୍ଲୀସ୍ଥିତ ହାୟାତ୍ ରିଜେନ୍ସିରେ ସେପ୍ଟେମ୍ବର ୨୨ ତାରିଖରେ ଆୟୋଜିତ ଭବ୍ୟ ସମାରୋହରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା । କମ୍ପାନୀ ପକ୍ଷରୁ ସିଜିଏମ୍ (ଏଓଆର୍ ଓ ସିଏସ୍ଆର୍) ଶ୍ରୀ ଲଳିତ ନାରାୟଣ ରାଉତ ଏବଂ ସିନିୟର ଜିଏମ୍ (ପି ଆଣ୍ଡ ସି) ଶ୍ରୀ ଭାବଗ୍ରାହୀ ମହାପାତ୍ର ଏହି ପୁରସ୍କାର ଗ୍ରହଣ କରିଥିଲେ । କେନ୍ଦ୍ର ଖଣି ମନ୍ତ୍ରଣାଳୟର ସଚିବ ଶ୍ରୀ କେଶବ ଚନ୍ଦ୍ର ଏବଂ ଅତିରିକ୍ତ ସଚିବ ଡ. ବୀଣା କୁମାର ଡି. ଯଥାକ୍ରମେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ ସମାରୋହରେ ଏଫ୍ଆଇଏମ୍ଆଇର ସଭାପତି ଶ୍ରୀ ଶାନ୍ତେଶ ଗୁରେଡ୍ଡି, ଉପସଭାପତି ଶ୍ରୀ ପ୍ରବୋଧ ମହାନ୍ତି ଏବଂ ସେକ୍ରେଟାରୀ ଜେନେରାଲ୍ ଶ୍ରୀ ପ୍ରମୋଦ ତ୍ୟାଗୀଙ୍କ ସମେତ ଖଣିଶିଳ୍ପ କ୍ଷେତ୍ରର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରୀ ଲଳିତ ନାରାୟଣ ରାଉତଙ୍କ ନାମରେ ଏକ ପ୍ରଶଂସାପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା । ମହୁଲସୁଖା ଖଣିରେ ଉତ୍କୃଷ୍ଟ ପ୍ରଦର୍ଶନ ସହ ସ୍ୱାସ୍ଥ୍ୟ ଓ ସୁରକ୍ଷା କ୍ଷେତ୍ରରେ ତାଙ୍କ ଅବଦାନକୁ ସ୍ୱୀକୃତି ଦେବା ଉଦ୍ଦେଶ୍ୟରେ ଏହି ସମ୍ମାନ ଦିଆଯାଇଥିବା ଜଣାପଡ଼ିଛି ।

## ସ୍କାଉଟ୍ କମିଶନରଙ୍କୁ 'ରାମମୂର୍ତ୍ତି' ସମ୍ମାନରେ ସମ୍ମାନିତ

**କଟକ,୨୨/୯ (ନି.ପ୍ର) :** ଆଜି ଆନ୍ତର୍ଜାତୀୟ ଶାନ୍ତି ଦିବସ ପାଳନ ଅବସରରେ ଭାରତ ସ୍କାଉଟ୍ ଓ ଗାଇଡ଼ର ରାଜ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର-୨ ଠାରେ କଟକ ଜିଲ୍ଲାର ସ୍କାଉଟ୍ କମିଶନର ଶ୍ରୀଯୁକ୍ତ ଅଶୋକ କୁମାର ମହାପାତ୍ରଙ୍କୁ ଚଳିତ ବର୍ଷ କଟକ ଜିଲ୍ଲାର ଭାରତ ସ୍କାଉଟ ଓ ଗାଇଡ଼ ପାଇଁ ଉଲ୍ଲେଖନୀୟ ଅବଦାନ ପାଇଁ 'ରାମମୂର୍ତ୍ତି' ସମ୍ମାନରେ ସମ୍ମାନିତ କରାଯାଇଛି । ଭାରତ ସ୍କାଉଟ ଗାଇଡ଼ର ଭୁବନେଶ୍ୱର-୨, ରାଜ୍ୟ କାର୍ଯ୍ୟାଳୟଠାରେ ସଂଗଠନର ସଭାପତି ତଥା ପ୍ରାକ୍ତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ସଂସ୍ଥାର ମୁଖ୍ୟ କମିଶନର ଡ. କାଳୀପ୍ରସାଦ ମିଶ୍ର ଏବଂ ଉପସଭାପତି ଜଷ୍ଟିସ୍ ମନୋରନ ମହାନ୍ତି ଶ୍ରୀଯୁକ୍ତ ମହାପାତ୍ରଙ୍କୁ ମାନପତ୍ର, ଉପଢୌକନ ଓ ସ୍ମୃତିଫଳକ (memento) ଦେଇ ସମ୍ବର୍ଦ୍ଧିତ କରିଥିଲେ । ୧୯୯୭ ମସିହା ଠାରୁ ଜଣେ ସ୍କାଉଟ୍ ମାଷ୍ଟର ହିସାବରେ ବିଜୟରାମ ସ୍ମାରକୀ ଉଚ୍ଚ ବିଦ୍ୟାଳୟ, କଣ୍ଡାପଡ଼ା, ସୁନ୍ଦରଗ୍ରାମ ହାଇସ୍କୁଲ, ସୁନ୍ଦରଗ୍ରାମ ଠାରେ କାର୍ଯ୍ୟକରି ୨୦୧୭ ମସିହାରେ କଟକ ଜିଲ୍ଲା ସ୍କାଉଟ କମିଶନର ରୂପେ ଯୋଗଦେଇଥିଲେ ।




ସେହିଦିନଠାରୁ କଟକ ଜିଲ୍ଲାର ସ୍କାଉଟ ଗାଇଡ଼ର ପ୍ରସାର ଓ ପ୍ରଚାର କରିବା ସହ ବିଭିନ୍ନ ସ୍କାଉଟ କାର୍ଯ୍ୟକ୍ରମ ପରିଚାଳନା କରିବାରେ ଅନବରତ ଉଦ୍ୟମ ପାଇଁ ଶ୍ରୀ ମହାପାତ୍ରଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି । ତାଙ୍କ କାର୍ଯ୍ୟକାଳ ସମୟରେ ନିଆଳୀ ହାଇସ୍କୁଲ, ନିଆଳୀ ସମେତ ଜିଲ୍ଲାର ବିଭିନ୍ନ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ସ୍କାଉଟ୍ ଗାଇଡ଼ ୟୁନିଟ୍ ଖୋଲିବା ସହ ସ୍କାଉଟ ଓ ଗାଇଡ଼ମାନେ ରାଜ୍ୟ ପୁରସ୍କାର ଦେବା ପୂର୍ବରୁ ସେମାନଙ୍କୁ ବିଭିନ୍ନ ଜୋନ୍ କରାଯାଇ ଶିକ୍ଷାଦେବା ଇତ୍ୟାଦି କାର୍ଯ୍ୟ ଗତ ଦୁଇବର୍ଷ ଧରି କଟକ ଜିଲ୍ଲାରେ ଆରମ୍ଭ କରାଯାଇଛି । ଆଉମଧ୍ୟ କଟକ ଜିଲ୍ଲାର କେମ୍ବ୍ରିଜ୍ ହାଇସ୍କୁଲର ଶିକ୍ଷକ ଗୌତମ ଗଜପତିଙ୍କୁ ମଧ୍ୟ 'ବସ'' ସମ୍ମାନରେ ସମ୍ମାନିତ କରାଯାଇଛି । ଏଥିପାଇଁ କଟକ ଜିଲ୍ଲାର ଗାଇଡ଼ କମିଶନର ଶ୍ରୀମତୀ ନିରୁପମା ମଲ୍ଲିକ, ଜିଲ୍ଲା ଆୟୋଜକ କମିଶନର ଶ୍ରୀଯୁକ୍ତ ପ୍ରଦୀପ କୁମାର ମହାନ୍ତି, କଟକ ଜିଲ୍ଲା ଶାରିରୀକ କ୍ରୀଡ଼ା ଅଧିକାରୀ ସୁଶ୍ରୀ ସୌଦାମିନୀ ଦାଶ, ସୌଦାମିନୀ ଖାଡ଼ଙ୍ଗା, ଜିତେନ୍ ରାଉତ, ସନ୍ତୋଷ କୁମାର ତ୍ରିପାଠୀ, ରିତା ପ୍ରଧାନଙ୍କ ସମେତ କଟକ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ସ୍କାଉଟ ମାଷ୍ଟର ଓ ଗାଇଡ଼ କ୍ୟାପଟେନ୍ ଏବଂ ଅନେକ ଶୁଭେଚ୍ଛୁ ଶ୍ରୀଯୁକ୍ତ ମହାପାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଭସାଣି ଶୋଭାଯାତ୍ରାରେ ଯୁବକଙ୍କୁ ଆକ୍ରମଣ

**ବଲଙ୍ଗା,୨୨।୯ (ନି.ପ୍ର):** ବଲଙ୍ଗା ଥାନା ଅନ୍ତର୍ଗତ ତୋଟାପଡ଼ା ଗ୍ରାମରେ ଗଣେଶ ଭସାଣୀ ଶୋଭାଯାତ୍ରାରେ ଜଣେ ଯୁବକଙ୍କୁ ଆକ୍ରମଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି । ଏହି ଥାନା ଅନ୍ତର୍ଗତ ଦୁର୍ଗାପୁର ଗ୍ରାମର ସରୋଜ ନାରାୟଣ ଜେନା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ରବିବାର ରାତିରେ ତୋଟାପଡ଼ା ଗ୍ରାମର ଯୁବକ ମାନଙ୍କ ପକ୍ଷରୁ ଗଣେଶ ଭସାଣି ଶୋଭାଯାତ୍ରା ଚାଲିଥିଲା । ସେହି ସମୟରେ ସରୋଜ ବାଇକ ଯୋଗେ ଘରକୁ ଫେରୁଥିଲା ବେଳେ ଶୋଭାଯାତ୍ରାରେ ସାମିଲ ଥିବା କୃଷ୍ଣ ପ୍ରଧାନ ଓ ପପୁ ପରିଡ଼ା ଅଟକାଇ ମାଡ ମାରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି ।

## ବାଲିଯାତ୍ରା କଟକ -୨୦୨୬ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ନିମନ୍ତେ ଆବେଦନ ଆହ୍ୱାନ

**କଟକ,୨୨।୯ (ନି.ପ୍ର):** ଚଳିତ ବର୍ଷର ଐତିହାସିକ ବାଲିଯାତ୍ରା, କଟକ ନଭେମ୍ବର ୨୪ ତାରିଖରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ । ଏହି ପରିପ୍ରେକ୍ଷୀରେ ବାଲିଯାତ୍ରାର ବିଭିନ୍ନ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ନିମନ୍ତେ ଇଚ୍ଛୁକ ସାଂସ୍କୃତିକ ଅନୁଷ୍ଠାନମାନଙ୍କଠାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆବେଦନ ଆହ୍ୱାନ କରାଯାଇଛି । ଆବେଦନ ଫର୍ମ Kataka.odisha.gov.in ୱେବସାଇଟରୁ ଡାଉନଲୋଡ୍ କରାଯାଇପାରିବ । ପୂରଣ କରାଯାଇଥିବା ଆବେଦନପତ୍ର ଓ ସମସ୍ତ ଆବଶ୍ୟକୀୟ କାଗଜପତ୍ର ସହ ତା ୨୦.୧୦.୨୦୨୬ ରିଖ ସୁଦ୍ଧା ଜିଲ୍ଲା ସଂସ୍କୃତି ଅଧିକାରୀ, କଟକଙ୍କ କାର୍ଯ୍ୟାଳୟରେ ସିଧାସଳଖ ଦାଖଲ କରିପାରିବେ କିମ୍ବା dco.ctc@gov.in ଇ-ମେଲ୍ ମାଧ୍ୟମରେ ପଠାଇପାରିବେ । ଆବେଦନକାରୀ ଅନୁଷ୍ଠାନ Society Registration Act, XXI ୧୮୬୦ ଅନୁଯାୟୀ ପଞ୍ଜୀକୃତ ହୋଇଥିବା ଆବଶ୍ୟକ ଏବଂ ପଞ୍ଜୀକରଣ ପ୍ରମାଣପତ୍ରର ନକଲ ଆବେଦନପତ୍ର ସହ ସଂଲଗ୍ନ କରିବା ବାଧ୍ୟତାମୂଳକ । ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଅନୁଷ୍ଠାନକୁ ଚୟନ ପ୍ରକ୍ରିୟାରେ ପ୍ରାଧାନ୍ୟ ଦିଆଯିବ । ଏଥିସହିତ ଅଂଶଗ୍ରହଣର ପ୍ରମାଣପତ୍ର ଓ ଭିଡିଓ ପ୍ରଦାନ କରିବାକୁ ଅନୁରୋଧ । ଅସମ୍ପୂର୍ଣ୍ଣ ଆବେଦନପତ୍ର ଗ୍ରହଣ କରାଯିବ ନାହିଁ । ପ୍ରତ୍ୟେକ ଅନୁଷ୍ଠାନକୁ ଗୋଟିଏ ଥର କାର୍ଯ୍ୟକ୍ରମ ପରିବେଷଣର ସୁଯୋଗ ମିଳିବ । ପ୍ରତ୍ୟେକ ସାଂସ୍କୃତିକ ଦଳରେ ସର୍ବନିମ୍ନ ୧୦ ଓ ସର୍ବାଧିକ ୨୫ ଜଣ କଳାକାର ରହିପାରିବେ । କଳାକାରମାନଙ୍କ ଆଧାରକାର୍ଡ ଆବେଦନ ପତ୍ର ସହିତ ଦାଖଲ କରିବାକୁ ଅନୁରୋଧ କରାଯାଇଛି । ସମସ୍ତ ନିୟମାବଳୀ ଓ ସର୍ତ୍ତାବଳୀ ପାଳନ କରିବା ନେଇ ଅଂଶଗ୍ରହଣକାରୀ ଅନୁଷ୍ଠାନ ଓ କଳାକାରମାନଙ୍କୁ ସତ୍ୟପାଠ ଦାଖଲ କରିବା ବାଧ୍ୟତାମୂଳକ । ଅଶ୍ଳୀଳ ନୃତ୍ୟ, ସଙ୍ଗୀତ କିମ୍ବା ଜାତୀୟ ପତାକା ଓ ଜାତୀୟ ସଙ୍ଗୀତ ପ୍ରତି ଅସମ୍ମାନ ପ୍ରଦର୍ଶନ କରୁଥିବା କୌଣସି କାର୍ଯ୍ୟକ୍ରମକୁ ଅନୁମତି ଦିଆଯିବ ନାହିଁ । ଏ ସମ୍ପର୍କରେ ଅଧିକ ସୂଚନା ପାଇଁ ଜିଲ୍ଲା ସଂସ୍କୃତି ଅଧିକାରୀ, କଟକଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରିପାରିବେ ।

## ମାଡ୍ରାସ ହାଇକୋର୍ଟର ଗୁରୁତ୍ୱପୂର୍ଣ୍ଣ ରାୟ

**ଚେନ୍ନାଇ, ୨୨।୯ (ନି.ପ୍ର):** ଅଶ୍ଳୀଳ ଫଟୋ ଓ ଫୋନ୍ କଲ୍ ପାଇଁ ମାଆକୁ ମିଳିଲାନି ସନ୍ତାନର ହେପାଜତ, କହିଲେ ମା ହରାଇ ଥିବା ନୈତିକ ସ୍ଖଳନ ପାଇଁ । ସଂପ୍ରତି ସମାଜରେ ନୈତିକ ସ୍ଖଳନ ଘଟିବାରେ ଲାଗିଛି । କାମନା ବାସନା ପାଇଁ ସଂପର୍କର ପରିଭାଷା ବଦଳିବାରେ ଲାଗିଛି । ଏହାକୁ ନେଇ ଅଦାଲତରୁ ଆସିଛି ଏକ ଗୁରୁତ୍ୱପୂର୍ଣ୍ଣ ଆଇନଗତ ନିଷ୍ପତ୍ତି । ମହିଳା ମାନେ ଅନ୍ୟ ପୁରୁଷଙ୍କ ସହ ଅଶ୍ଳୀଳ ଫଟୋ ସେୟାର କରିବା ଏବଂ ବିଳମ୍ବିତ ରାତି ଯାଏଁ ଭିଡିଓ କଲରେ କଥା ହେବା ଭଳି କାର୍ଯ୍ୟକୁ ଆଧାର କରି ଜଣେ ମାଆକୁ ତାଙ୍କର ଦୁଇ ନାବାଳକ ସନ୍ତାନଙ୍କୁ



ହେପାଜତରେ ରଖିବାକୁ ମନା କରିଛନ୍ତି ମାଡ୍ରାସ ହାଇକୋର୍ଟ । ମାଆର ଏଭଳି 'ନୈତିକ ସ୍ଖଳନ' କୋମଳମତି ଶିଶୁଙ୍କ ଚରିତ୍ର ଗଠନରେ ବାଧା ସୃଷ୍ଟି କରିବ ବୋଲି କୋର୍ଟ ନିଜ ରାୟରେ ଦର୍ଶାଇଛନ୍ତି । ଜଷ୍ଟିସ ପି.ଟି. ଆଶା ଏବଂ ଜଷ୍ଟିସ ଏନ୍. ମାଲାଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲା ଶୁଣାଣି କରି କହିଛନ୍ତି । ଉଚ୍ଚତମ ନ୍ୟାୟାଳୟ କହିଛନ୍ତି, ୭ ଏବଂ ୯ ବର୍ଷ ବୟସର ଦୁଇ ଶିଶୁ ଏବେ ଏକ ସମ୍ବେଦନଶୀଳ ବୟସ ଦେଇ ଗତି କରୁଛନ୍ତି । ଏହି ସମୟରେ ମାଆଙ୍କ ଆଚରଣ ଶିଶୁଙ୍କ ମାନସିକ ଓ ନୈତିକ ବିକାଶ ଉପରେ କୁପ୍ରଭାବ ପକାଇପାରେ । କୋର୍ଟ ଆହୁରି ମଧ୍ୟ ଦର୍ଶାଇଛନ୍ତି, ହିନ୍ଦୁ ସଂସ୍କୃତିରେ ମାତା, ପିତା, ଗୁରୁ ଓ ସଂସ୍କାର ପରମ୍ପରା ରହିଛି, ଯେଉଁଠି ମାଆକୁ ଭଗବାନଙ୍କ ଠାରୁ ଉଚ୍ଚ ସ୍ଥାନ ଦିଆଯାଇଥାଏ । ଏଭଳି ପରିସ୍ଥିତିରେ ନିଜ ନୈତିକତା ହରାଇଥିବା ମାଆ ପାଖରେ ରହିଲେ ପିଲାମାନେ ଭଲ ଓ ମନ୍ଦର ଫରକ୍ ବୁଝିପାରିବେ ନାହିଁ ।

## ଘର ଆଗରେ ଛୋଟ ପିଲା ଶୌଚ କରିବାକୁ କେନ୍ଦ୍ରକରି ମା', ଝିଅଙ୍କୁ ଆକ୍ରମଣ

**ବଲଙ୍ଗା, ୨୨।୯ (ଯୁବମୋର୍ଚ୍ଚା):** ଘର ଆଗରେ ଛୋଟ ପିଲା ଶୌଚ କରିବାକୁ କେନ୍ଦ୍ରକରି ବଲଙ୍ଗା ଥାନା ଅନ୍ତର୍ଗତ ଅଲଣ୍ଡା ପଡ଼ା ଗ୍ରାମରେ ମା ଝିଅଙ୍କୁ ଆକ୍ରମଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି । ଅଲଣ୍ଡା ପଡ଼ା ଗ୍ରାମର ସଦାଶିବ ଖଟୋଇଙ୍କ ପତ୍ନୀ କନକ ଖାଟୋଇ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ କନକଙ୍କ ଝିଅ ହୀରା ପାତ୍ର ଓ ତାଙ୍କର ୩ ବର୍ଷର ପୁଅ ହିଂମାଶୁକୁ ନେଇ ବାପ ଘରକୁ ଆସିଛନ୍ତି । ଗତକାଲି ହିଂମାଶୁକୁ ଶୌଚ ଲାଗିବାରୁ ହୀରା ତାକୁ ଘର ଆଗରେ ବସାଇ ମଇଳାକୁ ପୋଛି ନେଇଥିଲେ । ଯାହାକୁ ନେଇ ଗ୍ରାମର ଯଦୁମଣି ସେଠୀ କଣ ପାଇଁ ଦାଣ୍ଡରେ ବସାଇଲ ବୋଲି କହି ହୀରାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରୁଥିଲେ । ହୀରା ପ୍ରତିବାଦ କରିବାରୁ ଯଦୁମଣିଙ୍କ ୨ପୁଅ ଆସି ହୀରାଙ୍କୁ ମାଡ ମାରିଥିଲେ । ପାଟି ଶୁଣି କନକ ଆସି ପ୍ରତିବାଦ କରିବାରୁ ଆସାମୀ ମାନେ ତାଙ୍କୁ ଖଡ଼ିକା ମୁଠାରେ ବାଡ଼ାଇ ଦେହ ସାରା ଖଣ୍ଡିଆ କରିଦେଇଥିଲେ ବୋଲି କନକ ଅଭିଯୋଗରେ ଦର୍ଶାଇଛନ୍ତି ।

## ଅବପାତ ବର୍ଷାକୁ ଦୃଷ୍ଟିରେ ରଖି ନିରାଡ଼ମ୍ବ ଭାବେ ପାଳନ କରାଯିବ ଭସାଣି ଉତ୍ସବ

**ପାରାଦୀପ, ୨୨।୯ (ନି.ପ୍ର):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ପ୍ରଭାବରେ ପାରାଦ୍ୱୀପ ରେ ଲଗାଣ ବର୍ଷା ଯାରି ରହିଛି । ଗତକାଲି ଅର୍ଥାତ ୨୩ ତାରିଖ ମଧ୍ୟ ରାତ୍ରୀ କିମ୍ବା ୨୪ ତାରିଖରେ ଏହା ଲ୍ୟାଣ୍ଡଫଲ ସମୟରେ ପାରାଦ୍ୱୀପ ରେ ଲଗାଣ ବର୍ଷା ସହିତ ପବନ ବହିବାକୁ ଲକ୍ଷ୍ୟ କରି ଜିଲ୍ଲା ପ୍ରଶାସନ ଏବଂ ପୁଲିସ ପ୍ରଶାସନ ସଚେତନ କରାଇଛନ୍ତି ।

ପଶ୍ଚିମ-କେନ୍ଦ୍ରୀୟ ଏବଂ ତାହାର ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ଏହା ଗୋପାଳପୁର ର ଦକ୍ଷିଣ-ପୂର୍ବରେ ପ୍ରାୟ ୨୦୦ କିମି ପୁରୀ ର ଦକ୍ଷିଣରେ ୨୧୦ କିମି ଏବଂ ବିଶାଖାପାଟଣା ପୂର୍ବରେ ୨୯୦ କିମି ଦୂରରେ ରହିଛି । ଏହା ପଶ୍ଚିମ-ଉତ୍ତରପଶ୍ଚିମ ଆଡ଼କୁ ଗତି କରି ଆଗାମୀ ୧୨ ଘଣ୍ଟା ମଧ୍ୟରେ ପଶ୍ଚିମ-କେନ୍ଦ୍ରୀୟ ଏବଂ ସଂଲଗ୍ନ




ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଗଭୀର ଅବପାତ ରେ ପରିଣତ ହେବାର ବହୁ ସମ୍ଭାବନା ରହିଛି । ଏ ପର୍ଯ୍ୟନ୍ତ ସାଇକ୍ଲୋନିକ ଷ୍ଟର୍ମ ସୃଷ୍ଟି ହୋଇନଥିବା ଜଣା ପଡିଥିଲେ ମଧ୍ୟ ଅତ୍ୟଧିକ ବର୍ଷା ପବନ ସମ୍ଭାବନାକୁ ଦୃଷ୍ଟିରଖି ସଚେତନ ରହିବାକୁ ପୌରପାଳିକା ପକ୍ଷରୁ ମଧ୍ୟ ସଚେତନ କରାଯାଇ ଥିଲାବେଳେ ବିଶ୍ୱକର୍ମା ପୂଜାରେ କିଛି ଗେଟ ଭାଙ୍ଗିଥିବାରୁ ସୁରକ୍ଷା ଦୃଷ୍ଟିରୁ ଜିଲ୍ଲା ପ୍ରଶାସନ ଗୋଟିଏ ଦିନ ପୂର୍ବରୁ ପାରାଦୀପ ର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ମହୋତ୍ସବ କୁ ବାତିଲ କରିଛି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସନ୍ଧ୍ୟାରେ ଅସ୍ଥାୟୀ ସୂଚନା କେନ୍ଦ୍ରରେ ଏକ ଜରୁରୀକାଳୀନ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଜିଂକ୍ୟ ବାବୁରାଓ ମାଣେ,ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ପାରାଦୀପ ଆଦର୍ଶ ଥାନା ଅଧିକାରିଣୀ ବବିତା ଦେହୁରୀ ପ୍ରମୁଖ ଯୋଗଦେଇ ବିସର୍ଜନ ଉତ୍ସବ କୁ ଶାନ୍ତି ଶୃଙ୍ଖଳା ସହ ପାଳନ କରିବାକୁ ପୂଜା କମିଟି ର କାର୍ଯ୍ୟକର୍ତ୍ତା ମାନଙ୍କୁ ନିବେଦନ କରି କହିଥିଲେ । ଅବପାତ ଜନିତ ପ୍ରବଳ ବର୍ଷା ପବନକୁ ଦୃଷ୍ଟିରେ ରଖି ସମସ୍ତ ପୂଜା କମିଟି ମଙ୍ଗଳବାର ସକାଳେ ସେମାନଙ୍କର ମୂର୍ତ୍ତି ଗୁଡିକୁ ନିରାଡମ୍ବ ଭାବେ ବିସର୍ଜନ କରିବେ ବୋଲି କର୍ମକର୍ତା ମାନେ କହିଥିଲେ ।

## କମଣ୍ଡ ଷ୍ଟିଲ୍ ପ୍ଲାଣ୍ଟ୍ ବିସ୍ଫୋରଣ ଘଟଣା

# ସରିଲା ପ୍ରଶାସନିକ ତଦନ୍ତ : ଶ୍ରମିକ ମୃତ୍ୟୁ ଖବର ସମ୍ପୂର୍ଣ୍ଣ ଗୁଜବ

**କୋଇଡା, ୨୨/୦୯ (ନି.ପ୍ର):** କୋଇଡା ଖଣି ମଣ୍ଡଳ ଅନ୍ତର୍ଗତ ରୁଙ୍ଗଟା ମାଇନ୍ସ ଲିମିଟେଡ୍ ?ର କମଣ୍ଡ ଷ୍ଟିଲ୍ ପ୍ଲାଣ୍ଟ ?ରେ ଘଟିଥିବା ବିସ୍ଫୋରଣ ଘଟଣାର ପ୍ରଶାସନିକ ତଦନ୍ତ ଶେଷ ହୋଇଛି । କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟର ଅଧିକାରୀମାନେ ୧୧ ଘଣ୍ଟା ଧରି ଘଟଣାସ୍ଥଳ ଯାଞ୍ଚ କରିବା ପରେ ଚୂଡ଼ାନ୍ତ ରିପୋର୍ଟ ଜିଲ୍ଲାପାଳ ଓ ଅଦାଲତକୁ ପଠାଇଛନ୍ତି । ସୂଚନା ଅନୁସାରେ, ସେପ୍ଟେମ୍ବର ୧୨ ତାରିଖ ପୂର୍ବାହ୍ନ ପ୍ରାୟ ୯ଟା ୫୦ରେ ଏସ୍ଏମ୍ଏସ୍ (ଷ୍ଟିଲ ମେଲଟିଙ୍ଗ ସପ )ସ୍ଲାଗ୍ ପିଟ୍ ନିକଟରେ କ୍ରେନ୍ ଦ୍ୱାରା ନିଆଯାଉଥିବା ଲାଡେଲ୍ ବକେଟ୍‌ଟି




ହଠାତ୍ ମୋଡ଼ି ହୋଇ ତଳେ ପଡ଼ିଯାଇଥିଲା । ତରଳ ଲୁହା ତଳେ ଥିବା ପାଣି ସଂସ୍ପର୍ଶରେ ଆସିବାରୁ ଏକ ତୀବ୍ର ବିସ୍ଫୋରଣ ଘଟି ଧୂଆଁ ଓ ଗରମ ତରଳ ଛିଟିକା ଚାରିଆଡ଼ ? ବ୍ୟାପିଯାଇଥିଲା । ଏଥିରେ ନିକଟରେ ଥିବା ୬ ଜଣ ଶ୍ରମିକ ସାମାନ୍ୟ ଆହତ ହୋଇଥିଲେ । ଚିକିତ୍ସା ପରେ ସମସ୍ତ ଆହତ ଶ୍ରମିକ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ପୁନର୍ବାର କାର୍ଯ୍ୟରେ ଯୋଗ ଦେଇଛନ୍ତି । ଅନ୍ୟପକ୍ଷରେ, ଦୁର୍ଘଟଣା ପରେ ସାମାଜିକ ଗଣମାଧ୍ୟମରେ ୪୦ରୁ ୧୦୦ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ନେଇ ଭ୍ରାନ୍ତ ତଥ୍ୟ ଭାଇରାଲ ହୋଇଥିଲା । ଏହି ଗୁଜବକୁ ପ୍ରଶାସନ ଓ ପୁଲିସ ସମ୍ପୂର୍ଣ୍ଣ ଖଣ୍ଡନ କରିଛନ୍ତି । ସରକାରୀ ଅଧିକାରୀ ମାନଙ୍କ ପ୍ରତିକ୍ରିୟା:କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଈଶୁଭେନ୍ଦୁ ରାଉତଈ ସ୍ପଷ୍ଟ କରିଛନ୍ତି ଯେ, 'କୌଣସି ଫର୍ଣ୍ଣସ ବିସ୍ଫୋରଣ ହୋଇନଥିଲା, ବରଂ ଲାଡେଲ୍ ପଡ଼ି ଜଳ ସଂସ୍ପର୍ଶରେ ଆସିବାରୁ ତୀବ୍ର ଶବ୍ଦ ହୋଇଥିଲା । ଏଥିରେ କେହି ମୃତାହତ ହୋଇନାହାନ୍ତି; ମୃତ୍ୟୁ ଖବର କେବଳ ଏକ ଗୁଜବ । ଜିଲ୍ଲା ଶ୍ରମ ଅଧିକାରୀ ଈପଦ୍ମାବତୀ ମାରାଣ୍ଡିଈ ଏବଂ ବଣାଇଁ ଏସ୍‌ଡିପିଓ ଈରାମଚନ୍ଦ୍ର ବିଶ୍ୱାଳଈ ସୂଚନା ଦେଇଛନ୍ତି ଯେ ସମସ୍ତ ଆହତ ଶ୍ରମିକ ସୁସ୍ଥ ହୋଇସାରିଛନ୍ତି ଏବଂ ସୋସିଆଲ ମିଡିଆରେ ପ୍ରସାରିତ ମିଥ୍ୟା ଗୁଜବ ପ୍ରତି କର୍ଣ୍ଣପାତ ନକରିବାକୁ ସାଧାରଣ ଲୋକଙ୍କୁ ନିବେଦନ କରାଯାଇଛି ।

## ୧.୭୧୬୬ ଘନମିଟର କାଠ ଜବତ : ଜଣେ ଗିରଫ

**ମାଲକାନଗିରି, ୨୨/୯(ନି.ପ୍ର) :** ବେଆଇନ ଭାବେ କାଠ ମହଜୁଦ ରଖିବା ଅଭିଯୋଗରେ ମାଲକାନଗିରି ବନ ବିଭାଗର ବଡ଼ଧରଣର ଚଢ଼ାଉ । ଏମ୍ ?ଭି-୨୪ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ସର୍ଚ୍ଚ ୱାରେଣ୍ଟ ବଳରେ ତଲାସ କରି ବନ ବିଭାଗ ବିପୁଳ ପରିମାଣର କାଠ ଜବତ କରିଛି । ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ବନ ବିଭାଗର ସୂଚନା ଅନୁଯାୟୀ, ୨୨ ସେପ୍ଟେମ୍ବରରେ ଏକ ବିଶେଷ ସୂତ୍ରରୁ ବେଆଇନ କାଠ ମହଜୁଦ ସମ୍ପର୍କରେ ସୂଚନା ମିଳିଥିଲା । ସୂଚନାକୁ ଆଧାର କରି ମାଲକାନଗିରି ବନାଞ୍ଚଳର ବନ କର୍ମଚାରୀମାନେ ଏମ୍‌ଭି-୨୪ ଗ୍ରାମର ବିଧାନ ବୈରାଗୀଙ୍କ ଘରେ ସର୍ଚ୍ଚ ୱାରେଣ୍ଟ ନେଇ ତଲାସ କରିଥିଲେ । ତଲାସ ସମୟରେ ଘରୁ ୬୩ଟି ଶାଗୁଆନ ପଟା, ୩୩ଟି ବିଯା ପଟା, ୮ଟି ଶାଗୁଆନ ସାଇଜ ଓ ୧୨ଟି ବିଯା ସାଇଜ ଜବତ ହୋଇଥିଲା । ଜବତ କାଠର ମୋଟ ପରିମାଣ ୧.୭୧୬୬ ଘନମିଟର ବୋଲି ବନ ବିଭାଗ ପକ୍ଷରୁ



କୁହାଯାଇଛି । ବନ ବିଭାଗ କାଠଗୁଡ଼ିକୁ ଜବତ କରିବା ସହ ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ପରେ ତାଙ୍କୁ କୋର୍ଟରେ ହାଜର କରାଯାଇଛି । ବେଆଇନ କାଠ କାରବାର ଓ ବନ ସମ୍ପଦ ଲୁଟ ବିରୋଧରେ ବନ ବିଭାଗର ଏଭଳି ଚଢ଼ାଉ ଆଗକୁ ମଧ୍ୟ ଜାରି ରହିବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି ।

## ବସ୍ତି ଉଚ୍ଛେଦ ବନ୍ଦ ଦାବିରେ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚର ବିଶାଳ ବିକ୍ଷୋଭ

**କଟକ,୨୨/୯ (ନି.ପ୍ର):** ବସ୍ତି ବାସିନ୍ଦାଙ୍କୁ ଭୂମି ଅଧିକାର (land right) ଦେବା, ବିନା ଥଇଥାନରେ ଲଗାତାର ଚାଲିଥିବା ବସ୍ତି ଉଚ୍ଛେଦ ବନ୍ଦ କରିବା, ଜୀବିକା ସୁରକ୍ଷାର ଆବଶ୍ୟକତା ପାଇଁ କର୍ମସ୍ଥଳ ନିକଟରେ ଥଇଥାନ କରିବା, ସମ୍ବିଧାନ ଓ ଆଇନ ଅନୁସାରେ ବସ୍ତି ଗୁଡିକୁ ଓ ବସ୍ତି ବାସିନ୍ଦାଙ୍କୁ ମଣିଷ ରହିବା ଯୋଗ୍ୟ ପରିବେଶ ଯୋଗାଇ ଦେବା, କଟକ ମହାନଗରର ବସ୍ତି ଓ ବସ୍ତି ବାସିନ୍ଦାଙ୍କ ପୂର୍ଣ୍ଣ ତାଲିକା ସାର୍ବଜନୀନ କରିବା ଦାବିରେ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ବସ୍ତି ବାସିନ୍ଦାଙ୍କ ଏକ ବିଶାଳ ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପାଞ୍ଚ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଜିଲାପାଳଙ୍କ ଜରିଆରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଦିଆ ଯାଇଥିଲା । ବିକ୍ଷୋଭ ସ୍ଥଳରେ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚର ଆବାହକ ଖଗେଶ୍ୱର ସେଠୀଙ୍କ ପରିଚାଳନାରେ ଓ ବସ୍ତି




ବାସିନ୍ଦାଙ୍କ ଦାବିର ସମର୍ଥନରେ ବିଶ୍ୱାବସୁ ଦାସ, ରାଜକିଶୋର ମଲ୍ଲିକ, ବସନ୍ତ ନାୟକ ପ୍ରମୁଖ ବକ୍ତବ୍ୟ ଦେଇଥିଲେ । ବସ୍ତି ନେତା ଦୀପକ ଦାସ, ସ୍ୱାଧୀନ ବେହେରା, ସିପ୍ରା ମହାନ୍ତି, ସୁକାନ୍ତ ନାୟକ, ନୟନା ନାୟକ, ଗଙ୍ଗାଧର ଦଳାଇ, ସୁଜାତା ମହାପାତ୍ର, ବିଚିତ୍ର ପାତ୍ର, ଶିବ ବେହେରା,ସୁରେନ୍ଦ୍ର ନାଥ ମୁର୍ମୁ, ଚାନ୍ଦୁ ହେମ୍ବ୍ରମ, ଜିତୁ ମାରାଣ୍ଡି, ବାପି ମୁର୍ମୁ, ରେଣୁବାଳା ଦାସ, ଗୀତା ଦେବୀ ଶାହା, ସରସ୍ୱତୀ ସୂତାର, ଜ୍ୟୋତ୍ସ୍ନା ପାଲ, ଶାନ୍ତିଲତା ପ୍ରଧାନ, ଧରଣୀଧର ମହାରଣା, ପ୍ରଦୀପ ସେନାପତି ମହେନ୍ଦ୍ର ପରିଡ଼ା, ରୀନା ମଲ୍ଲିକ, ଧନୀ ସାହୁ, ରିତା ଦଳାଇ କାହ୍ନୁ ଚରଣ ଦାଶ, ସୁଦର୍ଶନ ବାରିକ, ଦୀନବନ୍ଧୁ ନାୟକ ସସ୍ମିତା ଦାସ ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ନିର୍ବାଚନ ପ୍ରତିଶୃତିରେ ବିଜେପି କହିଥିଲା ଆମେ ସରକାର କଲେ ସମସ୍ତ ବସ୍ତି ବାସିନ୍ଦାଙ୍କୁ ପଟା ଦେବୁ । ନିର୍ବାଚିତ ହୋଇ ପାଖାପାଖି ଅଢେଇ ବର୍ଷ ଶାସନ କଲେଣି । ଦୁଃଖର ବିଷୟ ପଟା ଦେବା ତ ଦୂରର କଥା ଗୋଟିଏ ପରେ ଗୋଟିଏ ବସ୍ତି କୁ ଉଚ୍ଛେଦ କରିଚାଲିଛନ୍ତି । ଏହି ଅମାନବୀୟ କାର୍ଯ୍ୟରୁ ନିବୃତ ରହି ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ଦାବି ରାଯାଇଛି ।

